

# ଆମ ବିଚିତ୍ର ବିଶ୍ୱ

## ଚତୁର୍ଥ ଶ୍ରେଣୀ

## ପରିବେଶ ପାଠ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର



# ଆମ ବିଚିତ୍ର ବିଶ୍ୱ

**ଚତୁର୍ଥ ଶ୍ରେଣୀ**

**ପରିବେଶ ପାଠ**

ପରୀକ୍ଷାମୂଳକ ସଂସ୍କରଣ ୨୦୨୬


**ସମ୍ପାଦକ ମଣ୍ଡଳୀ :**

ଶ୍ରୀ ରବୀନ୍ଦ୍ର ନାଥ ସ୍ୱାଇଁ
ଶ୍ରୀ ଶିବ ପ୍ରସାଦ ବାଗ୍
ଶ୍ରୀମତୀ ଜୟନ୍ତୀ ଦାସ
ଶ୍ରୀମତୀ ଦେବସ୍ମିତା ମହାରଥୀ

**ସମୀକ୍ଷକ ମଣ୍ଡଳୀ :**

ଶ୍ରୀ ଉତ୍କଳ ରଞ୍ଜନ ମହାନ୍ତି
ଶ୍ରୀ ରାଜକିଶୋର ପଣ୍ଡା
ଶ୍ରୀ ପ୍ରମୋଦ କୁମାର ଦାଶ
ଶ୍ରୀ ରବୀନ୍ଦ୍ର ନାଥ ସ୍ୱାଇଁ

**ସଂଯୋଜିକା :**

ଶ୍ରୀମତୀ ପ୍ରଲିପ୍ତା ମିଶ୍ର

**ବିଷୟ ବିଶେଷଜ୍ଞ :**

ଡ. ଗୌରାଙ୍ଗ ମହାନ୍ତି

**ମୁଖ୍ୟ ସଂଯୋଜିକା :**

ଡ. ସବିତା ସାହୁ



**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡିଟିପି ଓ ଡିଜାଇନ୍ :** **ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର**

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର


https://withteachers.in/

# ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି ୨୦୨୦ ଦ୍ୱାରା ପରିକଳ୍ପିତ ବିଦ୍ୟାଳୟ ଶିକ୍ଷାର ମୌଳିକ ପର୍ଯ୍ୟାୟ ଶିକ୍ଷାର୍ଥୀମାନଙ୍କ ସାମଗ୍ରିକ ବିକାଶ ପାଇଁ ଭିତ୍ତିଭୂମି ଭାବରେ କାର୍ଯ୍ୟ କରେ । ଏହା ସେମାନଙ୍କୁ କେବଳ ଆମ ଦେଶର ନୈତିକ ଓ ସାମ୍ବିଧାନିକ ଢାଞ୍ଚାରେ ଆଧାରିତ ଅମୂଲ୍ୟ ସଂସ୍କାର ଗ୍ରହଣ କରିବାରେ ସକ୍ଷମ କରେ ତାହା ନୁହେଁ, ବରଂ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହାସଲ କରିବାରେ ମଧ୍ୟ ସେମାନଙ୍କୁ ସମର୍ଥ କରେ । ଏହି ଭିତ୍ତିଭୂମି ସେମାନଙ୍କୁ ଅଧିକ ଆହ୍ୱାନପୂର୍ଣ୍ଣ 'ପ୍ରସ୍ତୁତି ପର୍ଯ୍ୟାୟ' ପାଇଁ ଅଗ୍ରସର ହେବାରେ ସହାୟତା କରେ ।

ମୌଳିକ ପର୍ଯ୍ୟାୟ ଓ ମଧ୍ୟ ପର୍ଯ୍ୟାୟ ମଧ୍ୟରେ ପ୍ରସ୍ତୁତି ପର୍ଯ୍ୟାୟ (ତୃତୀୟରୁ ପଞ୍ଚମ ଶ୍ରେଣୀ) ଏକ ସେତୁ ଭାବରେ କାର୍ଯ୍ୟ କରେ । ଏହି ପର୍ଯ୍ୟାୟରେ ପ୍ରଣୟନ ହେଉଥିବା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ମୌଳିକ ପର୍ଯ୍ୟାୟର ଶିକ୍ଷାଗତ ଆଭିମୁଖ୍ୟ ଉପରେ ପର୍ଯ୍ୟବସିତ । କ୍ରୀଡ଼ାଭିତ୍ତିକ ଏବଂ ଆବିଷ୍କାରମୂଳକ କାର୍ଯ୍ୟଭିତ୍ତିକ ଶିକ୍ଷଣ ପଦ୍ଧତି ପ୍ରଚଳନ ହେବା ସହିତ ପିଲାମାନଙ୍କୁ ପାଠ୍ୟପୁସ୍ତକ ଏବଂ ଆନୁଷ୍ଠାନିକ ଶ୍ରେଣୀଗୃହ ବ୍ୟବସ୍ଥା ସହିତ ମଧ୍ୟ ପରିଚିତ କରାଯାଏ । ଏହି ପରିଚୟର ଉଦ୍ଦେଶ୍ୟ ହେଉଛି ପାଠ୍ୟକ୍ରମ କ୍ଷେତ୍ରରେ ଏକ ଭିତ୍ତିଭୂମି ପ୍ରତିଷ୍ଠା କରିବା ସହିତ ପଢ଼ିବା, ଲେଖିବା, କହିବା, ଚିତ୍ରାଙ୍କନ କରିବା, ଗୀତ ଗାଇବା ଏବଂ ଖେଳିବା ମାଧ୍ୟମରେ ସାମଗ୍ରିକ ଶିକ୍ଷା ଏବଂ ଆତ୍ମ-ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା । ଏହି ବ୍ୟାପକ ଆଭିମୁଖ୍ୟରେ ଶାରୀରିକ ଶିକ୍ଷା ସହ, କଳା ଶିକ୍ଷା, ପରିବେଶ ଶିକ୍ଷା, ଭାଷା, ଗଣିତ, ମୌଳିକ ବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ଅନ୍ତର୍ଭୁକ୍ତ । ଏହି ଆଭିମୁଖ୍ୟ ସୁନିଶ୍ଚିତ କରେ ଯେ ଶିକ୍ଷାର୍ଥୀମାନେ ଜ୍ଞାନାତ୍ମକ, ଶାରୀରିକ ଓ ଆବେଗାତ୍ମକ ରୂପେ ମଧ୍ୟ ପର୍ଯ୍ୟାୟକୁ ସ୍ଥାନାନ୍ତରିତ ପାଇଁ ଦୃଢ଼ ଭାବରେ ପ୍ରସ୍ତୁତ ଅଛନ୍ତି । ଏନସିଏଫ-ଏଫଏସ୍ ୨୦୨୨ ଓ ଏନସିଏଫ-ଏସ ଇ ୨୦୨୩କୁ ଭିତ୍ତି କରି ଆମ ରାଜ୍ୟରେ ବିଦ୍ୟାଳୟ ଶିକ୍ଷା ପାଇଁ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ପ୍ରସ୍ତୁତ କରାଯାଇଛି ।

ଜାତୀୟ ଶିକ୍ଷାନୀତି ୨୦୨୦ ଓ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନସିଏଫ–ଏସଇ)ର ସୁପାରିଶକୁ ଅନୁସରଣ କରି ପ୍ରସ୍ତୁତି ପର୍ଯ୍ୟାୟରେ ''ଆମ ଚତୁଃପାର୍ଶ୍ୱର ବିଶ୍ୱ'' (ପରିବେଶ ପାଠ) ନାମକ ଏକ ବିଷୟ ପ୍ରକାଶ ପାଇଛି । ଏହି ବିଷୟର ଉଦ୍ଦେଶ୍ୟ ହେଉଛି ଅନୁଭୂତିମୂଳକ ଶିକ୍ଷଣ ପଦ୍ଧତି ମାଧ୍ୟମରେ ପରିବେଶ ଶିକ୍ଷା ପ୍ରଦାନ କରିବା, ପିଲାଙ୍କ ଅନୁଭୂତିକୁ ବିଭିନ୍ନ ବିଷୟର ମୌଳିକ ଧାରଣା ସହିତ ଯୋଡ଼ିବା ଯାହା ସେମାନେ ମଧ୍ୟ ପର୍ଯ୍ୟାୟରେ ଅଧ୍ୟୟନ କରିବେ । ଆମ ରାଜ୍ୟରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଅନୁଯାୟୀ ନୂତନ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି ।

'ଆମ ବିଚିତ୍ର ବିଶ୍ୱ' ପରିବେଶ ପାଠ ପାଇଁ ଉଦ୍ଦିଷ୍ଟ ଏକ ପାଠ୍ୟପୁସ୍ତକ । ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଦୁନିଆ ବିଷୟରେ ଜଣାଇବା ଓ ସେମାନଙ୍କର ଦୈନନ୍ଦିନ ଶିକ୍ଷାକୁ ବିଭିନ୍ନ ବିଷୟ ଯଥା- ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ପରିବେଶର



https://withteachers.in/

ମୌଳିକ ଧାରଣା ସହିତ ଯୋଡ଼ିବାରେ ସାହାଯ୍ୟ କରିବା ପାଇଁ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି- ପରିବେଶ ପ୍ରତି ସେମାନଙ୍କର ସମ୍ବେଦନଶୀଳତାକୁ ବୃଦ୍ଧି କରିବା, ଗୋଷ୍ଠୀ ସହିତ କାର୍ଯ୍ୟ କରିବାର ଦକ୍ଷତାକୁ ବିକାଶ କରିବା ଏବଂ ବିଭିନ୍ନ ବୃତ୍ତି ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା।

'ଆମ ବିଚିତ୍ର ବିଶ୍ୱ' ପାଠ୍ୟପୁସ୍ତକଟି ଶିକ୍ଷାର୍ଥୀମାନଙ୍କର ଧାରଣାଗତ ବୋଧ, ସମାଲୋଚନାତ୍ମକ ଚିନ୍ତାଧାରା, ସୃଜନଶୀଳତା, ମୂଲ୍ୟବୋଧ ଏବଂ ସ୍ୱଭାବ ଉପରେ ଗୁରୁତ୍ୱାରୋପ କରେ । ଏଥିରେ ଅନ୍ତର୍ନିବେଶୀ ଶିକ୍ଷା, ବହୁଭାଷିକତା, ଲିଙ୍ଗଗତ ସମାନତା, ସାଂସ୍କୃତିକ ମୂଳତା, ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟା ଉପକରଣ ଏବଂ ବିଦ୍ୟାଳୟଭିତ୍ତିକ ମୂଲ୍ୟାୟନକୁ ସମନ୍ୱିତ କରିବା ଭଳି କ୍ରସ୍-କଟିଙ୍ଗ୍ ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରାଯାଇଛି।

ଏହି ପର୍ଯ୍ୟାୟରେ ଶିକ୍ଷାର୍ଥୀମାନଙ୍କର କୌତୂହଳପୂର୍ଣ୍ଣ ପ୍ରଶ୍ନର ସରଳ ସମାଧାନ କରିବା ଏବଂ ଶିଶୁକେନ୍ଦ୍ରୀକ ଶିକ୍ଷଣ ନୀତି ଆଧାରରେ ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । 'କ୍ରୀଡ଼ାଭିତ୍ତିକ' ପଦ୍ଧତି ପ୍ରଣୟନ ହେବା ସମୟରେ ଶିକ୍ଷାଦାନ ପାଇଁ ବ୍ୟବହୃତ ଖେଳନା ଓ ଖେଳ ପ୍ରତି ଶିକ୍ଷାର୍ଥୀମାନେ ଆକର୍ଷିତ ହେବା ସହିତ ଏଥିରେ ସେମାନଙ୍କର ସମ୍ପୃକ୍ତି ବୃଦ୍ଧି ପାଇବା ଆବଶ୍ୟକ ।

ଏହି ପାଠ୍ୟପୁସ୍ତକ ବ୍ୟତୀତ ଶିକ୍ଷାର୍ଥୀମାନେ ଏହି ବିଷୟରେ ଅତିରିକ୍ତ ସମ୍ବଳ ଅନୁସନ୍ଧାନ କରିବା ମଧ୍ୟ ଆବଶ୍ୟକ । ବିଦ୍ୟାଳୟ ପାଠାଗାର ଏହି ସମ୍ପ୍ରସାରିତ ଶିକ୍ଷଣକୁ ସୁଗମ କରିବା ଉଚିତ ଏବଂ ଅଭିଭାବକ ଓ ଶିକ୍ଷକ/ଶିକ୍ଷୟିତ୍ରୀମାନେ ସେମାନଙ୍କ ପ୍ରୟାସକୁ ସମର୍ଥନ କରିବା ଉଚିତ।

ଏକ ପ୍ରଭାବଶାଳୀ ଶିକ୍ଷଣ ପରିବେଶ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରେ, ସେମାନଙ୍କୁ ନିୟୋଜିତ ରଖେ ଏବଂ ଶିକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଉତ୍ସୁକତା ଏବଂ ବିସ୍ମୟଭାବ ସୃଷ୍ଟି କରେ ।

ନୂତନ ପାଠ୍ୟପୁସ୍ତକଗୁଡ଼ିକୁ ପ୍ରସ୍ତୁତ କରିଥିବା ଏନ. ସି. ଇ. ଆର. ଟି, ନୂଆଦିଲ୍ଲୀର ସମସ୍ତ ଶିକ୍ଷାବିତଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି । ଏଥିସହିତ ଆମ ରାଜ୍ୟରେ ପାଠ୍ୟପୁସ୍ତକଗୁଡ଼ିକୁ ଅନୁବାଦ ଓ ପ୍ରାସଙ୍ଗିକ କରିବା କାର୍ଯ୍ୟରେ ସହଯୋଗ କରିଥିବା ଓଡ଼ିଶାର ଶିକ୍ଷାବିତ, ବିଷୟ ବିଶେଷଜ୍ଞ, ଚିତ୍ରକର ଓ ଭାଷାବିତମାନଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି । ଖୁବ କମ୍ ସମୟ ମଧ୍ୟରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି। ଆମ ରାଜ୍ୟର ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହିତ ଶିକ୍ଷାର୍ଥୀମାନେ ଖୁସିରେ ଶିଖିବା ପାଇଁ ଏହି ପାଠ୍ୟପୁସ୍ତକ ନିଶ୍ଚିତ ସାହାଯ୍ୟ କରିବ ବୋଲି ଆଶା କରୁଛି । ପରୀକ୍ଷାମୂଳକ ଭାବରେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ପୁସ୍ତକଟିର ଗୁଣବତ୍ତାର ଅଧିକ ଉନ୍ନତି ସାଧନ ପାଇଁ ଆପଣମାନଙ୍କର ଗଠନମୂଳକ ମତାମତକୁ ସ୍ୱାଗତ କରୁଛି ।

**(ମନୋଜ କୁମାର ପାଢ଼ୀ)**
ନିର୍ଦ୍ଦେଶକ
**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ**
**ରାଜ୍ୟ ଶିକ୍ଷା ଗବେଷଣା ଓ**
**ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ଭୁବନେଶ୍ୱର**



https://withteachers.in/

# ପୁସ୍ତକ ବିଷୟରେ....

ଜାତୀୟ ଶିକ୍ଷା ନୀତି (ଘରଚ) ୨୦୨୦ ଏକ ପରିବର୍ତ୍ତନକାରୀ ଶିକ୍ଷା ବ୍ୟବସ୍ଥାର କଳ୍ପନା କରେ ଯାହା ଭାରତୀୟ ମୂଲ୍ୟବୋଧ ଏବଂ ସଂସ୍କୃତି ଉପରେ ଆଧାରିତ। ଆକର୍ଷଣୀୟ, ଅଭିଜ୍ଞତାମୂଳକ ଏବଂ ଅନୁସନ୍ଧାନମୂଳକ ଶିକ୍ଷଣ ଅଭିଜ୍ଞତା ସୃଷ୍ଟି କରି, ଏହି ଦୃଷ୍ଟିକୋଣକୁ ବାସ୍ତବରେ ପରିଣତ କରାଯାଇପାରିବ। ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ -୨୦୨୩ (NCF-SE ୨୦୨୩), ତୃତୀୟରୁ ପଞ୍ଚମ ଶ୍ରେଣୀ ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ 'ଆମ ଚତୁଃପାର୍ଶ୍ୱର ଜଗତ'କୁ ଏକ ମୁଖ୍ୟ ପାଠ୍ୟକ୍ରମ ବିଷୟ ଭାବରେ ଗ୍ରହଣ କରିଛି। 'ଆମ ଚତୁଃପାର୍ଶ୍ୱର ଜଗତ' ବିଷୟଟି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ପାରିପାର୍ଶ୍ୱିକ ପରିବେଶକୁ ଆବିଷ୍କାର କରିବା ସହିତ ପରିବେଶ ସହିତ ଜଡ଼ିତ ହେବାରେ ସାହାଯ୍ୟ କରେ।

ଏହି ବିଷୟ ଅଧ୍ୟୟନ କରିବା ଦ୍ୱାରା ସେମାନଙ୍କ ମନରେ ପରିବେଶକୁ ଆପଣାଇବା ଓ ପରିବେଶ ପ୍ରତି ଦାୟିତ୍ୱବୋଧର ଭାବନା ଆସିଥାଏ। ନିଜର ଭୌତିକ, ସାମାଜିକ ଏବଂ ପ୍ରାକୃତିକ ପରିବେଶକୁ ଅନୁସନ୍ଧାନ କରି, ଶିକ୍ଷାର୍ଥୀମାନେ ସେମାନଙ୍କ ଚାରିପାଖର ବିଶ୍ୱ ପ୍ରତି ସଚେତନତା, ସମ୍ବେଦନଶୀଳତା ଏବଂ ଗଭୀର କୃତଜ୍ଞତା ପ୍ରକାଶ କରିବା ଶିଖନ୍ତି। ଜିଜ୍ଞାସାକୁ ଉତ୍ସାହିତ କରିବା, ସ୍ୱ-ହସ୍ତକୃତ କାର୍ଯ୍ୟକଳାପ ଦ୍ୱାରା ଅନୁସନ୍ଧାନ କରିବା ଏବଂ ନିଜ ଚାରିପାଖରେ ଥିବା ଲୋକ ତଥା ବସ୍ତୁ ସହିତ ପ୍ରତିକ୍ରିୟା କରି ଶିଖିବା ଆଦି ଦ୍ୱାରା ଶିକ୍ଷାର୍ଥୀମାନେ ନିଜ ଚତୁଃପାର୍ଶ୍ୱର ବିଶ୍ୱକୁ ଅଧିକ ସାମଗ୍ରିକ ଢଙ୍ଗରେ ବୁଝିପାରନ୍ତି। ତେଣୁ ଏହି ପାଠ୍ୟକ୍ରମ ବିଷୟଟିକୁ ସମନ୍ୱିତ ଏବଂ ବିଭିନ୍ନ ବିଷୟ ସହିତ ସମ୍ପର୍କିତ କରାଯାଇଛି।

ଜାତୀୟ ଶିକ୍ଷାନୀତି ୨୦୨୦ର ସୁପାରିଶକୁ ଆଧାର କରି ଏବଂ ଶିକ୍ଷାର୍ଥୀମାନଙ୍କ ମନରେ ଜିଜ୍ଞାସା ଜାଗ୍ରତ କରିବା ଏବଂ ଅଭିଜ୍ଞତାମୂଳକ ଶିକ୍ଷାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଚତୁର୍ଥ ଶ୍ରେଣୀ ନିମନ୍ତେ 'ଆମ ବିଚିତ୍ର ବିଶ୍ୱ' ପାଠ୍ୟପୁସ୍ତକଟି ଯତ୍ନର ସହିତ ପ୍ରସ୍ତୁତ କରାଯାଇଛି। ସ୍ୱ-ହସ୍ତକୃତ କାର୍ଯ୍ୟକଳାପ (hands-on activity) ଏବଂ ଜିଜ୍ଞାସା ମାଧ୍ୟମରେ, ଶିକ୍ଷାର୍ଥୀମାନେ ସେମାନଙ୍କ ଚାରିପାଖର ବିଶ୍ୱକୁ ଅନୁସନ୍ଧାନ ଏବଂ ଆବିଷ୍କାର କରିବାର ସୁଯୋଗ ଦିଆଯାଇଛି। ବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ ପରିବେଶ ଶିକ୍ଷାକୁ ଏକୀକୃତ କରି, ଏହି ପୁସ୍ତକ ଶିକ୍ଷାକୁ ବାସ୍ତବ ଜୀବନର ଅଭିଜ୍ଞତା ସହିତ ଯୋଡ଼େ, ସମସ୍ୟା ସମାଧାନ ଦକ୍ଷତାକୁ ବୃଦ୍ଧି କରେ ଏବଂ ସମାଲୋଚନାମୂଳକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରେ। ଏହାର ଲକ୍ଷ୍ୟ ହେଉଛି ଆବଶ୍ୟକୀୟ ଜ୍ଞାନ, ଦକ୍ଷତା, ମୂଲ୍ୟବୋଧ ସହିତ ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା ଯାହାଫଳରେ ସେମାନେ ପରିବେଶକୁ ବୁଝିପାରିବେ ଏବଂ ପରିବେଶ ସହିତ ସମ୍ପର୍କ ସ୍ଥାପନ କରିପାରବେ। ପରିବେଶ ସହିତ ଆନନ୍ଦମୟ ଏବଂ କୌତୁହଳୀ ସମ୍ପର୍କ ମାଧ୍ୟମରେ, ଶିକ୍ଷାର୍ଥୀମାନେ ସେମାନଙ୍କର ଅଧିକରୁ ଅଧିକ ଶିଖନ୍ତି ଏବଂ ନିଜ ଚାରିପାଖର ବିଶ୍ୱ ପାଇଁ ଜୀବନବ୍ୟାପୀ ସେମାନଙ୍କ ମନରେ ପ୍ରଶଂସାର ଭାବନା ଜାଗ୍ରତ ହୁଏ।

ତୃତୀୟ ଶ୍ରେଣୀର ପାଠ୍ୟପୁସ୍ତକରେ ଦିଆଯାଇଥିବା ମୌଳିକ ଧାରଣାକୁ ଆଧାର କରି, ଏହି ପୁସ୍ତକଟି, ପାଞ୍ଚଗୋଟି ଏକକ (ଆମର ଗୋଷ୍ଠୀ, ଆମ ଚାରିପାଖର ଜୀବନ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଆମ ଚାରିପାଖରେ ଥିବା ଜିନିଷ ଏବଂ ଆମ ପରିବେଶ) ସମ୍ପର୍କରେ ବିକାଶାତ୍ମକ ପ୍ରଗତିଶୀଳ କାର୍ଯ୍ୟକଳାପ ଏବଂ ଆଲୋଚନା ପ୍ରଦାନ କରେ। ପ୍ରତ୍ୟେକ ଏକକ ସମାନ ଏବଂ ଆକର୍ଷଣୀୟ ଢାଞ୍ଚା ଅନୁସରଣ କରେ, ଯାହା ଯତ୍ନର ସହିତ ପ୍ରସ୍ତୁତି ପର୍ଯ୍ୟାୟର ଶିକ୍ଷାର୍ଥୀଙ୍କୁ ଆକର୍ଷିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ନିର୍ଦ୍ଦିଷ୍ଟ ଏକକରେ ସ୍ଥାନ ପାଇଥିବା ପ୍ରତ୍ୟେକ ଅଧ୍ୟାୟ ପାରସ୍ପରିକ କଥାବାର୍ତ୍ତା କିମ୍ବା ବର୍ଣ୍ଣନା, ପର୍ଯ୍ୟବେକ୍ଷଣ ଏବଂ ଅନୁମାନ କାର୍ଯ୍ୟକଳାପ, ପରୀକ୍ଷଣ, କ୍ଷେତ୍ର ପରିଦର୍ଶନ ଏବଂ ଅନୁସନ୍ଧାନ ଆଦିକୁ ଅନ୍ତର୍ଭୁକ୍ତ କରେ।

ଉଦାହରଣ ସ୍ୱରୂପ, ଚତୁର୍ଥ ଏକକ –"ଆମ ଚାରିପାଖରେ ଥିବା ଜିନିଷଗୁଡିକ"ରେ, ଅଧ୍ୟାୟଗୁଡ଼ିକ ପାରସ୍ପରିକ କଥାବାର୍ତ୍ତା ସହିତ ଆରମ୍ଭ ହୁଏ। ଏହି କଥାବାର୍ତ୍ତା ଶିକ୍ଷାର୍ଥୀ ମାନଙ୍କ ମନରେ କୌତୁହଳ ସୃଷ୍ଟି କରେ ଏବଂ ଏହି ଘଟଣାଟି ଅନୁସନ୍ଧାନ କରିବାକୁ ସେମାନଙ୍କୁ ଉତ୍ସାହିତ କରେ। ପରିସ୍ଥିତି ପରିବର୍ତ୍ତନ କରି ଏବଂ ନିଷ୍କର୍ଷ ବାହାର କରି, ଶିକ୍ଷାର୍ଥୀମାନେ ବୈଜ୍ଞାନିକ ପ୍ରକ୍ରିୟାଗୁଡ଼ିକୁ ଭଲ ଭାବରେ ବୁଝି ପାରନ୍ତି। ସେହିପରି, ଦ୍ୱିତୀୟ ଏକକର 'ପ୍ରକୃତି ପଥ' ଅଧ୍ୟାୟଟି ଶିକ୍ଷାର୍ଥୀମାନଙ୍କୁ ଏକ ସନ୍ତୁଳିତ ଏବଂ ସମନ୍ୱିତ ଜୀବନଶୈଳୀ ପାଇଁ ସମ୍ବଳ ସଂରକ୍ଷଣର ଗୁରୁତ୍ୱ ବୁଝିବାରେ ସାହାଯ୍ୟ କରେ।

ପ୍ରତ୍ୟେକ ଅଧ୍ୟାୟ ଶିକ୍ଷାର୍ଥୀମାନେ ସହଜରେ ବୁଝିପାରିଲା ଢଙ୍ଗରେ ବିଷୟବସ୍ତୁ ଉପସ୍ଥାପନ କରେ ଏବଂ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରେ। ବିଭିନ୍ନ ପ୍ରସଙ୍ଗରେ ଦିଆଯାଇଥିବା ପ୍ରହେଳିକାଗୁଡିକ ଶିକ୍ଷାର୍ଥୀମାନଙ୍କ



https://withteachers.in/

ମନରେ କୌତୁହଳ ସୃଷ୍ଟି କରେ, ସେମାନଙ୍କ ମୁହଁରେ ହସ ଆଣେ ଏବଂ ଶିକ୍ଷଣକୁ ଆନନ୍ଦଦାୟୀ କରିଥାଏ। ସ୍ୱୟଂ ସ୍ପଷ୍ଟ ଚିତ୍ରଗୁଡ଼ିକ ପିଲାମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷଣ ଏବଂ ସମାଲୋଚନାମୂଳକ-ଚିନ୍ତନ ଦକ୍ଷତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ପୁସ୍ତକରେ ବୟସ ଉପଯୋଗୀ ଭାଷା ଏବଂ ଧାରଣାଗୁଡ଼ିକ ବ୍ୟବହାର କରାଯାଇଛି ଯାହା ଆମ ଦେଶର ବିବିଧତାକୁ ପ୍ରତିଫଳିତ କରେ। ଭାରତୀୟ ଜ୍ଞାନ ବିଷୟବସ୍ତୁ ଏବଂ ଚିତ୍ରଣରେ ସମନ୍ୱିତ ହୋଇଛି, ଯାହା ଶିକ୍ଷାର୍ଥୀମାନଙ୍କୁ ଆମ ଦେଶର ସମୃଦ୍ଧ ସଂସ୍କୃତି ଏବଂ ଐତିହ୍ୟକୁ ପ୍ରଶଂସା କରିବାକୁ କରିବାକୁ ପ୍ରେରିତ କରିଥାଏ। ସ୍ୱଦେଶୀ ପରମ୍ପରାଗୁଡ଼ିକୁ କେସ୍ ଷ୍ଟଡି, ଚିତ୍ରଣ ଏବଂ କାର୍ଯ୍ୟକଳାପ ମାଧ୍ୟମରେ ଆଲୋକପାତ କରାଯାଇଛି। ପରିବାର ସଦସ୍ୟଙ୍କ ସହିତ କଥାବାର୍ତ୍ତା, ସ୍ଥାନୀୟ ଅଞ୍ଚଳ ସମୀକ୍ଷା ଏବଂ ସାଙ୍ଗସାଥିଙ୍କ ସହ କଥାବାର୍ତ୍ତା ଭଳି ବିବିଧ ଅଭିଜ୍ଞତା ମାଧ୍ୟମରେ ସାମାଜିକ ଘଟଣାବଳୀର ଅନୁସନ୍ଧାନ କରିବାର ସୁଯୋଗ ରହିଛି। ଯତ୍ନ, ଚିନ୍ତାବୋଧ ଏବଂ ପ୍ରକୃତି ପ୍ରତି ସମ୍ମାନ ଉପରେ ଗୁରୁତ୍ୱ ଦେଉଥିବା କାର୍ଯ୍ୟକଳାପ ମାଧ୍ୟମରେ ଅତ୍ୟାବଶ୍ୟକ ମୂଲ୍ୟବୋଧ ଏବଂ ସ୍ୱଭାବର ବିକାଶକୁ ପ୍ରୋତ୍ସାହିତ କରାଯାଇଛି।ଏହି ପଦ୍ଧତି ଶିକ୍ଷାର୍ଥୀମାନଙ୍କୁ ଦାୟିତ୍ୱସମ୍ପର୍ଣ୍ଣ ନିଷ୍ପତ୍ତି ନେବାକୁ ସଶକ୍ତ କରିବା ସହିତ 'ବସୁଧୈବ କୁଟୁମ୍ବକମ୍' (ସମଗ୍ର ବିଶ୍ୱ ଏକ ପରିବାର) ପରି ଏକ ମହାନ ଦୃଷ୍ଟିକୋଣ ସହିତ ପରିଚିତ କରାଏ।

ପ୍ରତ୍ୟେକ ଏକକ ଆରମ୍ଭରେ ସେଥିରେ ଦିଆଯାଇଥିବା ଧାରଣାଗୁଡ଼ିକ ଏବଂ ଶିକ୍ଷାର୍ଥୀମାନଙ୍କଠାରୁ ଆଶା କରାଯାଉଥିବା ପ୍ରତ୍ୟାଶିତ ଫଳାଫଳ ସମ୍ପର୍କରେ ଆଲୋଚନା କରାଯାଇଛି। ଖେଳ-ଆଧାରିତ, ବିଷୟବସ୍ତୁ-ଆଧାରିତ, ଖେଳଣା-ଆଧାରିତ ଏବଂ ଅନୁସନ୍ଧାନମୂଳକ ଆଦି ପଦ୍ଧତି ବ୍ୟବହାର କରିବା ଦ୍ୱାରା, ଶିକ୍ଷଣ ପ୍ରକ୍ରିୟାକୁ ଶିଶୁ-କେନ୍ଦ୍ରିକ ତଥା ଆକର୍ଷଣୀୟ କରିବାର ପ୍ରୟାସ କରାଯାଇଛି। କାର୍ଯ୍ୟକଳାପଗୁଡ଼ିକୁ ସହଜ କରିବା ପାଇଁ ଅତିରିକ୍ତ ସ୍ପଷ୍ଟତା ଏବଂ ମାର୍ଗଦର୍ଶନ ପ୍ରଦାନ ନିମନ୍ତେ ରହିଛି 'ଶିକ୍ଷକମାନଙ୍କ ପାଇଁ ସୂଚନା'। ପ୍ରତ୍ୟେକ ଅଧ୍ୟାୟ 'ତୁମେ ଜାଣ କି' ବିଭାଗରେ ଆକର୍ଷଣୀୟ ତଥ୍ୟ ମଧ୍ୟ ପ୍ରଦାନ କରେ, ଯାହା ଶିକ୍ଷାର୍ଥୀମାନଙ୍କୁ ସମାଲୋଚନାମୂଳକ ଭାବରେ ଚିନ୍ତା କରିବାକୁ ଏବଂ ବିଷୟଗୁଡ଼ିକୁ ଅଧିକ ଗଭୀର ଭାବରେ ଅନୁସନ୍ଧାନ କରିବାକୁ ଉତ୍ସାହିତ କରେ।

ଏକ ନିର୍ଦ୍ଦିଷ୍ଟ ଶବ୍ଦର ସମାନ ଅର୍ଥ ବୁଝାଉଥିବା ବିଭିନ୍ନ ଭାରତୀୟ ଭାଷାରେ ଏକାପରି ଶବ୍ଦ ଅନୁସନ୍ଧାନ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଭଳି ପ୍ରସଙ୍ଗ ସମ୍ପର୍କିତ ନିର୍ଦ୍ଦିଷ୍ଟ ଉଦାହରଣ ଏବଂ କାର୍ଯ୍ୟକଳାପ ମାଧ୍ୟମରେ ଆମ ଦେଶର ଭାଷାଗତ ବିବିଧତା ସହିତ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାଇବାର ପ୍ରୟାସ କରାଯାଇଛି । ଉଦାହରଣ ସ୍ୱରୂପ, ନବମ ଅଧ୍ୟାୟ (ଭିନ୍ନ ଭୂମି, ଭିନ୍ନ ଜୀବନ)ରେ ବିଭିନ୍ନ ଭୂମିରୂପ ଯଥା ସମତଳ, ମରୁଭୂମି, ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ପର୍ବତ ସମ୍ବନ୍ଧରେ ଆଲୋଚନା କରାଯାଇଛି। ଖାଦ୍ୟ, ପୋଷାକ, କଳା ଏବଂ ବାସସ୍ଥାନ ଭଳି ସାମାଜିକ-ସାଂସ୍କୃତିକ ଦିଗ ଉପରେ ଭିନ୍ନ ଭିନ୍ନ ଭୂମିରୂପର ପ୍ରଭାବ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରାଯାଇଛି। ଆମ ଦେଶର ଚାରୋଟି ରାଜ୍ୟକୁ ପରିଦର୍ଶନର ଏକ ଉଦାହରଣ ମାଧ୍ୟମରେ ଏହି ଅଧ୍ୟାୟଟି ଆମ ଚାରିପାଖରେ ଥିବା ସମୃଦ୍ଧ ସାଂସ୍କୃତିକ ବିବିଧତାକୁ ପ୍ରଶଂସା କରିବାର ଭାବନା ଶିକ୍ଷାର୍ଥୀମାନଙ୍କ ମନରେ ସୃଷ୍ଟି କରାଏ । ଧୈର୍ଯ୍ୟ ଓ ସ୍ଥିରତା ଆଦି ଗୁଣଦ୍ୱାରା ଆମେ କିପରି ସଫଳତାର ସହ ପ୍ରତିକୂଳ ପରିସ୍ଥିତିର ଆହ୍ୱାନଗୁଡ଼ିକୁ ଦୂର କରିପାରୁ ତାହା ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ବୈଜ୍ଞାନିକ ଶବ୍ଦ ପ୍ରଚଳନ ନକରି ମଧ୍ୟ ଶିକ୍ଷାର୍ଥୀମାନେ କିପରି ସ୍ୱ -ହସ୍ତକୃତ କାର୍ଯ୍ୟକଳାପ ଦ୍ୱାରା ବୈଜ୍ଞାନିକ ପ୍ରକ୍ରିୟାର ଅଭିଜ୍ଞତା ପାଇପାରିବେ, ସେଥିପାଇଁ ଆମ ଚାରିପାଖରେ ଥିବା ଜିନିଷଗୁଡ଼ିକର ଅନୁସନ୍ଧାନ କରିବାର ଯୋଜନା କରାଯାଇଛି। ଅଧ୍ୟାୟଗୁଡ଼ିକରେ ଉଭୟ ପରମ୍ପରା ଏବଂ ଆଧୁନିକତାକୁ ଗୁରୁତ୍ୱ ଦିଆଯାଇଛି। ପୁସ୍ତକଟି ଶିକ୍ଷାର୍ଥୀମାନଙ୍କୁ ଭାରତର ସମୃଦ୍ଧ ଐତିହ୍ୟ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରୁଥିବା ସଙ୍ଗେ ସଙ୍ଗେ ଦୈନନ୍ଦିନ ଜୀବନରେ ପ୍ରଯୁକ୍ତିର ଗୁରୁତ୍ୱକୁ ମଧ୍ୟ ଜଣାଏ।

ପୁସ୍ତକଟିରେ ଏକ ସମନ୍ୱିତ ମୂଲ୍ୟାୟନ ପଦ୍ଧତି ଗ୍ରହଣ କରେ, ଯେଉଁଠାରେ ମୂଲ୍ୟାୟନ ପଦ୍ଧତିଗୁଡ଼ିକୁ ଶିକ୍ଷଣ ପଦ୍ଧତି ସହିତ ସମନ୍ୱିତ କରାଯାଇଛି। ପରୀକ୍ଷାରର ବୋଝକୁ ବାଦଦେଇ ଶିକ୍ଷଣ କାର୍ଯ୍ୟକଳାପଗୁଡ଼ିକୁ ବହୁବିଧ ପଦ୍ଧତି ମାଧ୍ୟମରେ ମୂଲ୍ୟାୟନ କରିବାର ବ୍ୟବସ୍ଥା ରହିଛି । ଏଥିରେ କଳାକୃତି ସୃଷ୍ଟି କରିବା, ଆଲୋଚନା କରିବା, ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା, ଅନୁସନ୍ଧାନ କରିବା, କ୍ଷେତ୍ର ପରିଭ୍ରମଣ ପ୍ରକଳ୍ପ, ସରଳ ପରୀକ୍ଷଣ ପରିଚାଳନା ଇତ୍ୟାଦି ଅନ୍ତର୍ଭୁକ୍ତ।

'ଆସ ଚିନ୍ତା କରିବା' ବିଭାଗ ଶିକ୍ଷାର୍ଥୀ ମାନଙ୍କୁ ଅଧ୍ୟାୟରୁ ସେମାନଙ୍କର ଶିକ୍ଷଣକୁ ସଂକ୍ଷେପଣ କରିବାର ସୁଯୋଗ ପ୍ରଦାନ କରେ। ପୁସ୍ତକରେ ଥିବା କାର୍ଯ୍ୟକଳାପଗୁଡ଼ିକ ପ୍ରସ୍ତାବିତ, ଯାହା ଶିକ୍ଷକମାନଙ୍କୁ ଆବଶ୍ୟକତା ଅନୁଯାୟୀ ଅତିରିକ୍ତ କାର୍ଯ୍ୟକଳାପ ପ୍ରସ୍ତୁତି କରିବାର ସୁଯୋଗ ଦିଏ।

'ଆମ ବିଚିତ୍ର ବିଶ୍ୱ' ପୁସ୍ତକଟିରେ ଶିକ୍ଷାର୍ଥୀମାନଙ୍କୁ ଆନନ୍ଦଦାୟୀ ଏବଂ ଆକର୍ଷଣୀୟ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରିବାର ପ୍ରୟାସ କରାଯାଇଛି। ଏହା ଆଶା କରାଯାଉଛି ଯେ ପୁସ୍ତକଟି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜିଜ୍ଞାସା ସୃଷ୍ଟି କରିବ ଏବଂ ଆମ ଚାରିପାଖର ବିଶ୍ୱ ବିଷୟରେ ଅଧିକ ଅନୁସନ୍ଧାନ କରିବାକୁ ଆଗ୍ରହୀ ହେବେ ଯାହାକି ସେମାନଙ୍କର ଶିକ୍ଷଣ ଅଭିଜ୍ଞତାକୁ ସମୃଦ୍ଧ କରିବ।



https://withteachers.in/

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ,
ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)



https://withteachers.in/

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଓ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍. ସି. ଇ. ଆର. ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |




https://withteachers.in/



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"





https://withteachers.in/

# ଭାରତୀୟ ସମ୍ବିଧାନ

**ତୃତୀୟ ଭାଗ (ଧାରା ୧୨-୩୫)**

କେତେକ ବ୍ୟତିକ୍ରମ ଏବଂ ଯୁକ୍ତିସଙ୍ଗତ ପ୍ରତିବନ୍ଧକ ଅନୁଯାୟୀ କିଛି ସର୍ତ୍ତ
ଏଗୁଡ଼ିକର ଗ୍ୟାରେଣ୍ଟି ଦିଏ

# ମୌଳିକ ଅଧିକାର

**ସମାନତାର ଅଧିକାର**

- ଆଇନ ସମ୍ମୁଖରେ ଓ ଆଇନର ସମାନ ସଂରକ୍ଷଣ;
- ଧର୍ମ, ଜାତି, ବର୍ଣ୍ଣ, ଲିଙ୍ଗ କିମ୍ବା ଜନ୍ମସ୍ଥାନ ନିର୍ବିଶେଷରେ;
- ସାର୍ବଜନୀନ ନିଯୁକ୍ତିରେ ସୁଯୋଗ;
- ଅସ୍ପୃଶ୍ୟତା ଏବଂ ପଦବୀ ଉଚ୍ଛେଦ ଦ୍ୱାରା

**ସ୍ୱାଧୀନତାର ଅଧିକାର**

- ଅଭିବ୍ୟକ୍ତି, ସମାବେଶ, ସଂଘ, ଆନ୍ଦୋଳନ, ବାସସ୍ଥାନ ଏବଂ ବୃତ୍ତି;
- ଅପରାଧ ଜନିତ ଦୋଷୀ ପ୍ରମାଣିତ ହେବା ସମ୍ବନ୍ଧରେ କେତେକ ସୁରକ୍ଷା;
- ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା;
- ଛଅରୁ ଚଉଦ ବର୍ଷ ବୟସର ପିଲାମାନଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା;
- କେତେକ ମାମଲାରେ ଗିରଫଦାରୀ ଏବଂ ଅଟକ ରଖିବା ବିରୁଦ୍ଧରେ ସୁରକ୍ଷା ।

**ଶୋଷଣ ବିରୁଦ୍ଧରେ ଅଧିକାର**

- ମାନବଙ୍କୁ ପଣ୍ୟରୂପେ ବ୍ୟବହାର ଏବଂ ବାଧ୍ୟତାମୂଳକ ଶ୍ରମ ନିଷେଧ;
- ବିପଦପୂର୍ଣ୍ଣ ସ୍ଥାନରେ ପିଲାମାନଙ୍କର ନିଯୁକ୍ତିକୁ ନିଷେଧ କରିବା।

**ଧର୍ମଗତ ଅଧିକାର**

- ବିବେକର ସ୍ୱାଧୀନତା ଏବଂ ଧର୍ମର ଅବାଧ ଅବଲମ୍ବନ, ଆଚରଣ ଏବଂ ପ୍ରଚାର
- ଧାର୍ମିକ ବ୍ୟାପାର ପରିଚାଳନାର ସ୍ୱାଧୀନତା;
- କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର ପ୍ରସାର ପାଇଁ କର ପ୍ରଦାନ କରିବାର ସ୍ୱାଧୀନତା;
- ରାଜ୍ୟ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଧାର୍ମିକ ଶିକ୍ଷା କିମ୍ବା ଧାର୍ମିକ ଉପାସନାରେ ଉପସ୍ଥିତ ରହିବାର ସ୍ୱାଧୀନତା ।

**ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର**

- ଯେକୌଣସି ସଂଖ୍ୟାଲଘୁ ବର୍ଗର ନାଗରିକଙ୍କର ସେମାନଙ୍କ ସଂସ୍କୃତି, ଭାଷା କିମ୍ବା ଲିପିକୁ ସଂରକ୍ଷଣ **କରିବାର ଅଧିକାର ।**
- ସଂଖ୍ୟାଲଘୁମାନେ ନିଜ ପସନ୍ଦର ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠା ଓ ପରିଚାଳନ କରିବାର ଅଧିକାର ।

ସାମ୍ବିଧାନିକ ପ୍ରତିକାରର ଅଧିକାର

- ଏହି ମୌଳିକ ଅଧିକାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଦେଶନାମା କିମ୍ବା ଆଦେଶ କିମ୍ବା ରିଟ୍ ଜାରି କରିବା ।

https://withteachers.in/

# ସୂଚୀପତ୍ର


ପ୍ରସ୍ତାବନା

ପୁସ୍ତକ ବିଷୟରେ

**ଏକକ    ପାଠର ନାମ    ପୃଷ୍ଠା ସଂଖ୍ୟା**

**ପ୍ରଥମ ଏକକ : ଆମ ଗୋଷ୍ଠୀ**



ପ୍ରଥମ ପାଠ : ଏକତ୍ର ବାସ କରିବା : ୩

ଦ୍ୱିତୀୟ ପାଠ : ଆମ ପଡ଼ୋଶୀମାନଙ୍କୁ ଜାଣିବା : ୧୭

**ଦ୍ୱିତୀୟ ଏକକ : ଆମ ଚାରିପାଖର ଜୀବନ**



ତୃତୀୟ ପାଠ : ପ୍ରକୃତି ଯାତ୍ରା : ୩୫

ଚତୁର୍ଥ ପାଠ : ପ୍ରକୃତି ସହିତ ବଢ଼ିବା : ୫୭

**ତୃତୀୟ ଏକକ : ସ୍ୱାସ୍ଥ୍ୟ ଓ ସୁସ୍ଥତା**



ପଞ୍ଚମ ପାଠ : ଖାଦ୍ୟ ଓ ସ୍ୱାସ୍ଥ୍ୟ : ୭୧

ଷଷ୍ଠ ପାଠ : ଆନନ୍ଦମୟ ସୁସ୍ଥ ଜୀବନଯାପନ : ୮୫




https://withteachers.in/

**ଚତୁର୍ଥ ଏକକ : ଆମ ଚାରିପାଖରେ ଥିବା ଜିନିଷ**


ସପ୍ତମ ପାଠ : ଜିନିଷଗୁଡ଼ିକ କିପରି କାର୍ଯ୍ୟ କରନ୍ତି : ୧୦୪

ଅଷ୍ଟମ ପାଠ : ଜିନିଷଗୁଡ଼ିକର ଗଠନ ପ୍ରଣାଳୀ : ୧୧୭




**ପଞ୍ଚମ ଏକକ : ଆମ ପରିବେଶ**


ନବମ ପାଠ : ଭିନ୍ନ ଭୂମି, ଭିନ୍ନ ଜୀବନ : ୧୩୦

ଦଶମ ପାଠ : ଆମ ଆକାଶ : ୧୫୨




https://withteachers.in/

ପ୍ରଥମ ଏକକ

# ଆମ ଗୋଷ୍ଠୀ



## ଏକକ ସମ୍ପର୍କରେ

ଆମେ ସମସ୍ତେ କୌଣସି ନା କୌଣସି ପ୍ରକାରରେ ପରସ୍ପର ଉପରେ ନିର୍ଭରଶୀଳ । ଆମେ ଏକାଠି ଏକ ଗୋଷ୍ଠୀରେ ବସବାସ କରିବା ସହିତ ସେହି ସ୍ଥାନ ଏବଂ ସମ୍ବଳକୁ ମିଳିମିଶି ବିନିଯୋଗ କରିଥାଉ । ନୟମିତ ପରସ୍ପର ମଧ୍ୟରେ ସୁସମ୍ପର୍କ ଏବଂ ଉତ୍ସବ ଓ ପର୍ବପର୍ବାଣୀ ଉପଭୋଗ କରି ନିଜ ନିଜ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିଥାଉ । ଆମେ ଏକାଠି ବସବାସ କରିବାଦ୍ୱାରା ସାମାଜିକ ଏବଂ ପ୍ରାକୃତିକ ପରିବେଶରେ ସହଯୋଗ, ଭାବ ଆଦାନ ପ୍ରଦାନ ଏବଂ ପରସ୍ପର ମଧ୍ୟରେ ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ବଜାୟ ରହିଥାଏ ।

ଶିକ୍ଷାର୍ଥୀମାନେ ବିଦ୍ୟାଳୟ, ଡାକ୍ତରଖାନା, ବ୍ୟାଙ୍କ ଏବଂ ବଜାର ସହିତ ସେମାନଙ୍କର ଚାରିପାଖରେ ଥିବା ବିଭିନ୍ନ ସଂଗଠନ ସମ୍ବନ୍ଧରେ ଜାଣିପାରନ୍ତି । ସେମାନେ ଜନସାଧାରଣଙ୍କର ଭୂମିକା, ବ୍ୟବହୃତ ସାମଗ୍ରୀ ଏବଂ ଏକ ସ୍ଥାୟୀ ସମାଜର ବିକାଶ ପାଇଁ ସେମାନଙ୍କର ଅବଦାନକୁ ବୁଝନ୍ତି ।

ପରିବହନ ଯୋଗୁ ଜନସାଧାରଣ ଏବଂ ବିଭିନ୍ନ ସାମଗ୍ରୀର ବିଭିନ୍ନ ସ୍ଥାନକୁ ପଠାଇବାରେ ସାହାଯ୍ୟ କରେ। ସମୟ ଅନୁସାରେ ଯୋଗାଯୋଗର କିପରି ଉନ୍ନତି ଘଟିଛି ସେମାନେ ଜାଣିବାକୁ ପାଇଥାନ୍ତି । ସମୟ ସହିତ ପରିବହନ ଓ ଯୋଗାଯୋଗ ଏକତ୍ରିତ ଭାବରେ ବିକଶିତ ହୋଇଛି । ସେମାନେ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଏହାର ଚିତ୍ର, ନକ୍‌ସା ଓ ମାନଚିତ୍ର ସୀମା ଚିହ୍ନ (ଲ୍ୟାଣ୍ଡମାର୍କ) ମାଧ୍ୟମରେ ବିଭିନ୍ନ ସ୍ଥାନର ପରିଚୟ ଓ ଦିଗ ଚିହ୍ନଟ କରିବାର କୌଶଳ ହାସଲ କରିଥାନ୍ତି ।



https://withteachers.in/

## ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକଟି ଦୁଇଟି ପାଠ (ପ୍ରଥମ ପାଠ 'ଏକତ୍ର ବାସ କରିବା' ଏବଂ ଦ୍ୱିତୀୟ ପାଠ 'ଆମ ପଡ଼ୋଶୀମାନଙ୍କୁ ଜାଣିବା')କୁ ନେଇ ଗଠିତ । ଏହି ପାଠଗୁଡ଼ିକରେ ନିମ୍ନଲିଖିତ ମୌଳିକ ଧାରଣାଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରାଯାଇଛି ।

### ପ୍ରଥମ ପାଠ

- ଗୋଷ୍ଠୀ ହେଉଛି ଏକାଠି ବସବାସ କରିବା ଓ ପରସ୍ପର ନିର୍ଭରଶୀଳତାର ଏକସ୍ଥାନ । "ବନ ମହୋତ୍ସବ କଥା" ଶିକ୍ଷାର୍ଥୀମାନଙ୍କୁ ପରସ୍ପର ସହଯୋଗ ଓ ଯତ୍ନ ମାଧ୍ୟମରେ ସେମାନଙ୍କର ପ୍ରାକୃତିକ ପରିବେଶ ଏବଂ ସର୍ବସାଧାରଣ ସମ୍ପତ୍ତିକୁ ଗୁରୁତ୍ୱ ମୂଲ୍ୟାୟନ କରିବାରେ ସାହାଯ୍ୟ କରେ ।
- ଦେଶର ଭିନ୍ନ ଭିନ୍ନ ଗୋଷ୍ଠୀମାନଙ୍କ ଦ୍ୱାରା ପାଳନ କରାଯାଉଥିବା ସମସ୍ତ ପର୍ବପର୍ବାଣୀରେ ଶିକ୍ଷାର୍ଥୀମାନେ ପରସ୍ପର ଭାବ ଆଦାନ ପ୍ରଦାନ ଏବଂ ସହଯୋଗର ଏକ ସଂସ୍କୃତିକୁ ମଧ୍ୟ ଜାଣନ୍ତି । ଏହାଦ୍ୱାରା ଶିକ୍ଷାର୍ଥୀମାନେ ନେତୃତ୍ୱ ନେବା ଏବଂ ଏକତ୍ର କାର୍ଯ୍ୟ କରିବା ଶିଖିବେ ଏବଂ ନିଜ ବ୍ୟକ୍ତିଗତ ଜୀବନ ଏବଂ ଗୋଷ୍ଠୀ ମଧ୍ୟରେ ପରିବର୍ତ୍ତନ ଓ ଉନ୍ନତି ଆଣିପାରିବେ ।

### ଦ୍ୱିତୀୟ ପାଠ

- ଶିକ୍ଷାର୍ଥୀମାନେ ସେମାନଙ୍କ ଚାରିପାଖରେ ବିଭିନ୍ନ ପ୍ରକାର ପରିବହନ ବ୍ୟବସ୍ଥା ଦେଖନ୍ତି, ଯୋଗାଯୋଗର ବିଭିନ୍ନ ମାଧ୍ୟମ ବିଷୟରେ ଶିକ୍ଷା କରନ୍ତି । ସେମାନେ ବୁଝନ୍ତି ଯେ ପରିବହନ ଏବଂ ଯୋଗାଯୋଗ କିପରି କ୍ରମାଗତ ଭାବେ ବିକଶିତ ହୋଇଛି । ଦ୍ରୁତ ଭ୍ରମଣ ଏବଂ ଯୋଗାଯୋଗ ଆମ ଜୀବନ ତଥା କାର୍ଯ୍ୟ କଳାପରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି ।
- ଶିକ୍ଷାର୍ଥୀମାନେ ବିଭିନ୍ନ ଗୋଷ୍ଠୀମୂଳକ ଅନୁଷ୍ଠାନର ଭୂମିକା ବିଷୟରେ ଜାଣିବେ । ସେମାନେ ମଧ୍ୟ ବ୍ୟାଙ୍କରେ ଥିବା କର୍ମଚାରୀଙ୍କ ସହିତ କଥୋପକଥନ କରି ଆର୍ଥିକ ସାକ୍ଷରତାର ମୌଳିକତା ବୁଝିବେ । ସେମାନେ ଏକ ଧାରାବାହିକ କାର୍ଯ୍ୟକଳାପ ଦ୍ୱାରା ସରଳ ମାନଚିତ୍ର ଅଙ୍କନ ଏବଂ ପଠନ କରିବେ । ସେମାନେ ସେମାନଙ୍କର ଚତୁଃପାର୍ଶ୍ୱରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଗୋଷ୍ଠୀ ଅନୁଷ୍ଠାନଗୁଡ଼ିକୁ ଚିହ୍ନିବା ସହିତ ସେଗୁଡ଼ିକର ଅବସ୍ଥାନ ଓ ପଥସଙ୍କେତ ବିଷୟରେ ଜାଣିବେ ।



### ଶିକ୍ଷକ ସୁଗମ କରାଇବେ :

- ଶିକ୍ଷଣକାର୍ଯ୍ୟ କରିବା ପାଇଁ ଶିକ୍ଷକ ପ୍ରାସଙ୍ଗିକତା ଥିବା ସ୍ୱଳ୍ପମୂଲ୍ୟ ସାମଗ୍ରୀ ଯେପରିକି ମାନଚିତ୍ର, ଚାର୍ଟ, ଫଟୋ, ପର୍ଯ୍ୟବେକ୍ଷଣ ଫର୍ଦ୍ଦ ଏବଂ ଅନ୍ୟ ସାମଗ୍ରୀ ସବୁ ଉପଲବ୍ଧ ହେବାର ବ୍ୟବସ୍ଥା କରାଇବେ । ଡାକଘର, ବ୍ୟାଙ୍କ, ଡାକ୍ତରଖାନା ଏବଂ ପାର୍କ ପରି ସ୍ଥାନଗୁଡ଼ିକୁ ଏକ ସ୍ୱଳ୍ପକାଳୀନ ସମୟର କ୍ଷେତ୍ର ପରିଭ୍ରମଣ ଆୟୋଜନ କରାଇବେ ।
- ସ୍ଥାନୀୟ କୁଶଳୀ ବ୍ୟକ୍ତିବିଶେଷ ଯେପରିକି ବଗିଚାମାଳୀ, କୃଷକ, ସ୍ୱାସ୍ଥ୍ୟକର୍ମୀ, ଡାକ କର୍ମଚାରୀ ଓ ବ୍ୟାଙ୍କ କର୍ମଚାରୀଙ୍କୁ କଥୋପକଥନ ପାଇଁ ଆମନ୍ତ୍ରଣ କରିବେ ।
- ଶିକ୍ଷାର୍ଥୀମାନଙ୍କୁ ରାସ୍ତାର ନକ୍ସା ପ୍ରସ୍ତୁତି, ପୋଷ୍ଟର ପ୍ରସ୍ତୁତି, ସାକ୍ଷାତକାର ପରିଚାଳନା, ସ୍ୱଚ୍ଛତା ଅଭିଯାନ ଏବଂ ବୃକ୍ଷରୋପଣ ପରି ଗୋଷ୍ଠୀ ସଂପୃକ୍ତି କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ମାର୍ଗଦର୍ଶନ କରାଇବେ ।
- ଅତୀତ ଓ ବର୍ତ୍ତମାନର ଯୋଗାଯୋଗର ମାଧ୍ୟମଗୁଡ଼ିକୁ ତୁଳନା କରିବାକୁ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବେ ଏବଂ ପରିବର୍ତ୍ତନ ଗୁଡ଼ିକ କିପରି ବିଭିନ୍ନ କାର୍ଯ୍ୟକଳାପକୁ ଶୀଘ୍ର ଓ ସହଜ କରିପାରୁଛି ତାହା ଅବଗତ କରାଇବେ ।



## ପ୍ରଥମ ପାଠ

# ଏକତ୍ର ବାସ କରିବା



### ମୋ ଗ୍ରାମ ଚାରିପାଖରେ ଏକ ଭ୍ରମଣ

ମୋର ନାମ ଚନ୍ଦନ । ମୁଁ ଗୋଟିଏ ଆଦର୍ଶ ଗ୍ରାମରେ ବାସ କରେ । ମୋ ଘର ନିକଟରେ ଗୋଟିଏ ବଡ଼ ଖେଳପଡ଼ିଆ ଅଛି । ବିଦ୍ୟାଳୟ ଛୁଟିପରେ ମୁଁ ମୋ ସାଙ୍ଗମାନଙ୍କ ସହିତ କବାଡ଼ି ଏବଂ ଅନ୍ୟାନ୍ୟ ଖେଳ ଖେଳିବା ପାଇଁ ସେଠାକୁ ଯାଏ । ସେହି ଖେଳପଡ଼ିଆର ଗୋଟିଏ କୋଣରେ ଏକ ବଡ଼ ବରଗଛ ରହିଛି ଯାହାତଳେ ଆମର ବୟସ୍କ ଲୋକମାନେ ପରସ୍ପର ମଧ୍ୟରେ ଆଲୋଚନା ପାଇଁ ଏକତ୍ରିତ ହୁଅନ୍ତି । ଆସ ତୁମକୁ ଚାରିପାଖ ଦେଖାଇବି ।





## ଆସ ଲେଖିବା

ଚନ୍ଦନର ଗାଆଁ ଚିତ୍ରକୁ ଦେଖ
ଚିତ୍ରରେ କ'ଣ ଦେଖୁଛ ? ତଳେ ଲେଖ ।

______________________________

______________________________

## କାର୍ଯ୍ୟ ୧

ତୁମ ଅଞ୍ଚଳକୁ ଅନୁଧ୍ୟାନ କର, ତୁମ ଚାରିପାଖରେ ଥିବା ଲୋକ ଏବଂ ସ୍ଥାନଗୁଡ଼ିକ ପର୍ଯ୍ୟବେକ୍ଷଣ କର । ଲୋକମାନେ ଓ ସ୍ଥାନଗୁଡ଼ିକ କିପରି ପରସ୍ପର ସହିତ ସମ୍ପର୍କିତ, ତୁମର ପର୍ଯ୍ୟବେକ୍ଷଣକୁ ତଳେ ଦିଆଯାଇଥିବା ସାରଣୀରେ ଲେଖ ।

| ସ୍ଥାନ /ଲୋକ | ଲୋକ ଓ ସ୍ଥାନ ମଧ୍ୟରେ ସମ୍ପର୍କ |
|---|---|
| ସ୍ଥାନ /ଲୋକ | ଲୋକ ଓ ସ୍ଥାନ ମଧ୍ୟରେ ସମ୍ପର୍କ |
| ଦୋକାନୀ | • ଦୈନନ୍ଦିନ ଆବଶ୍ୟକ ଜିନିଷ ଯଥା- ଖାଦ୍ୟସାମଗ୍ରୀ, ପୋଷାକପତ୍ର ଏବଂ ଅନ୍ୟାନ୍ୟ ଉତ୍ପାଦର ବିକ୍ରି ।<br>• ସ୍ଥାନୀୟ ସାମଗ୍ରୀର ବିକ୍ରି<br>• ______ |
| ରାସ୍ତା | • ବିଭିନ୍ନ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସମ୍ପର୍କିତ କରେ ।<br>• ସାମଗ୍ରୀଗୁଡ଼ିକର ସହଜ ସ୍ଥାନାନ୍ତରଣ ଏବଂ ପରିବହନ ସେବା ଯୋଗାଏ ।<br>• ______ |
| ସ୍ୱାସ୍ଥ୍ୟକେନ୍ଦ୍ର | • ଅସୁସ୍ଥତା ପାଇଁ ଚିକିତ୍ସା ଯୋଗାଏ ।<br>• ______<br>• ______ |
| ପୋଲିସ | • ସୁରକ୍ଷା ପ୍ରଦାନ କରେ<br>• ______<br>• ______ |
| ବିଦ୍ୟାଳୟ | • ______<br>• ______<br>• ______ |



https://withteachers.in/

## ଆସ କଥା ହେବା

୧. ତୁମ ଅଞ୍ଚଳରେ ପାର୍କ, ବିଦ୍ୟାଳୟ, ଡାକ୍ତରଖାନା ଏବଂ ବସ୍‌ଷ୍ଟାଣ୍ଡ ଭଳି ସ୍ଥାନଗୁଡ଼ିକ ତୁମ୍ଭମାନଙ୍କ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ?

୨. ଯଦି ତୁମ ଅଞ୍ଚଳରେ ଏହି ସ୍ଥାନଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ନଥାଏ ତେବେ ତୁମର କ'ଣ ଅସୁବିଧା ହେବ ?

୩. ଏହି ସ୍ଥାନଗୁଡ଼ିକ ପରିଷ୍କାର ଏବଂ ନିରାପଦ ରଖିବାପାଇଁ ତୁମେ କ'ଣ କରିପାରିବ ?

ଲୋକମାନେ ଓ ସ୍ଥାନଗୁଡ଼ିକ ଆମ ଗୋଷ୍ଠୀର ଅଂଶବିଶେଷ । ବିଦ୍ୟାଳୟ, ବଜାର, ଖେଳପଡ଼ିଆ ଏବଂ ରାସ୍ତାଘାଟ ଭଳି ସ୍ଥାନଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତି ବ୍ୟବହାର କରନ୍ତି । ସର୍ବସାଧାଣ ସ୍ଥାନଗୁଡ଼ିକ ଖେଳିବା, ଆରାମକରିବା ଏବଂ ଅନ୍ୟମାନଙ୍କୁ ସାକ୍ଷାତ କରିବା ଭଳି ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । ଲୋକମାନେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ସେଗୁଡ଼ିକ ସଫା କରିବା ଓ ସଜାଇବା ପାଇଁ ଏକାଠି ହୁଅନ୍ତି । ଏହି ଭାଗିଦାରୀ ଅନୁଭୂତି ଆମକୁ ନିକଟତର କରିଥାଏ ଏବଂ ସୁନ୍ଦର ଅନୁଭୂତି ଦେଇଥାଏ ।

### ବନ ମହୋତ୍ସବ : ବୃକ୍ଷରୋପଣ ପାଇଁ ଏକ ଉତ୍ସବ

ବନମହୋତ୍ସବ ଖୁବ୍ ଶୀଘ୍ର ଅନୁଷ୍ଠିତ ହେବାକୁ ଯାଉଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତି ଉତ୍ସବ ପାଳନ ପାଇଁ ପ୍ରସ୍ତୁତ ହେଉଥିଲେ । ଚନ୍ଦନ ଏବଂ ତାର ବିଦ୍ୟାଳୟର ସାଙ୍ଗମାନେ ବହୁତ ଉତ୍ସାହିତ ଥିଲେ ।

ଜିତୁ: ଏହି ବନ ମହୋତ୍ସବରେ ଆମେ ଆମର ବିଦ୍ୟାଳୟ ପାଖରେ ଥିବା ପାର୍କକୁ ସଫା କରିବା ସହିତ ପାର୍କ ଚାରିପଟେ ଗଛ ଲଗାଇବା ।

ମଲ୍ଲିକା: ମୋର ଜେଜେମା ପ୍ରତ୍ୟେକ ଦିନ ପ୍ରାତଃଭ୍ରମଣ ପାଇଁ ତାଙ୍କର ସାଙ୍ଗମାନଙ୍କ ସହିତ ଏକାଠି ଆସନ୍ତି । ଯଦି ଆମେ ଏହି ପାର୍କକୁ ସଫା କରିଦେବା ଏବଂ ବୃକ୍ଷରୋପଣ କରିବା, ସେମାନେ ସେମାନଙ୍କର ଭ୍ରମଣକୁ ଅଧିକ ଉପଭୋଗ କରିବେ ଏବଂ ଶ୍ୱାସକ୍ରିୟା ପାଇଁ ସ୍ୱଚ୍ଛ ବାୟୁ ପାଇପାରିବେ ।

ଚନ୍ଦନ: ହଁ, ଆସ ଆମର ପରିବାର ସଦସ୍ୟମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିବା ।



https://withteachers.in/

**ତୁମେ ଜାଣ କି ?**

ବନମହୋତ୍ସବ ମଧ୍ୟ ବୃକ୍ଷରୋପଣ ପର୍ବ ଭାବରେ ପ୍ରତିବର୍ଷ ବର୍ଷାଋତୁରେ ୧ ଜୁଲାଇରୁ ୭ ଜୁଲାଇ ପର୍ଯ୍ୟନ୍ତ ପାଳନ କରାଯାଏ । ପରିବେଶର ସୁରକ୍ଷା ଏବଂ ପୃଥିବୀକୁ ସବୁଜ ସୁନ୍ଦର କରିବା ପାଇଁ ଲୋକମାନେ ଗଛ ଲଗାନ୍ତି ।



## କାର୍ଯ୍ୟ ୨

ଚନ୍ଦନ ଏବଂ ତାର ସାଙ୍ଗମାନେ ସେମାନଙ୍କର ପଡ଼ୋଶୀ ଲୋକମାନଙ୍କୁ ବନ ମହୋତ୍ସବରେ ଅଂଶଗ୍ରହଣ କରିବା ଉଦ୍ଦେଶ୍ୟରେ ନିମନ୍ତ୍ରଣ କରିବା ପାଇଁ ଆସ ଗୋଟିଏ ରଙ୍ଗୀନ ଚିତ୍ର ତିଆରି କରିବା ।

### ଗୋଷ୍ଠୀରେ ସହଯୋଗ :-

ଯେହେତୁ ସେମାନଙ୍କର ପିତାମାତା ଏବଂ ଅନ୍ୟ ଗ୍ରାମବାସୀ ଏକତ୍ରିତ ହୋଇଥିଲେ ପିଲାମାନେ ଆନନ୍ଦିତ ଥିଲେ । ପ୍ରତ୍ୟେକ ଏହି ଉତ୍ସବକୁ ବିଶେଷ ଉପଭୋଗ୍ୟ କରିବା ପାଇଁ ଚାହୁଁଥିଲେ । ସେମାନେ ପର୍ବର ଯୋଜନା ପାଇଁ ଖେଳ ପଡ଼ିଆ ନିକଟରେ ଥିବା ବଡ଼ ବରଗଛ ତଳେ ରୁଣ୍ଡ ହୋଇଥିଲେ । ପିତାମାତାମାନେ ମଧ୍ୟ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ।

ଶୀଳା: ଆମେ ଯେଉଁ ପାର୍କରେ ବନମହୋତ୍ସବ ପାଳନର ଯୋଜନା କରିଛେ ତାହା ମରାମତି ହେବା ଆବଶ୍ୟକ ।

ସମୀର: ହଁ, ଏହି ପାର୍କ ବର୍ଷ ବର୍ଷ ଧରି ଆମ ଜୀବନର ଅଂଶଭାବେ ରହିଆସିଛି । ଘରେ ମୋ ପାଖରେ କିଛି କାଠ ଓ କଣ୍ଟା ଅଛି, ମୁଁ ପାର୍କରେ ବେଞ୍ଚଗୁଡ଼ିକୁ ସଜାଡ଼ି ପାରିବି କି ?

କବିତା: ମୁଁ ପାର୍କ ପାଖରେ ଥିବା ରାସ୍ତାକଡ଼ର ବିଜୁଳିବତୀ ମରାମତି କରିପାରିବି ।

**ଶିକ୍ଷକଙ୍କୁ ସୂଚନା :**
ପୋଷ୍ଟର ତିଆରି ପାଇଁ ଶିକ୍ଷକ ଆବଶ୍ୟକୀୟ ସାମଗ୍ରୀ ଭାବେ ଚାର୍ଟ ପେପର, କାଗଜସିଟ୍ ଏବଂ ରଙ୍ଗ ଇତ୍ୟାଦି ଯୋଗାଇ ପାରିବେ ।



https://withteachers.in/



ନୁର୍ : ମୁଁ ନର୍ସରୀରୁ କିଛି ଚାରା ଆଣିବି ।
ତା'ପରେ ଆମେ ପାର୍କ ଚାରିପଟେ ସେଗୁଡ଼ିକ ଲଗାଇବା ।

କବିତା : ଯଦି ଆମେ ସମସ୍ତେ ଏକାଠି କାମ କରିବା, ସ୍ୱଳ୍ପ ସମୟରେ ପାର୍କଟି ପ୍ରସ୍ତୁତ ହୋଇଯିବ । ବନମହୋତ୍ସବ ଖୁବ୍ ମଜାଳିଆ ହେବ ।

ପ୍ରତ୍ୟେକ ଗ୍ରାମବାସୀ ଏଥିରେ ଯେକୌଣସି ଉପାୟରେ ଯୋଗଦାନ କରିବାପାଇଁ ଆଗେଇ ଆସିଲେ ।

## କାର୍ଯ୍ୟ ୩

୧. ତୁମ ଅଞ୍ଚଳକୁ ଠିକ୍ ରଖିବାରେ ସାହାଯ୍ୟ କରୁଥିବା ଲୋକମାନଙ୍କୁ ଚିହ୍ନଟ କର । ସେମାନଙ୍କର ବୃତ୍ତି କ'ଣ ?

______________________

______________________

______________________



https://withteachers.in/

୨.    ତଳ ସାରଣୀକୁ ଲକ୍ଷ୍ୟ କର । ପାର୍କର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକାରର କାର୍ଯ୍ୟ ତାଲିକା କର । ଆବଶ୍ୟକ ସାମଗ୍ରୀ, ଉପକରଣ ଏବଂ ଦକ୍ଷତା ବିଷୟରେ ମଧ୍ୟ ଉଲ୍ଲେଖ କର ।

ଏଠାରେ ଏକ ଉଦାହରଣ ଦିଆଯାଇଛି ।

| କର୍ମକ୍ଷେତ୍ରରେ ଲୋକମାନେ | ବୃତ୍ତି | ସେମାନେ କି କାମ କରନ୍ତି | ସାମଗ୍ରୀ /ଉପକରଣ |
|---|---|---|---|
|  | ମିସ୍ତ୍ରୀ | ଇଟା ଓ ସିମେଣ୍ଟ ବ୍ୟବହାର କରି କାନ୍ଥ ତିଆରି କରିବା |  କରଣୀ |
|  | | |  |
|  | | |  |
|  | | |  |
|  | | |  |

୩.    ଆପଣଙ୍କ ପରିବାର ସଦସ୍ୟ କିମ୍ବା ପଡ଼ୋଶୀମାନଙ୍କଠାରୁ ସେମାନଙ୍କ କାର୍ଯ୍ୟ ବିଷୟରେ ଜାଣନ୍ତୁ । ଆପଣ ସେମାନଙ୍କୁ କେଉଁ ପ୍ରଶ୍ନ ପଚାରିବେ ? ଏଠାରେ କିଛି ଉଦାହରଣ ଦିଆଯାଇଛି ।

କ.    ତୁମେ ଯେଉଁ କାମସବୁ କର ସେଥିରୁ ତୁମକୁ କେଉଁ କାମ ଅଧିକ ଭଲ ଲାଗେ ?

ଖ.    ତୁମେ କେଉଁ ପ୍ରକାରର ଉପକରଣ କିମ୍ବା ଜିନିଷ ବ୍ୟବହାର କର ?

ଗ.    ତୁମେ କେଉଁ ପ୍ରକାର ଆହ୍ୱାନର ସମ୍ମୁଖୀନ ହୋଇଥାଅ ?



https://withteachers.in/

## ବନ ମହୋତ୍ସବ ପାଳନ:

ବନମହୋତ୍ସବ ପାଳନ କରିବା ପାଇଁ ପିଲାମାନେ ସେମାନଙ୍କର ପରିବାର ସଦସ୍ୟଙ୍କ ସହିତ ପାର୍କରେ ଏକାଠି ହୋଇଥିଲେ । ମଲ୍ଲିକା କାର୍ଯ୍ୟକ୍ରମ ଘୋଷଣା କରିବା ପାଇଁ ଏକ ମାଇକ୍ରୋଫୋନ୍‌ର ବ୍ୟବହାର କରିଥିଲା । ସଫେଇକାର୍ଯ୍ୟ, ଚାରାରୋପଣ, ଜଳସେଚନ, ରନ୍ଧନ କାର୍ଯ୍ୟ ଇତ୍ୟାଦି ପାଇଁ ଭିନ୍ନ ଭିନ୍ନ ଦଳଗଠନ କରାଯାଇଥିଲା ।

ସେମାନେ ଏକାଠି କାମ କରିବା ସହିତ ପରସ୍ପରକୁ ସାହାଯ୍ୟ କରିଥିଲେ । ବର୍ତ୍ତମାନ ନୂତନ ଭାବରେ ରୋପିତ ଚାରା, ପରିଷ୍କାର ରାସ୍ତା ଏବଂ ଚିତ୍ରିତ କାନ୍ଥ ସହିତ ପାର୍କ ଆକର୍ଷଣୀୟ ଦେଖାଯାଉଥିଲା ।

### ନଦୀ ପାର ହେବାପାଇଁ ଗୋଷ୍ଠୀ ନିର୍ମିତ ପୋଲ

ବର୍ଷା ଋତୁରେ 'ଛତିଶଗଡ଼'ର କଙ୍କରଠାରେ ଥିବା ଚିନାର୍ ନଦୀରେ ବହୁ ସମୟରେ ଅଧିକ ଜଳ ପ୍ରବାହିତ ହୋଇଥାଏ । ଜିନିଷପତ୍ର ସ୍ଥାନାନ୍ତରଣ ଏବଂ ଯାନବାହାନ ଚଳାଚଳ ବହୁତ କଷ୍ଟକର ହୋଇଥାଏ । ବିଦ୍ୟାଳୟ ଏବଂ ଡାକ୍ତରଖାନାରେ ପହଞ୍ଚିବା ଏକ ବଡ଼ ଆହ୍ୱାନ ହୋଇଥାଏ ।

୨୦୨୪ ମସିହାରେ ଏପରି ଏକ ବର୍ଷା ଋତୁରେ, ସବୁ ଗୋଷ୍ଠୀ ଏକାଠି ହୋଇ ବାଉଁଶ, ପଥର ଏବଂ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି ମାତ୍ର ଦୁଇ ଦିନରେ ଏକ ସରଳ ଏବଂ ଦୃଢ଼ ପୋଲ ନିର୍ମାଣ କରିଥିଲେ । ବର୍ତ୍ତମାନ ଶିକ୍ଷାର୍ଥୀମାନେ ସେମାନଙ୍କ ବିଦ୍ୟାଳୟରେ ପହଞ୍ଚିପାରିଲେ ଏବଂ ଗ୍ରାମବାସୀମାନେ ସହଜରେ ନଦୀ ପାର ହୋଇପାରିଲେ ।





https://withteachers.in/

୧. ଆବଶ୍ୟକତା ସମୟରେ ଗୋଷ୍ଠୀଗୁଡ଼ିକ ଏକତ୍ରିତ ହେବା ଗୁରୁତ୍ୱପୂର୍ଣ୍ଣ ଏହି ବିଷୟରେ ତୁମମାନଙ୍କର ମତ କ'ଣ ?

୨. ତୁମ ଅଞ୍ଚଳର ଲୋକମାନେ ଏକତ୍ରିତ ହୋଇ ପରସ୍ପରକୁ ସମର୍ଥନ କରନ୍ତି କି ? ଏପରି ଏକ ଘଟଣା ମନେ ପକାଇ ପାରିବ କି ?

ଯେପରି ଗାଁର ଲୋକମାନେ ଏକ ସମସ୍ୟାର ସମାଧାନ ପାଇଁ ଏକାଠି ହୋଇଥାନ୍ତି, ସେହିପରି ଆମର ବିଦ୍ୟାଳୟ ଏବଂ ପଡ଼ୋଶୀମାନେ ମଧ୍ୟ ବିଶେଷ କାମ ପାଇଁ ଏକାଠି ହୋଇଥାନ୍ତି ଓ ପରସ୍ପର ଉପରେ ନିର୍ଭର କରିଥାନ୍ତି ।

**ତୁମେ ଜାଣକି ?**

ଗୋଟିଏ ପିମ୍ପୁଡ଼ିମନ୍ଦା ହେଉଛି ପିମ୍ପୁଡ଼ି ଗୋଷ୍ଠୀର ଏକ ଉଦାହରଣ ଯେଉଁଠାରେ ପ୍ରତ୍ୟେକଙ୍କର ଏକ ବିଶେଷ କାର୍ଯ୍ୟ ଥାଏ, ଯେପରି ମନୁଷ୍ୟମାନଙ୍କର ଗୋଷ୍ଠୀରେ ମଧ୍ୟ କିଛି ଭୂମିକା ଥାଏ । କିଛି ପିମ୍ପୁଡ଼ି ଖାଦ୍ୟ ସଂଗ୍ରହ କରନ୍ତି, ଅନ୍ୟମାନେ ଶିଶୁମାନଙ୍କର ଯତ୍ନ ନିଅନ୍ତି ଓ କିଛି ସେମାନଙ୍କ ଘରର ସୁରକ୍ଷା କରିଥାନ୍ତି- ଯେପରି ଗୋଷ୍ଠୀର ଲୋକମାନେ ସମସ୍ତଙ୍କ ଜୀବନକୁ ଉନ୍ନତ କରିବା ପାଇଁ ଏକତ୍ର କାମ କରନ୍ତି । ମହୁମାଛି ମାନେ ମଧ୍ୟ ଏକ ଗୋଷ୍ଠୀ ଭାବରେ କାର୍ଯ୍ୟ କରନ୍ତି, ଯେଉଁଥିରେ ପ୍ରତ୍ୟେକ ସଦସ୍ୟଙ୍କର ଖାଦ୍ୟ ସଂଗ୍ରହ କରିବା, ଛୋଟ ପିଲାମାନଙ୍କ ସୁରକ୍ଷା ଦେବା ଏବଂ ମହୁ ଫେଣା ତିଆରି କରିବା ଭଳି ଉଦ୍ଦିଷ୍ଟ କାର୍ଯ୍ୟ ଥାଏ ।

## ମିଳିମିଶି ଭୋଜନ କରିବା :

ବୃକ୍ଷରୋପଣ ପରେ ଚନ୍ଦନ ଏବଂ ତାର ସାଙ୍ଗମାନେ ସେହି ସ୍ଥାନ ଆଡ଼କୁ ଦୌଡ଼ିଲେ ଯେଉଁଠାରେ ଖାଦ୍ୟ ରନ୍ଧା ହେଉଥିଲା । ଗ୍ରାମର ଲୋକମାନେ ପନିପରିବା ଓ ଖାଦ୍ୟଶସ୍ୟ ଆଣୁଥିଲେ । ସମସ୍ତଙ୍କର କଠିନ ପରିଶ୍ରମ ପରେ ଆନନ୍ଦ ଉପଭୋଗ କରିବାପାଇଁ ଏହି ଗୋଷ୍ଠୀ ଭୋଜନ ଉଦ୍ଦିଷ୍ଟ ଥିଲା ।





https://withteachers.in/



ସମସ୍ତେ ଏକାଠି ଖାଇବାକୁ ବସିଥିଲେ । ପିଲାମାନେ କଦଳୀପତ୍ର ବଣ୍ଟନ କରିଥିଲେ ଏବଂ ଅନ୍ୟ ସ୍ୱେଚ୍ଛାସେବୀମାନେ ଖାଦ୍ୟ ପରିବେଷଣ କରିଥିଲେ । ସମସ୍ତେ ଉତ୍ସାହିତ ହୋଇ କଥାବାର୍ତ୍ତା ହେଉଥିଲେ । ସ୍ୱାଦିଷ୍ଟ ଖାଦ୍ୟ ସହିତ ହସ ଓ ମଜା ମଧ୍ୟ ହୋଇଥିଲା । ଭୋଜିପରେ ପତ୍ରଗୁଡ଼ିକ ଏକ ଗାତରେ ଫିଙ୍ଗି ଦିଆଯାଇଥିଲା ।

**ତୁମେ ଜାଣକି ?**

ଗାତରେ ପୋତାଯାଇଥିବା ପତ୍ର ଖତରେ ପରିଣତ ହୁଏ ଏବଂ ଏହା ମାଟିର ଉର୍ବରତା ବଢ଼ାଏ ।

## ଆସ ଲେଖିବା

ତୁମ ପରିବାର କିମ୍ବା ଗୋଷ୍ଠୀ ବିଷୟରେ ଚିନ୍ତା କର । ପର୍ବ କିମ୍ବା ଅନ୍ୟ କୌଣସି ଅବସର ପାଇଁ ପ୍ରସ୍ତୁତି କରିବା ସମୟରେ ତୁମେ କିପରି ପରସ୍ପରକୁ ସାହାଯ୍ୟ କର ?

______________________________________________

______________________________________________

______________________________________________



https://withteachers.in/

ରଜ ପର୍ବ ଓଡ଼ିଶାର ଏକ ପ୍ରସିଦ୍ଧ ଗଣ ପର୍ବ । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବ ତିନି ଦିନ ଧରି ପାଳନ କରାଯାଏ । ଏହି ପର୍ବରେ ମାଟିକୁ ମା' ରୂପେ ପୂଜା କରାଯାଏ ଏବଂ ଏହି ସମୟରେ ଚାଷକାର୍ଯ୍ୟ କରାଯାଏ ନାହିଁ । ଏହି ପର୍ବରେ ଲୋକମାନେ ପୋଡ଼ପିଠା ସହ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ରୋଷେଇ କରି ଏକାଠି ଖାଇଥାନ୍ତି ।



**ତୁମେ ଜାଣକି ?**

ମାଘ ବିହୁର ପ୍ରଥମ ଦିନ 'ଉରୁକା' ଜାନୁୟାରୀ ୧୪ରେ ପାଳନ କରାଯାଏ । ଆସାମରେ ଏହାକୁ ଆନନ୍ଦ, ଭୋଜି ଏବଂ ଏକତାର ଉତ୍ସବ ରୂପେ ପାଳନ କରିଥାନ୍ତି । ଏହିଦିନ ଲୋକମାନେ ବାଉଁଶ ଓ ଘାସକୁ ବ୍ୟବହାର କରି ଏକ କୁଡ଼ିଆ 'ଭେଳାଘର' ନିର୍ମାଣ କରନ୍ତି । ଏହି ଉତ୍ସବରେ ଏକ ବଡ଼ଭୋଜି ହେବା ସହିତ ମେଳା ହୁଏ, ଯେଉଁଠି ସେମାନେ ଏକାଠି ରୋଷେଇବାସ କରି ଆରାମରେ ଖାଇ ପିଇ ନାଚ କରି ସମୟ କଟାଇଥାନ୍ତି ।

ବନ ମହୋତ୍ସବ ପର୍ବପାଳନ ଶେଷ ହେଲା । ସମସ୍ତେ କ୍ଳାନ୍ତ ଥିଲେ । ତଥାପି, ସେମାନେ ଖୁସି ଅନୁଭବ କରୁଥିଲେ । ସେମାନେ ଏକତ୍ର କାମ କରିଛନ୍ତି ଏବଂ ପାର୍କକୁ ସୁନ୍ଦର ଓ ଆକର୍ଷଣୀୟ କରିଛନ୍ତି । ପିଲାମାନେ ସେବେଠାରୁ ପାର୍କର ଯତ୍ନ ନେବାକୁ ନିଷ୍ପତ୍ତି ନେଇଥିଲେ ।





https://withteachers.in/

**ତୁମେ ଜାଣ କି ?**

ସିକିମରେ ଯେତେବେଳେ ଫସଲ ଅମଳ କରିବାର ସମୟ ଆସେ, ଗୋଷ୍ଠୀର ଲୋକମାନେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଏକାଠି ହୁଅନ୍ତି । କୃଷିରେ ବିଶେଷଜ୍ଞ ଲୋକମାନଙ୍କୁ **'ଖେତାଲା'** କୁହାଯାଏ । ଏହିପରି ଅଭ୍ୟାସ ଗୁଡ଼ିକ ସହଜରେ ଫସଲ ଅମଳ କରିବାରେ ସାହାଯ୍ୟ କରେ । ଏହା ଲୋକଙ୍କ ମନରେ ମୈତ୍ରୀ ବନ୍ଧନର ଭାବନା ସୃଷ୍ଟି କରେ ।

## ଆସ କଥା ହେବା


୧. ପ୍ରକୃତି ଏବଂ ଆମମାନଙ୍କ ଚତୁଃପାର୍ଶ୍ୱର ଯତ୍ନ ନେବାର କେଉଁ କେଉଁ ଉପାୟ ଅଛି ତାହାର ତାଲିକା ପ୍ରସ୍ତୁତ କର ।

୨. ଅନ୍ୟମାନଙ୍କୁ ସାହାଯ୍ୟ କରିବା ଏବଂ ଏକାଠି କାମ କରିବା ଦ୍ୱାରା କିପରି ଆମ ଗୋଷ୍ଠୀକୁ ଉନ୍ନତ କରାଯାଇପାରିବ ?

## ଆସ ଚିନ୍ତା କରିବା

**ଆମ ବିଦ୍ୟାଳୟ, ଆମ ଦଳ !**

୧. ତୁମ ବିଦ୍ୟାଳୟରେ ଭିନ୍ନ ଭିନ୍ନ କାର୍ଯ୍ୟ ସଂପାଦନ କରୁଥିବା ବ୍ୟକ୍ତିମାନେ ଯଥା ଶିକ୍ଷକ, ଛାତ୍ର ତତ୍ତ୍ୱାବଧାରକ, ଡ୍ରାଇଭର ଇତ୍ୟାଦିଙ୍କର ଭୂମିକା ବା କାର୍ଯ୍ୟ ଉଲ୍ଲେଖ କର ।






https://withteachers.in/

| ବ୍ୟକ୍ତି | ସେମାନେ ବିଦ୍ୟାଳୟରେ କିପରି ସାହାଯ୍ୟ କରନ୍ତି |
|---|---|
| ଶିକ୍ଷକ | ନୂଆ ଜିନିଷ ଶିଖିବାରେ ଶିକ୍ଷକ ଛାତ୍ରମାନଙ୍କୁ ସାହାଯ୍ୟ କରନ୍ତି |
| ବିଦ୍ୟାଳୟ ବସ୍ ଡ୍ରାଇଭର | |
| | |
| | |

କ. ବିଦ୍ୟାଳୟରେ ଏକ ଦଳ ଭାବରେ କାମ କରିବା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କାହିଁକି ?

ଖ. ତୁମ ବିଦ୍ୟାଳୟ ଗୋଷ୍ଠୀର ସଦସ୍ୟ ଭାବରେ ତୁମର ଭୂମିକା କ'ଣ ?

୨. ଚାରି ପାଞ୍ଚ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଛୋଟ ଛୋଟ ଦଳ ଗଠନ କର । ନିମ୍ନଲିଖିତ ତାଲିକାରୁ ଗୋଟିଏ ମଜାଦାର କାର୍ଯ୍ୟ ବାଛ ।

କ. ବୃକ୍ଷରୋପଣ

ଖ. ସ୍ୱଚ୍ଛତା ଅଭିଯାନ

ଗ. ପ୍ରାକୃତିକ ସାମଗ୍ରୀରୁ କଳାକୃତି ପ୍ରସ୍ତୁତି (ପତ୍ର ନିର୍ମିତ ଥାଳି ଭଳି କିଛି ବ୍ୟବହାର ଯୋଗ୍ୟ ଜିନିଷ କିମ୍ବା ମାଳାପରି ଏକ ସାଜସଜ୍ଜା ବସ୍ତୁ)

ଏହି କାର୍ଯ୍ୟ ପରେ ଏହି ସାରଣୀଟି ପୂରଣ କର ।

| ଦଳର ନାମ | ମନୋନୀତ କାର୍ଯ୍ୟ | ଆବଶ୍ୟକ ସାମଗ୍ରୀ | ତୁମେ କଣ ଶିଖିଲ ? |
|---|---|---|---|
| | | | |
| | | | |
| | | | |

୩. ଚିତ୍ରରେ ଲୁଚି ରହିଥିବା ପ୍ରହେଳିକା ଗୁଡ଼ିକୁ ସେମାନଙ୍କର ସମାଧାନ ସହିତ ମେଳ କର ।



https://withteachers.in/

କ. ମୁଁ ଅଟେ ଭାଇ ଏମିତି ଏକ ସ୍ଥାନ
କରିଥାନ୍ତି ଯାତ୍ରୀ ଯହିଁ ବିଶ୍ରାମ ।
ବସନ୍ତି ବସ୍‌କୁ ଅପେକ୍ଷା କରି
କାଳେ ଛାଡିଦେବ ବସ୍ ତାଙ୍କରି ।
ଦୂର ହେଉ ବା ହେଉ ନିକଟ
ବସ୍ ଦେଖାଏ ସଭିଙ୍କୁ ବାଟ ।



ଉତ୍ତର ______________________

ଖ. ମୁଁ ରଖେ ଚିଠି ଦୂର ଓ ପାଖ
ଷ୍ଟାମ୍ପ, ପାର୍ସଲ ଏଠି ଅପେକ୍ଷାରତ
ଲେଖାଟିଏ ଲେଖି ପକାଇଦିଅ
ମୋର ନାମ କହି ଜିତିଣ ଯାଅ ।



ଉତ୍ତର ______________________

ଗ. ରଙ୍ଗରଙ୍ଗିଆ ଲାଇଟ୍ ସଙ୍ଗେ ରଙ୍ଗରଙ୍ଗିଆ ଚିଜ
ସକାଳୁ ସଞ୍ଜେ ନ ଆସିଲେ (ଏଠାକୁ) ହୁଏନି ନିଦ
ପନିପରିବା ଫଳ ସାଙ୍ଗକୁ ଡାଲି ମସଲା ଥାଏ
ସବୁଠୁ ବ୍ୟସ୍ତ ସ୍ଥାନ ମୋ ପାଖେ ଦିନ ରାତି ନଥାଏ ।




ଉତ୍ତର ______________________

ଘ. ଏତେ ବଡ଼ ଜାଗାରେ ମୋର ଦୌଡ଼ ଆଉ ଖେଳ
ଖସଡ଼ା ଆଉ ଦୋଳିରେ ତୁମେ ନିତି ମଉଜ କର
ମନ ତୁମର ଖୁସି ହୁଏ ମୋ ପାଖକୁ ଆସିଲେ
ଜାଣିଛ ଯଦି ମୋ ନାମ କହିବ କିରେ ପିଲେ ।



ଉତ୍ତର ______________________



https://withteachers.in/

ତୁମେ ଆଗ୍ରହୀ ଥିବା ଏକ ସର୍ବସାଧାରଣ ସ୍ଥାନ ବାଛ, ଏବେ ଏହିପରି ଗୋଟିଏ ପ୍ରହେଳିକା ତୁମ ସାଙ୍ଗ ସମାଧାନ କରିବା ପାଇଁ ପ୍ରସ୍ତୁତ କର ।

____________________

____________________

____________________

୪. ଶ୍ରେଣୀ ଗୃହରେ ଏହିପରି ଦଳ ଗଠନ କର ଯେପରି ପ୍ରତ୍ୟେକ ଦଳ ସେମାନଙ୍କ ଅଞ୍ଚଳର ଏକ ପରିସ୍ଥିତି ସମ୍ପର୍କରେ ଚିନ୍ତା କରିବେ ଯେଉଁଥିରେ ଉନ୍ନତି ହେବା ଆବଶ୍ୟକ । କାର୍ଯ୍ୟଗୁଡ଼ିକ ଚିହ୍ନଟ କର ଯାହା ପରିସ୍ଥିତିରେ କିଛି ପରିବର୍ତ୍ତନ ଆଣିପାରିବ । ଏଗୁଡ଼ିକ ସଫେଇ, ଅନ୍ୟମାନଙ୍କୁ ସହାୟତ, କୌଣସି କାର୍ଯ୍ୟକ୍ରମର ପ୍ରସ୍ତୁତି ଇତ୍ୟାଦି ସମ୍ବନ୍ଧୀୟ ହୋଇଥିବ । ତଳ ସାରଣୀ ପୂରଣ କର ।

| ଦଳ | ପରିସ୍ଥିତି | କାର୍ଯ୍ୟ | ତୁମର ଭୂମିକା |
|---|---|---|---|
| ଦଳ ୧ | | | |
| ଦଳ ୨ | | | |
| ଦଳ ୩ | | | |

ସାରଣୀ ପୂରଣ ପରେ, ଆଲୋଚନା କର ଓ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

କ. ତୁମେ ଭାବୁଛ କି ଏକାଠି କାମ କରିବା ଦ୍ୱାରା ତୁମର କାର୍ଯ୍ୟ ଗୁଡ଼ିକୁ ଅଧିକ ଉପଯୋଗୀ କରାଯାଇପାରିଲା ? କାରଣ ଦର୍ଶାଅ ।

ଖ. ଏହି କାର୍ଯ୍ୟଗୁଡ଼ିକ ଦ୍ୱାରା ତୁମର ଭାଗିଦାରୀତା କିପରି ଗୋଷ୍ଠୀକୁ ସାହାଯ୍ୟ କରିପାରିବ ?

୫. କୌଣସି ଏକ ସ୍ୱତନ୍ତ୍ର ଦକ୍ଷତା କିମ୍ବା କଳାକୃତି ସମ୍ପର୍କରେ ତୁମ ପରିବାରରେ ପଚାର (ଉଦାହରଣ- ଝୁଡ଼ି ତିଆରି, କାନ୍ଥ/ପ୍ରାଚୀର ଚିତ୍ରଣ, ମାଟିକାମ ଭଳି ତୁମ ଅଞ୍ଚଳରେ ପ୍ରସିଦ୍ଧ କାର୍ଯ୍ୟ)



https://withteachers.in/

## ଦ୍ୱିତୀୟ ପାଠ

# ପଡ଼ୋଶୀମାନଙ୍କୁ ଜାଣିବା



### ଘରକୁ ଫେରିବା ବାଟରେ:

ଶ୍ରେଣୀକାର୍ଯ୍ୟ ସରିଲା ଏବଂ ବିଦ୍ୟାଳୟ ଘଣ୍ଟି ବାଜିଲା । ଶିକ୍ଷାର୍ଥୀମାନେ ଉତ୍ସାହର ସହିତ ସେମାନଙ୍କ ଶିକ୍ଷକମାନଙ୍କ ଦ୍ୱାରା ପାଠାଗାରରେ ପ୍ରଦର୍ଶିତ ସୁନ୍ଦର ବହିଗୁଡ଼ିକ ବିଷୟରେ କଥାବାର୍ତ୍ତା ହେଉଥିଲେ । ସ୍କୁଲ ବସ୍ ଏବଂ ଇ-ରିକ୍ସା ଫାଟକ ପାଖରେ ଅପେକ୍ଷା କରିଥିଲା ।

ନବ୍ୟା ତାର ଜେଜେଙ୍କୁ ସ୍କୁଲ ଫାଟକ ବାହାରେ ଠିଆ ହୋଇଥିବାର ଦେଖିଲା । ସେ ତାଙ୍କ ପାଖକୁ ଦୌଡ଼ିଗଲା ଏବଂ କହିଲା, 'ଜେଜେ ଆସ ଆଜି ବଜାର ରାସ୍ତା ଦେଇ ଯିବା ।'

ସେମାନେ ବସଷ୍ଟାଣ୍ଡ ଆଡ଼କୁ ଚାଲି ଚାଲି ଗଲେ, ଯେଉଁଠାରେ କିଛି ଲୋକ ଆଗରୁ ବସ୍‌କୁ ଅପେକ୍ଷା କରିଥିଲେ ।




https://withteachers.in/

ଏକ ବସ୍ ଅଟକିଲା, ବସ୍‌ର ଦ୍ୱାର ଖୋଲିଗଲା ଏବଂ ସମସ୍ତେ ଜଣକ ପରେ ଜଣେ ବସ୍ ଚଢ଼ିଲେ । ନବ୍ୟା ଝରକା ପାଖ ସିଟ୍‌ରେ ବସି ବାହାରକୁ ଚାହିଁଲା ।

ଯେତେବେଳେ ବସ୍ ରାସ୍ତା କଡ଼ରେ ଥିବା ଏକ ଲାଲ ଡାକ ବାକ୍ସକୁ ଅତିକ୍ରମ କଲା, ନବ୍ୟା ସେ ଆଡ଼କୁ ହାତ ଦେଖାଇଲା ଏବଂ କହିଲା, 'ଜେଜେ, ଦେଖ ଏଇଟି ଏକ ଡାକ ବାକ୍ସ' ।

ଜେଜେ କହିଲେ "ହଁ ନବ୍ୟା ତୁ ଗୋଟିଏ ଚିଠି ଲେଖି ଏଥିରେ ପକାଇ ପାରିବୁ ।" ସେ କହିବାକୁ ଲାଗିଲେ ''ଯେତେବେଳେ ମୁଁ ଯୁବକ ଥିଲି, ମୁଁ ମୋର ଭାଇଙ୍କୁ ସର୍ବଦା ଚିଠି ଲେଖୁଥିଲି, ଯେକି ଅନ୍ୟ ଏକ ସହରରେ ପଢୁଥିଲା । ମୁଁ ସବୁବେଳେ ଡାକବାକ୍ସରେ ଚିଠି ପକାଉଥିଲି । ତାପରେ ପୋଷ୍ଟମ୍ୟାନ୍ ସେଗୁଡ଼ିକୁ ପୋଷ୍ଟ ଅଫିସକୁ ନେଇଯାଉଥିଲା । ପୋଷ୍ଟ ଅଫିସରେ ଅଞ୍ଚଳ ଅନୁସାରେ ଚିଠିଗୁଡ଼ିକ ସଜାଯାଉଥିଲା ଏବଂ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ପଠାଯାଉଥିଲା । ପୋଷ୍ଟଅଫିସଗୁଡ଼ିକ ବିଭିନ୍ନ ପ୍ରକାରର ଅନ୍ୟାନ୍ୟ ସେବା ମଧ୍ୟ ଯୋଗାଇଥାଏ ।''




## କାର୍ଯ୍ୟ ୧

୧. ତୁମ ସାଙ୍ଗ ପାଖକୁ ଏକ ଚିଠି ଲେଖି ପୋଷ୍ଟ କର ।

୨. ଶିକ୍ଷକ ଛାତ୍ରମାନଙ୍କୁ ପୋଷ୍ଟ ଅଫିସରେ ହେଉଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକୁ ଅନୁସନ୍ଧାନ କରିବାପାଇଁ କ୍ଷେତ୍ରପରିଭ୍ରମଣରେ ଏକ ପୋଷ୍ଟ ଅଫିସକୁ ନେଇ ପାରିବେ ।

**ଶିକ୍ଷକଙ୍କୁ ସୂଚନା :**
ଛାତ୍ରଛାତ୍ରୀମାନଙ୍କୁ ଯୋଡ଼ିରେ କିମ୍ବା ଗୋଲାକାରରେ ତିନି ଜଣିଆ ଦଳରେ ଚିଠି ଲେଖିବାକୁ ଉତ୍ସାହିତ କରନ୍ତୁ । ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ଚିଠି ପଠାଇବେ ଓ ଗ୍ରହଣ କରିବେ । ପ୍ରତ୍ୟେକ ଛାତ୍ରଛାତ୍ରୀ ଚିଠି ଲେଖିବା ଏବଂ ଚିଠି ପାଇବାର ଆନନ୍ଦ ଅନୁଭବ କରିବେ । ଏକାଠି କାର୍ଯ୍ୟ କରିବା ଏବଂ ଯୋଗାଯୋଗର ଗୁରୁତ୍ୱ ବିଷୟରେ ପିଲାମାନଙ୍କୁ ବୁଝାନ୍ତୁ ।



https://withteachers.in/

## ଆସ ଲେଖିବା

୧. ତୁମେ କିମ୍ବା ତୁମର ପରିବାର ସଦସ୍ୟମାନେ କେବେ ଚିଠି କିମ୍ବା ପାର୍ସଲ ପଠାଇଛନ୍ତି କିମ୍ବା ପାଇଛନ୍ତି କି ?

୨. ପୋଷ୍ଟ ଅଫିସ ଲୋକମାନଙ୍କୁ ପରସ୍ପର ସହିତ ସଂଯୋଗସ୍ଥାପନ କରିବାରେ କିପରି ସାହାଯ୍ୟ କରେ ?

### ତୁମେ ଜାଣ କି ?



ବହୁଦିନ ପୂର୍ବରୁ ଲୋକମାନେ ନାଗରା ବାଜା ବଜାଇ ଓ ପଥରରେ ଖୋଦନ କରି ଯୋଗାଯୋଗ କରୁଥିଲେ ।





ପରେ ଲୋକମାନେ ବାର୍ତ୍ତାବାହକ ଏବଂ ପାରାମାନଙ୍କ ଦ୍ୱାରା ଚିଠି ପଠାଇବା ଆରମ୍ଭ କଲେ ।



ବହୁତ ଦିନ ପରେ ଡାକସେବା ଆରମ୍ଭ ହେଲା । ମୁଖ୍ୟତଃ ଏହା ଅନ୍ୟମାନଙ୍କ ପାଖକୁ ଚିଠି ପଠାଇବା, ପାର୍ସଲ, ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଓ ଟଙ୍କା ପଇସା ପଠାଇବା ପାଇଁ ବ୍ୟବହାର କରାଯାଉଥିଲା ।



ସମୟ କ୍ରମେ ଟେଲିଫୋନ୍, ରେଡ଼ିଓ ଏବଂ ଟେଲିଭିଜନ ଭଳି ନୂତନ ଉଦ୍ଭାବନ ଯୋଗାଯୋଗ ବ୍ୟବସ୍ଥା ଏବଂ ସୂଚନା ପ୍ରଦାନକୁ ସହଜ କରିଦେଲା ।



ଆଜି ଆମ ପାଖରେ ମୋବାଇଲ ଫୋନ୍ ଅଛି ଏବଂ ଇଣ୍ଟରନେଟ୍ ବ୍ୟବହାର କରୁଥିବା କମ୍ପ୍ୟୁଟର ଅଛି । ଇଣ୍ଟରନେଟ୍ ଆମକୁ ମାତ୍ର କିଛି ସେକେଣ୍ଡରେ ଯେକୌଣସି ବ୍ୟକ୍ତିଙ୍କ ସହିତ ଏବଂ ଯେ କୌଣସି ସ୍ଥାନକୁ ସଂଯୋଗ କରିବାରେ ସାହାଯ୍ୟ କରେ ।



https://withteachers.in/

ନବ୍ୟା ପଚାରିଲା, ‘‘ଜେଜେ, ତୁମର ମୋବାଇଲ ଫୋନ୍ ନଥିଲା କି ?’’

ଜେଜେ କହିଲେ, ‘‘ନାଁ ନବ୍ୟା, ଆମେ ଚିଠି ଲେଖୁଥିଲୁ । ବେଳେବେଳେ ଉତ୍ତର ପାଇବା ପାଇଁ ସପ୍ତାହେ ଲାଗିଯାଉଥିଲା । ଏହା ପ୍ରକୃତରେ ଲମ୍ବା ସମୟ !’’ ନବ୍ୟା ଆଶ୍ଚର୍ଯ୍ୟ ହେଲା । ଜେଜେ କହିଲେ, ‘‘ହଁ ମୋବାଇଲ ଫୋନ୍ ଏବଂ ଇମେଲ୍ ଦ୍ୱାରା ଯୋଗାଯୋଗ ଖୁବ୍ ଶୀଘ୍ର ହୋଇଥାଏ । ତଥାପି ବେଳେବେଳେ ମୋତେ ହାତଲେଖା ଚିଠି ଲେଖିବା ଓ ପଠାଇବାର ଆନନ୍ଦକୁ ହରାଇବାକୁ ପଡ଼ିଥାଏ ।’’

## କାର୍ଯ୍ୟ ୨

### ବୟସ୍କମାନଙ୍କ ସହିତ ସାକ୍ଷାତ କର

୧. ତୁମେ ବୟସ୍କ ପଡ଼ୋଶୀ ମାନଙ୍କ ସହିତ ଆଲୋଚନା କରି ତାଙ୍କ ସମୟରେ ସେମାନେ କିପରି ଯୋଗାଯୋଗ କରୁଥିଲେ, ତାହା ପଚାର । ବର୍ତ୍ତମାନ ତୁମେ ଏବଂ ତୁମ ସାଙ୍ଗମାନେ କିପରି ଯୋଗାଯୋଗ କରୁଛ, ତାହା ସହିତ ସେହି ଉତ୍ତରକୁ ତୁଳନା କର ଏବଂ ନିମ୍ନରେ ଥିବା ସାରଣୀ ପୂରଣ କର ।

| ବର୍ଗ | ଆଗ କାଳର ଯୋଗାଯୋଗ ବ୍ୟବସ୍ଥା | ବର୍ତ୍ତମାନର ଯୋଗାଯୋଗ ବ୍ୟବସ୍ଥା |
|---|---|---|
| ଯୋଗାଯୋଗର ପ୍ରକାର | ଚିଠି, ଟେଲିଗ୍ରାମ୍ | ଇଣ୍ଟରନେଟ୍, ସାମାଜିକ ଗଣ ମାଧ୍ୟମ, ଅନ୍‌ଲାଇନ୍‌ରେ ପଠାଯାଉଥିବା ବାର୍ତ୍ତା |
| ଯୋଗାଯୋଗର ବେଗ | | |
| ଯୋଗାଯୋଗର ଆବୃତ୍ତି | | |
| ଯୋଗାଯୋଗର ଭାଷା | | |
| ସମ୍ମୁଖୀନ ହେଉଥିବା ଆହ୍ୱାନ | | |



https://withteachers.in/

ସମୟ ସହିତ ଲୋକମାନଙ୍କର ଯୋଗାଯୋଗ କରିବାର ଉପାୟ ବିକଶିତ ହୋଇଛି । ଅତୀତରେ ଚିଠି ଲେଖିବା ସାଧାରଣ କଥା ଥିଲାବେଳେ ବର୍ତ୍ତମାନ ବାର୍ତ୍ତା ଏବଂ ଭିଡ଼ିଓ କଲ ଯୋଗାଯୋଗକୁ ଅଧିକ ଦ୍ରୁତତର କରିଛି । ପ୍ରଯୁକ୍ତିବିଦ୍ୟା ଆମ ସମସ୍ତଙ୍କୁ ଯୋଡ଼ି କରି ରଖିବାକୁ ସହଜ କରିଛି ।

## ଆସ କଥା ହେବା

୧. ଚିଠିଗୁଡ଼ିକ ଅନ୍ୟମାନଙ୍କ ପାଖରେ ପହଞ୍ଚିବା ପାଇଁ ଲମ୍ବା ସମୟ ନେଇଥାଏ । ଅତୀତରେ ଲୋକମାନଙ୍କ ମଧ୍ୟରେ ଯୋଗାଯୋଗ ପ୍ରକ୍ରିୟାକୁ ଏହା କିପରି ପ୍ରଭାବିତ କରୁଥିଲା ?



୨. ଏହା ବର୍ତ୍ତମାନ ଲୋକଙ୍କ ଯୋଗାଯୋଗ ପଦ୍ଧତିଠାରୁ କିପରି ଭିନ୍ନ ?

୩. ଆଜିକାଲି ସଙ୍ଗେ ସଙ୍ଗେ ଘଟୁଥିବା ଘଟଣା ପ୍ରସାରିତ ହୋଇଥାଏ । ମାତ୍ର ବେଳେବେଳେ ଭୁଲ୍ ସୂଚନା ମଧ୍ୟ ବହୁତ ଶୀଘ୍ର ବ୍ୟାପିଯାଏ । ଆମେ କିପରି ନିଶ୍ଚିତ ହେବା ଯେ ଆମେ ପଠାଉଥିବା ଖବର ସତ୍ୟ ?



ବସ୍ ଏକ ମୋଡ଼ ନେଲା । ପାଖରେ ନବ୍ୟା ଏକ ମେଟ୍ରୋ ଟ୍ରେନ୍ ଯାଉଥିବାର ଦେଖିଲା । ସେ ଆଶ୍ଚର୍ଯ୍ୟ ହୋଇ କହିଲା, ‘‘ସେ ଆଡ଼କୁ ଚାହଁ ! ଟ୍ରେନ୍‌ଟି କେତେ ଦ୍ରୁତ ଗତିରେ ଚାଲିଛି ।’’

‘‘ନବ୍ୟା, ମେଟ୍ରୋ ଟ୍ରେନ୍ ଖୁବ୍ ଦ୍ରୁତ ବେଗରେ ଗତିକରେ । ଏହାବ୍ୟତୀତ କେତେକ ଫ୍ଲାଏ ଓଭର ଅଛି, ସେଗୁଡ଼ିକ ଯାନବାହନ ଗୁଡ଼ିକୁ ବ୍ୟସ୍ତ ବହୁଳ ରାସ୍ତା ଏବଂ ଛକସ୍ଥାନ ଉପରେ ବିନା ପ୍ରତିବନ୍ଧକରେ ଯିବାରେ ସାହାଯ୍ୟ କରନ୍ତି । ତେଣୁ ସେଗୁଡ଼ିକ ଯାତ୍ରୀମାନଙ୍କ ସମୟ ବଞ୍ଚାନ୍ତି ।’’

**ଶିକ୍ଷକଙ୍କୁ ସୂଚନା :**
ମେଟ୍ରୋ ଟ୍ରେନ୍‌ରେ ଯାତ୍ରା କରିଥିବା ଶିକ୍ଷାର୍ଥୀମାନଙ୍କୁ ସେମାନେ କ'ଣ ଦେଖିଛନ୍ତି, କିପରି ଟିକେଟ୍ କଲେ ଏବଂ କ'ଣ ଆକର୍ଷଣୀୟ ଲାଗିଲା, ତାହା ବର୍ଣ୍ଣନା କରି ନିଜ ଅନୁଭୂତିକୁ କହିବାକୁ ଉତ୍ସାହିତ କରିବେ ।



https://withteachers.in/

"କିଛି ଫ୍ଲାଇ ଓଭର ମେଟ୍ରୋଟ୍ରେନ୍ ପାଇଁ ତିଆରି ହୋଇଛି ଏବଂ ଅନ୍ୟ କେତେକ ବସ୍ ଓ କାର ପାଇଁ ତିଆରି ହୋଇଛି" ଜେଜେ କହିଲେ ।

ଜେଜେ ପୁଣି କହିଲେ, "ଏହି ଆଧୁନିକ ସୁବିଧାଗୁଡ଼ିକ ଏବଂ ସେବା, ଯେପରିକି ଫ୍ଲାଏ ଓଭର୍ ଏବଂ ମେଟ୍ରୋଗୁଡ଼ିକ ଆମ ଜୀବନକୁ ସହଜ କରିଛି । ତଥାପି, ଏହି ସମସ୍ତ ପରିବର୍ତ୍ତନ ଯୋଗୁଁ ଏଠାରେ ଥିବା ଅନେକ ପଶୁ, ପକ୍ଷୀ ଏବଂ ବୃକ୍ଷ ଆଉ ସେଠାରେ ନାହାନ୍ତି । ନବ୍ୟା ଉତ୍ତର ଦେଲା, "ମୁଁ ଭାବୁଛି ଆମର ପରିବେଶକୁ ନିରାପଦ ଏବଂ ସୁରକ୍ଷିତ ରଖି ଆମେ ଏହିପ୍ରକାର ବିକାଶ କରିପାରିବା ।"

ଜେଜେ କହିଲେ, "ହଁ, ଏହାର ଏକ ସନ୍ତୁଳନ ସୃଷ୍ଟି କରାଯାଇପାରିବ, ଯଦି ବୃକ୍ଷ ରୋପଣ କରି ଆମେ ଆମର ପରିବେଶକୁ ସୁରକ୍ଷିତ ରଖିପାରିବା ।"

## ଆସ ଲେଖିବା

୧. ତୁମେ କେଉଁ ପ୍ରକାର ପରିବହନ ବ୍ୟବସ୍ଥାକୁ ସବୁଠାରୁ ଅଧିକ ବ୍ୟବହାର କର ?


୨. ତୁମେ ଚିତ୍ରଗୁଡ଼ିକରେ ଥିବା ପରିବହନ ବ୍ୟବସ୍ଥାଗୁଡ଼ିକୁ ଚିହ୍ନଟ କରିପାରିବ କି ? ଏବଂ ସେଗୁଡ଼ିକ କିପରି ଯାତ୍ରାକୁ ଦ୍ରୁତତର ଓ ଯୋଗାଯୋଗ ପ୍ରକ୍ରିୟାକୁ ଉନ୍ନତ କରିପାରିଛି ?
















https://withteachers.in/

## ତୁମେ ଜାଣ କି ?

ତୁମ ବୟସରେ ଥିବା ସମୟରେ ତୁମର ପିତାମାତା ଏବଂ ଜେଜେବାପା, ଜେଜେମା ବିଦ୍ୟାଳୟ କିମ୍ବା ଅନ୍ୟ ସ୍ଥାନକୁ କିପରି ଯାଉଥିଲେ ? ତୁମେ ବର୍ତ୍ତମାନ ଭ୍ରମଣ କରୁଥିବା ପଦ୍ଧତିଠାରୁ ଏହା କିପରି ଭିନ୍ନ ? ଏହାକୁ ନିମ୍ନରେ ଲେଖ ।

| ତୁମେ | ପିତାମାତା | ଜେଜେବାପା/ଜେଜେ ମା |
|---|---|---|
| | | |

କିଛି ସମୟ ପରେ, କିଛି ଲୋକ ଡାକ୍ତରଖାନା ନିକଟରେ ଥିବା ଏକ ବସ୍‌ଷ୍ଟାଣ୍ଡରେ ଓହ୍ଲାଇଲେ । ନବ୍ୟା ଡାକ୍ତରଖାନା ବାହାରେ ଥିବା ଏକ ବ୍ୟାନର୍ ଦେଖିଲା, ଯେଉଁଥିରେ 'ଚକ୍ଷୁ ପରୀକ୍ଷା କ୍ୟାମ୍ପ' ଲେଖାଥିଲା । ଅନେକ ଲୋକ ସେହି ଡାକ୍ତରଖାନାକୁ ଯାଉଥିଲେ ।

''ଏହା କ'ଣ ? କାହିଁକି ଏତେ ଅଧିକ ଲୋକ ଏଠାକୁ ଆସୁଛନ୍ତି ?'' ସେ ପଚାରିଲା ଓ ସେ ବିସ୍ମୟର ସହ ଅନାଇଥିଲା । ଜେଜେବାପା ଉତ୍ତର ଦେଲେ, ''ନବ୍ୟା, ଏହା ଏକ ଡାକ୍ତରଖାନା । ଯେତେବେଳେ ଲୋକମାନେ ଅସୁସ୍ଥ ହୁଅନ୍ତି, ଏଠାକୁ ଆସନ୍ତି । କିଛି ବର୍ଷ ପୂର୍ବେ ମୁଁ ତୋର ଜେଜେମାଙ୍କୁ ଆଖି ଅପରେସନ୍ କରାଇବାପାଇଁ ଏଠାକୁ ଆଣିଥିଲି । ଡାକ୍ତରମାନେ ତାଙ୍କୁ ଅଧିକ ଭଲ ଭାବରେ ଦେଖିବାରେ ସାହାଯ୍ୟ କରିଥିଲେ । ଏହି ଡାକ୍ତରଖାନାଟି ଆମ ଗୋଷ୍ଠୀର ଏକ ପ୍ରମୁଖ ସ୍ଥାନ । ଏହା ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା । ଆଜି, ଏଠାରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ହୋଇଛି ।''

## ଆସ ଲେଖିବା

ଡାକ୍ତରଖାନା କିମ୍ବା ଏକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ତାଲିକାଭୁକ୍ତ କର ଏବଂ ନିମ୍ନ ସାରଣୀରେ ସେମାନଙ୍କର ଭୂମିକା ଲେଖ । ଗୋଟିଏ ଉଦାହରଣ ସାରଣୀରେ ଦିଆଯାଇଛି ।

| ଲୋକମାନେ | ଡାକ୍ତରଖାନା / ସ୍ୱାସ୍ଥ୍ୟ କେନ୍ଦ୍ରରେ ସେମାନଙ୍କର ଭୂମିକା |
|---|---|
| ଡାକ୍ତର | ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଓ ଔଷଧ ଲେଖିବା |
| ନର୍ସ | |
| | |
| | |



https://withteachers.in/

## ଭବିଷ୍ୟତ ପାଇଁ ସଞ୍ଚୟ :

ବସ୍ ସେମାନଙ୍କ ଘର ନିକଟରେ ଥିବା ବସ୍‌ଷ୍ଟାଣ୍ଡରେ ଅଟକିଲା । ଜେଜେ ଏବଂ ନବ୍ୟା ବସ୍‌ରୁ ଓହ୍ଲାଇଲେ । ଯିବା ବାଟରେ ସେମାନେ ଏକ ବ୍ୟାଙ୍କକୁ ଯାଇଥିଲେ, ଯେଉଁଠାରେ ଏକ ଏ.ଟି.ଏମ୍ ଥିଲା ।



ନବ୍ୟା କୌତୁହଳି ହୋଇ ପଚାରିଲା, ''ଜେଜେ, ଏହି ମେସିନ୍‌ଟି କ'ଣ ?'' ଜେଜେ ଉତ୍ତର ଦେଲେ, ''ଏହା ଏକ ଏ.ଟି.ଏମ୍. (ଅଟୋମେଟିକ୍ ଟେଲର୍ ମେସିନ୍) ।'' ଜେଜେ ବର୍ଣ୍ଣନା କଲେ, ''ଏହା ଆମକୁ ଯେକୌଣସି ସମୟରେ ଆବଶ୍ୟକ ଟଙ୍କା ଉଠାଇବାରେ ସାହାଯ୍ୟ କରେ ।'' ନବ୍ୟା ପୁଣି ଜେଜେଙ୍କୁ ପଚାରିଲା, ''କାହିଁକି ଆମେ ଆମର ଟଙ୍କା ବ୍ୟାଙ୍କରେ ରଖିଥାଉ ?'' ଜେଜେ ଉତ୍ତର ଦେଲେ, ''ବ୍ୟାଙ୍କଗୁଡ଼ିକ ହେଉଛି ଏକ ସ୍ୱତନ୍ତ୍ର ସ୍ଥାନ ଯେଉଁଠାରେ ଟଙ୍କା ସୁରକ୍ଷିତ ରହିଥାଏ ଏବଂ ସଂଚୟ କରି ରଖାଯାଇଥାଏ ।''

''ଯେତେବେଳେ ମୁଁ ତୋ ବୟସର ଥିଲି, ଆମ ପାଖରେ ଏ.ଟି.ଏମ୍. ନ'ଥିଲା । ଆମକୁ ବ୍ୟାଙ୍କକୁ ଯାଇ ଲମ୍ବା ଧାଡ଼ିରେ ଅପେକ୍ଷା କରିବାକୁ ପଡୁଥିଲା । ଏଥିସହ ଡାକଘର ମାଧ୍ୟମରେ ଟଙ୍କା ପଠାଇବା ପାଇଁ ଆମେ ମନି ଅର୍ଡ଼ର ବ୍ୟବହାର କରୁଥିଲୁ । କିନ୍ତୁ ବର୍ତ୍ତମାନ ଆମେ ମୋବାଇଲ ଫୋନ୍ ବ୍ୟବହାର କରି କିଛି ସେକେଣ୍ଡ ମଧ୍ୟରେ ଅନ୍‌ଲାଇନ୍‌ରେ ଟଙ୍କା ପଠାଇପାରିବା ।''

''ମାମୁଁ ଏହି ରକ୍ଷା ବନ୍ଧନରେ ଆମମାନଙ୍କ ପାଇଁ ଉପହାର କିଣିବା ପାଇଁ ଟଙ୍କା ପଠାଇଥିଲେ ।'' ନବ୍ୟା ଉତ୍ସାହିତ ହୋଇ କହିଲା । ଜେଜେ କହିଲେ, ''ହଁ, ପ୍ରଯୁକ୍ତି ବିଦ୍ୟା ସବୁକିଛି ଅଧିକ ସହଜ କରିଦେଇଛି ।''



https://withteachers.in/




## ଆସ କଥା ହେବା

ଯଦି ତୁମେ କାହା ପାଖକୁ ଟଙ୍କା ପଠାଇବ, ତେବେ କେଉଁ ଉପାୟ ବାଛିବ- ଫୋନ୍ ଦ୍ୱାରା, ମନିଅର୍ଡ଼ର କିମ୍ବା ଅନ୍ୟ କୌଣସି ଉପାୟ ?

## ଆସ ଲେଖିବା

୧. ଯଦି ତୁମେ ପକେଟ୍ ମନି ପାଅ, ତେବେ ତୁମେ କ'ଣ ଏହାକୁ ସଞ୍ଚୟ କରିବ କି ? ଯଦି ହଁ, କେଉଁଠାରେ ତୁମେ ସଞ୍ଚୟ କରିବ ?




୨. ଟଙ୍କା ସଞ୍ଚୟ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ କାହିଁକି ଭାବୁଛ ?

୩. ଅଧିକ ଟଙ୍କା ସଞ୍ଚୟ କରିବା ପାଇଁ ତୁମେ ଆଉ କ'ଣ କରିପାରିବ ?

୪. ତୁମ ପରିବାରର ଜଣେ ସଦସ୍ୟଙ୍କୁ ତାଙ୍କର ପାସ୍‌ବୁକ୍ ଦେଖାଇବାକୁ ଅନୁରୋଧ କର । ପାସ୍‌ବୁକ୍‌ର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକ ପ୍ରତି ଧ୍ୟାନ ଦିଅ ।



https://withteachers.in/




## କାର୍ଯ୍ୟ ୩

୧. ତୁମ ଅଞ୍ଚଳରେ ଥିବା ଏକ ବ୍ୟାଙ୍କ ପରିଦର୍ଶନ କର କିମ୍ବା ତୁମେ ବୟସ୍କ ବ୍ୟକ୍ତିଙ୍କଠାରୁ ଏହା କିପରି କାମ କରେ ଜାଣ । ଏହାପରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

କ. ଟଙ୍କା ସଞ୍ଚୟ କରିବା ବ୍ୟତୀତ, ଲୋକମାନେ ବ୍ୟାଙ୍କଗୁଡ଼ିକ ଆଉ କ'ଣ ପାଇଁ ବ୍ୟବହାର କରନ୍ତି ?

ଖ. ଏକ ଏ.ଟି.ଏମ୍. କ'ଣ ? ଏବଂ ଏହା ଲୋକମାନଙ୍କୁ କିପରି ସାହାଯ୍ୟ କରେ ?

୨. ଏକ ଭାରତୀୟ ମୁଦ୍ରାର ନୋଟ୍ ନିଅ । ଏହାକୁ ଭଲ ଭାବରେ ଦେଖ ଏବଂ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ?

କ. ନୋଟ୍‌ରେ ମୂଲ୍ୟ କେତେ ?

______________________________

ଖ. ନୋଟ୍‌ର କେତୋଟି ଭାଷା ତୁମେ ଦେଖୁଛ ?

______________________________

ଗ. ନୋଟ୍‌ରେ କେଉଁ ଚିତ୍ର କିମ୍ବା ପ୍ରତୀକ ରହିଛି ?

______________________________

**ଶିକ୍ଷକଙ୍କୁ ସୂଚନା :**
ଏକ ବ୍ୟାଙ୍କ ପରିଦର୍ଶନ ପାଇଁ ବ୍ୟବସ୍ଥା କରନ୍ତୁ । ପରିଦର୍ଶନ ସମୟରେ ସେମାନେ କ'ଣ ଦେଖିବେ ଓ ଶିଖିବେ ତାହା ଆଲୋଚନା କରି ପ୍ରସ୍ତୁତ କରନ୍ତୁ । ଛାତ୍ରମାନଙ୍କୁ ପ୍ରଶ୍ନ ପଚାରିବାକୁ ଏବଂ ଟଙ୍କା ପରିଚାଳନାରେ ବ୍ୟବହୃତ ପ୍ରକ୍ରିୟାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାକୁ ଉତ୍ସାହିତ କରନ୍ତୁ ।



https://withteachers.in/

### ତୁମେ ଜାଣକି ?

ବହୁ ପୂର୍ବରୁ, ଲୋକମାନେ ବସ୍ତୁ ଅଦଳବଦଳ (Barter) ପଦ୍ଧତିରେ ବିଭିନ୍ନ ସାମଗ୍ରୀ ଓ ସେବା ବିନିମୟ କରୁଥିଲେ । ଉଦାହରଣ ସ୍ୱରୂପ, ଏହି ପଦ୍ଧତିରେ ଜଣେ କୃଷକ ଜଣେ ପଶୁପାଳକଙ୍କୁ ଗହମ ଦେଇ କ୍ଷୀର ଆଣିପାରୁଥିଲେ । ତଥାପି, ସଠିକ ବାଣିଜ୍ୟ ପ୍ରକ୍ରିୟା ଏବଂ ସଠିକ୍ ବିନିମୟ ମୂଲ୍ୟ ପାଇବା ସବୁବେଳେ ସହଜ ନଥିଲା । ବିନିମୟକୁ ସରଳ କରିବାପାଇଁ ଟଙ୍କା ଉଦ୍ଭାବନ କରାଗଲା ।



## ଚତୁଃପାର୍ଶ୍ୱର ପଡ଼ୋଶୀମାନଙ୍କୁ ଜାଣିବା:

ସେମାନେ ଘରେ ପହଞ୍ଚିବା ମାତ୍ରେ, ନବ୍ୟା ତା’ ଭାଇଙ୍କ ପାଖକୁ ଦୌଡ଼ିଲା ଏବଂ ତାଙ୍କ ସହିତ ନିଜର ଅଭିଜ୍ଞତା କହିଲା ।

ସ୍ୱାସ୍ଥ୍ୟ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା କିମ୍ବା ପରିବେଶ ସମ୍ପର୍କିତ ସେବା ପ୍ରଦାନ ଦ୍ୱାରା ସର୍ବସାଧାରଣ ସ୍ଥାନଗୁଡ଼ିକ ଲୋକମାନଙ୍କ ପାଇଁ ଉପଯୋଗୀ ହୋଇଥାଏ । ଏଥିରେ ଡାକ୍ତରଖାନା, ବ୍ୟାଙ୍କ, ଡାକଘର, ପୋଲିସ୍ ଷ୍ଟେସନ୍, ସର୍ବସାଧାରଣ ପାଠାଗାର, ବସ୍‌ଷ୍ଟାଣ୍ଡ୍ ଭଳି ସ୍ଥାନ ଅନ୍ତର୍ଭୁକ୍ତ ହୋଇପାରେ ।

ନବ୍ୟା ଏକ ପେନ୍‌ସିଲ୍ ଏବଂ ପେପର୍ ଆଣି ତା’ର ଚାରିପଟେ ଥିବା ବସ୍ତୁ / ସ୍ଥାନଗୁଡ଼ିକର ଚିତ୍ର ଅଙ୍କନ କରିବାକୁ ବସିଲା ।


ଉଦିତ ସୂର୍ଯ୍ୟଙ୍କୁ ଦେଖି ସେ ପୂର୍ବଦିଗକୁ ଚିହ୍ନଟ କଲା । ଏହାକୁ ଆଧାର କରି ତା’ର ଘର ଚାରିପଟେ ଅନ୍ୟ ଦିଗରେ ଥିବା ସ୍ଥାନ ଗୁଡ଼ିକ ଚିହ୍ନଟ କଲା ।

ପୂର୍ବ ଦିଗକୁ ଥିବା ସ୍ଥାନଗୁଡ଼ିକ କାଗଜର ଡାହାଣ ପାର୍ଶ୍ୱରେ ଦେଖାଯାଏ । ଉତ୍ତର ଦିଗର ସ୍ଥାନଗୁଡ଼ିକ କାଗଜର ଉପର ପାର୍ଶ୍ୱରେ ଦେଖାଯାଇଛି । ଦକ୍ଷିଣ ଦିଗର ସ୍ଥାନଗୁଡ଼ିକ କାଗଜର ତଳ ପାର୍ଶ୍ୱରେ ଦିଆଯାଇଛି । ପଶ୍ଚିମ ଦିଗରେ ଥିବା ସ୍ଥାନଗୁଡ଼ିକ ବାମ ପାର୍ଶ୍ୱରେ ଦେଖାଯାଇଛି ।

ଗୋଟିଏ ମାନଚିତ୍ରରେ ଦିଗଗୁଡ଼ିକର ପ୍ରଦର୍ଶନ ନିମ୍ନଲିଖିତ ଭାବରେ ହୋଇଥାଏ- ଉତ୍ତରଦିଗ ଉପରପାର୍ଶ୍ୱରେ, ଦକ୍ଷିଣ ତଳକୁ, ପୂର୍ବ ଡାହାଣରେ ଏବଂ ପଶ୍ଚିମ ବାମ ପାର୍ଶ୍ୱରେ ଦର୍ଶାଯାଇଛି ।



https://withteachers.in/




## ଆସ ଲେଖିବା


୧. ଉପରୋକ୍ତ ଚିତ୍ର ଦେଖ ଏବଂ ନବ୍ୟା ଘରର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗରେ ରହିଥିବା ସ୍ଥାନଗୁଡ଼ିକ ଲେଖ ।

| ଦିଗ | ସ୍ଥାନ |
|---|---|
| ଉତ୍ତର | |
| ପୂର୍ବ | |
| ପଶ୍ଚିମ | |
| ଦକ୍ଷିଣ | |

୨. ପରବର୍ତ୍ତୀ ପୃଷ୍ଠାରେ ଚିତ୍ରକୁ ଦେଖ ଏବଂ ତୁମ ବିଦ୍ୟାଳୟକୁ କେନ୍ଦ୍ରରେ ରଖି କଳ୍ପନା କର । ତୁମ ସ୍କୁଲ ନିକଟରେ ଥିବା କୋଠା କିମ୍ବା କ୍ଷେତ୍ରଗୁଡ଼ିକର ନାମକରଣ କର ଏବଂ ସେଗୁଡ଼ିକ ଯେଉଁଠାରେ ଅବସ୍ଥିତ ସେହି ସ୍ଥାନଗୁଡ଼ିକର ଦିଗ ଲେଖ ।



https://withteachers.in/



୩. କଳ୍ପନା କର ଯେ ତୁମେ ଜଣେ ସାଙ୍ଗକୁ ବିଦ୍ୟାଳୟ ନିକଟରେ ଥିବା ତୁମର ପ୍ରିୟସ୍ଥାନକୁ ପରିଦର୍ଶନ କରିବାକୁ ସୂଚନା ଦେଉଛ । ଦିଗ (ବାମ, ଡାହାଣ, ଆଗ ଓ ପଛ ଇତ୍ୟାଦି) ଏବଂ ସମୀପସ୍ଥ (ନିକଟରେ ଥିବା) ଚିହ୍ନଟ ସ୍ଥାନ ବ୍ୟବହାର କରି ତୁମେ ଏହାକୁ କିପରି ବ୍ୟାଖ୍ୟା କରିବ ?

ସ୍ଥାନ______________________________

ସୂଚନା______________________________

______________________________

______________________________

______________________________

**ଶିକ୍ଷକଙ୍କୁ ସୂଚନା :**
ଶିକ୍ଷାର୍ଥୀମାନଙ୍କୁ ଏପରି ଚିହ୍ନଟ ସ୍ଥାନ (Land mark) ବ୍ୟବହାର କରି ଏକ ସ୍ଥାନ ଚିହ୍ନଟ କରିବାକୁ ଉତ୍ସାହିତ କରନ୍ତୁ ଯାହା ସ୍ଥାନକୁ ଚିହ୍ନିବାରେ ସାହାଯ୍ୟ କରେ । ଚିହ୍ନଟ ସ୍ଥାନଗୁଡ଼ିକର ଉଦାହରଣ ଦିଅ ।




https://withteachers.in/

## କାର୍ଯ୍ୟ ୪

ତୁମ ବିଦ୍ୟାଳୟରୁ ସାର୍ବଜନୀନ ପାଠାଗାର କିମ୍ବା ତୁମ ବିଦ୍ୟାଳୟ ନିକଟବର୍ତ୍ତୀ ଏପରି କୌଣସି ସ୍ଥାନକୁ ଯିବାର ରାସ୍ତା ଦେଖାଇ ଏକ ମାନଚିତ୍ର ଅଙ୍କନ କର । ମାନଚିତ୍ରରେ ପାର୍କ, ଦୋକାନ, ଡାକ୍ତରଖାନା, ବସ୍‌ଷ୍ଟାଣ୍ଡ ଇତ୍ୟାଦି ଚିହ୍ନଟ ସ୍ଥାନ (ଜଣାଶୁଣା ସ୍ଥାନ) ଚିହ୍ନଟ କର ।



https://withteachers.in/



## ଆସ ଚିନ୍ତା କରିବା

୧. କଳ୍ପନା କର ଯେ, ତୁମ ପାଖରେ ଗୋଟିଏ ମାସରେ ଖର୍ଚ୍ଚ କରିବା ପାଇଁ ୧୦୦ ଟଙ୍କା ଅଛି । ଏଥିରୁ କିପରି ଉପଯୁକ୍ତ ଖର୍ଚ୍ଚ ଓ ସଞ୍ଚୟ କରିବ, ତା'ର ଯୋଜନା କରିବା ହେଉଛି ତୁମ ପାଇଁ କାମ। ପ୍ରସାଧାନ ସାମଗ୍ରୀ, ଖାଦ୍ୟ, ଖେଳଣା ଇତ୍ୟାଦି ପାଇଁ ତୁମରଖର୍ଚ୍ଚ ବିଷୟରେ ଚିନ୍ତା କର । ନିଷ୍ପତ୍ତି ନିଅ । ତୁମେ ତୁମର ସଞ୍ଚୟ ବାକ୍ସରେ କେତେ ସଞ୍ଚୟ କରିବ ଓ କେତେ ତୁମର ଖର୍ଚ୍ଚ ପାଇଁ ବ୍ୟବହାର କରିବ ? ଏହି ଯୋଜନା ତିଆରି କରିବା ପରେ, ଟଙ୍କା ସଞ୍ଚୟ ତୁମକୁ କିପରି ସାହାଯ୍ୟ କରିବ ସେ ବିଷୟରେ ଚିନ୍ତା କର ।

ନିମ୍ନରେ ଥିବା ସାରଣୀ ବ୍ୟବହାର କରି ତୁମ ଆୟବ୍ୟୟ ଅଟକଳ କର ।

| ବର୍ଗ | ଖର୍ଚ୍ଚ ପାଇଁ ଯୋଜନା କରିଥିବା ରାଶି | ତୁମେ ଏହି ରାଶି କାହିଁକି ବାଛିଲ ? |
|---|---|---|
| ସଞ୍ଚୟ | | |
| ଖର୍ଚ୍ଚ | | |

୨. କଳ୍ପନା କର ଯେ ତୁମ ଗୋଷ୍ଠୀ ତୁମକୁ ପଡ଼ୋଶୀଙ୍କର ଉନ୍ନତିକରିବାର ଦାୟିତ୍ୱ ପ୍ରଦାନ କରିଛି । ତୁମେ କେଉଁ ନୂତନ ସେବା କିମ୍ବା ସୁବିଧା ଦେଇପାରିବ, ତାହା ଆଲୋଚନା କର । ଏହି ପରିବର୍ତ୍ତନଗୁଡ଼ିକ ଗୋଷ୍ଠୀର ସମସ୍ତଙ୍କୁ କିପରି ସାହାଯ୍ୟ କରିବ, ତାହା ଉପସ୍ଥାପନ କର।

୩. କୋଭିଡ଼-୧୯ (COVID-19) ସମୟରେ ତୁମ ଗୋଷ୍ଠୀ ଅନ୍ତର୍ଭୁକ୍ତ ପଡ଼ୋଶୀମାନଙ୍କୁ କେଉଁମାନେ ସାହାଯ୍ୟ କରିଥିଲେ, ବୟସ୍କମାନଙ୍କର ସାହାଯ୍ୟ ନେଇ ଏକ ତାଲିକା ପ୍ରସ୍ତୁତ କର । ଡାକ୍ତର, ନର୍ସ, ଆବର୍ଜନା ସଂଗ୍ରହକାରୀ ଦୋକାନୀ, ଶିକ୍ଷକ ଏବଂ ଅନ୍ୟମାନେ ଏଥିରେ ସାମିଲ ଥିଲେ। ସେମାନେ ଗୋଷ୍ଠୀକୁ କିପରି ନିରାପଦ/ସୁରକ୍ଷିତ ରଖିଥିଲେ ସେ ସମ୍ପର୍କରେ ବୁଝି ସେମାନଙ୍କୁ ଧନ୍ୟବାଦ ପ୍ରଦାନ କର।



https://withteachers.in/

୪. ତୁମେ କ'ଣ ନିମ୍ନରେ ଦିଆଯାଇଥିବା ବାକ୍ସରେ ଏହି ପ୍ରତ୍ୟେକ ସେବାରେ ସମ୍ପୃକ୍ତ ବ୍ୟକ୍ତି ଓ ବ୍ୟବହୃତ ଯାନବାହନଗୁଡ଼ିକର ତାଲିକା କରିପାରିବ ? ଏଥି ନିମନ୍ତେ ନିମ୍ନରେ ଏକ ଧାରଣା ଦିଆଯାଇଛି ।

ପୋଲିସ ଷ୍ଟେସନ → ପୋଲିସ ଅଫିସର
→ କନଷ୍ଟେବଲମାନେ
→ ପେଟ୍ରୋଲିଙ୍ଗ ଜିପ୍

ଡାକ୍ତରଖାନା → ____
→ ____
→ ____

ନିଆଁଲିଭା କେନ୍ଦ୍ର → ____
→ ____
→ ____

ପୋଷ୍ଟ ଅଫିସ୍ → ____
→ ____
→ ____

ପାଠାଗାର → ____
→ ____
→ ____



https://withteachers.in/


ଦ୍ୱିତୀୟ ଏକକ

# ଆମ ଚାରିପାଖର ଜୀବନ

## ଏକକ ସମ୍ପର୍କରେ

ପ୍ରକୃତି ହେଉଛି ବିଭିନ୍ନ ପ୍ରକାର ଉଦ୍ଭିଦ, ପ୍ରାଣୀ, ପକ୍ଷୀ ଏବଂ କୀଟପତଙ୍ଗମାନଙ୍କର ବାସସ୍ଥଳୀ । ପ୍ରକୃତିରେ ଥିବା ସମସ୍ତ ଜୀବ ଆମ ପୃଥିବୀରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାନ୍ତି । ପର୍ଯ୍ୟବେକ୍ଷଣ ଓ ବ୍ୟାବହାରିକ କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷାର୍ଥୀମାନେ ଉଦ୍ଭିଦ ଓ ପ୍ରାଣୀମାନଙ୍କର ବିଶେଷ ଲକ୍ଷଣ ତଥା ସେମାନଙ୍କର ପରସ୍ପର ମଧ୍ୟରେ ନିର୍ଭରଶୀଳତା ବିଷୟରେ ଜାଣିବେ । ପରିବେଶ ପାଇଁ ସେମାନଙ୍କ ମନରେ ଆଗ୍ରହ ଓ ଆଦର ସୃଷ୍ଟି କରିବେ । ଅନୁଭୂତି ମାଧ୍ୟମରେ ଶିକ୍ଷାର୍ଥୀମାନେ "ବସୁଧୈବ କୁଟୁମ୍ବକମ୍" ଅର୍ଥାତ୍ ସମଗ୍ର ବିଶ୍ୱ ଏକ ପରିବାର, ଏହି ଭାବନାକୁ ଅନୁଭବ କରିବେ ।

ଏହି ଏକକଟି ପ୍ରକୃତି ଓ ସଂସ୍କୃତି ମଧ୍ୟରେ ସଂପର୍କକୁ ବୁଝାଇଥାଏ । ପାରମ୍ପରିକ କାର୍ଯ୍ୟକଳାପ ପ୍ରକୃତିର ବିଭିନ୍ନ ଦିଗ ସହିତ କିପରି ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ତାହା ଦର୍ଶାଇଥାଏ । ଉଦ୍ଭିଦ ଓ ପ୍ରାଣୀମାନଙ୍କ ବିଷୟରେ ଅଧ୍ୟୟନ କରି ଜନଜାତି କଳା ଏବଂ ଔଷଧୀୟ ବୃକ୍ଷଲତା ଆବିଷ୍କାର କରିବା ପର୍ଯ୍ୟନ୍ତ, ଛାତ୍ରଛାତ୍ରୀମାନେ ଅର୍ଥପୂର୍ଣ୍ଣ ଅଭିଜ୍ଞତା ପାଇଥାଆନ୍ତି, ଯାହା ସେମାନଙ୍କୁ ପ୍ରକୃତି ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ଜୀବନ ପାଇଁ ସାହାଯ୍ୟ କରେ। ପରସ୍ପର ମଧ୍ୟରେ ବିଭିନ୍ନ କାର୍ଯ୍ୟକଳାପ ସହ ଭିନ୍ନ ଭିନ୍ନ ପର୍ବପର୍ବାଣୀ ଓ ଖେଳକୁଦ ପିଲାମାନଙ୍କୁ ପ୍ରକୃତିର ଐକ୍ୟତା ଓ ଏହାକୁ ସଂରକ୍ଷଣ କରିବାରେ ସେମାନଙ୍କର ଭୂମିକାକୁ ଜାଣିବାରେ ସାହାଯ୍ୟ କରେ ।



https://withteachers.in/

## ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକଟି ଦୁଇଟି ପାଠ (ତୃତୀୟ ପାଠ 'ପ୍ରକୃତି ଯାତ୍ରା' ଏବଂ ଚତୁର୍ଥ ପାଠ 'ପ୍ରକୃତି ସହିତ ବଢ଼ିବା')କୁ ନେଇ ଗଠିତ । ଏହି ପାଠଗୁଡ଼ିକରେ ଥିବା ମୁଖ୍ୟ ଧାରଣାଗୁଡ଼ିକୁ ନିମ୍ନରେ ଦିଆଗଲା ।

### ତୃତୀୟ ପାଠ

- 'ପ୍ରକୃତି ଯାତ୍ରା' ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଚାରିପାଖରେ ଥିବା ଉଦ୍ଭିଦ ଓ ପ୍ରାଣୀମାନଙ୍କର ବିଭିନ୍ନତାକୁ ଅନୁସନ୍ଧାନ କରିବା ଏବଂ ସେମାନଙ୍କର ବିଶେଷ ଗୁଣକୁ ଅଧ୍ୟୟନ କରିବା ପାଇଁ ମାର୍ଗଦର୍ଶନ କରେ । ଏହି ଅଧ୍ୟାୟ ଜଣାଇଥାଏ ଯେ, ସମସ୍ତ ପ୍ରାଣୀ ଓ ଉଦ୍ଭିଦ ପରସ୍ପର ସହିତ କିପରି ନିର୍ଭରଶୀଳ । ଶିକ୍ଷାର୍ଥୀମାନେ ଗଛଲତା ଓ ପଶୁପକ୍ଷୀମାନଙ୍କୁ ପର୍ଯ୍ୟବେକ୍ଷଣ କରିବେ ଏବଂ ପ୍ରକୃତି ଓ ସମାଜରେ ପରସ୍ପର ନିର୍ଭରଶୀଳତାକୁ ବୁଝିବାପାଇଁ ଜୀବନ ଜାଲ ଖେଳ ଖେଳିବେ । ଏହାଦ୍ୱାରା ପ୍ରକୃତି ଓ ସମାଜ ପରସ୍ପର ଉପରେ ନିର୍ଭରୀଶୀଳ ବୋଲି ଜାଣିବେ । ଏହିସବୁ କାର୍ଯ୍ୟଗୁଡ଼ିକ କରିବା ଫଳରେ ପ୍ରକୃତି ପ୍ରତି ଆଗ୍ରହ ପ୍ରକାଶ କରିବେ ଏବଂ ଏହାର ଯତ୍ନ ନେବାରେ ମନ ବଳାଇବେ ।

### ଚତୁର୍ଥ ପାଠ

- ଆମେ ଖାଉଥିବା ଖାଦ୍ୟଠାରୁ ପାଳନ କରୁଥିବା ପରମ୍ପରା ପର୍ଯ୍ୟନ୍ତ ପ୍ରକୃତି ଏବଂ ସଂସ୍କୃତି ଆମ ଦୈନନ୍ଦିନ ଜୀବନ ସହିତ କିପରି ଗଭୀର ଭାବରେ ଜଡ଼ିତ ତାହା 'ପ୍ରକୃତି ସହିତ ବଢ଼ିବା' ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ଦୀର୍ଘସ୍ଥାୟୀ ଜୀବନ ଯାପନର ଉପାୟଗୁଡ଼ିକ ବିଷୟରେ ପଢ଼ିବା ସମୟରେ ଶିକ୍ଷାର୍ଥୀମାନେ ଉଦ୍ଭିଦ, ଫୁଲ, ଔଷଧୀୟ ବୃକ୍ଷ ଓ ଜନଜାତି କଳାଗୁଡ଼ିକର ବିଶେଷ ଗୁଣକୁ ଆବିଷ୍କାର କରିବେ । ସେମାନେ କିଛି ଆକର୍ଷଣୀୟ କାର୍ଯ୍ୟକଳାପ ଏବଂ ସୁରକ୍ଷା ପାଠ ମାଧ୍ୟମରେ ବିଭିନ୍ନ ଗଛର ଔଷଧୀୟ ଗୁଣ ବିଷୟରେ ଜାଣିବେ, ଯାହା ସେମାନଙ୍କୁ ପରିବେଶ ଅଧ୍ୟୟନ କରିବାରେ ଓ ପରିବେଶକୁ ସୁରକ୍ଷା କରିବାରେ ସାହାଯ୍ୟ କରିବ ।





### ଶିକ୍ଷକ ସୁଗମ କରାଇବେ :

- ଶିକ୍ଷକ ଓ ଶିକ୍ଷାର୍ଥୀମାନେ ପ୍ରକୃତିରୁ ବିଭିନ୍ନ ନମୁନା ସଂଗ୍ରହ କରିବେ, ଯାହା ପତ୍ର, ଫୁଲ ଓ ମଞ୍ଜି ଇତ୍ୟାଦି ଏବଂ ଏହାକୁ ବିଭିନ୍ନ କାର୍ଯ୍ୟକଳାପରେ ବ୍ୟବହାର କରିପାରିବେ ।
- ଶିକ୍ଷକ ପ୍ରକୃତି ପଦଯାତ୍ରା, ଅଭିନୟ, ଜୀବନ ଜାଲ ଖେଳ ସହିତ ପକ୍ଷୀ ଓ ଉଦ୍ଭିଦମାନଙ୍କର ଗତିବିଧି ତଥା ପଦଚିହ୍ନକୁ ଲିପିବଦ୍ଧ କରିବାକୁ ଶିକ୍ଷାର୍ଥୀମାନଙ୍କ ପାଇଁ ପର୍ଯ୍ୟବେକ୍ଷଣ ପ୍ରସ୍ତୁତ କରିବେ ।
- ପତ୍ରର ଚିତ୍ର ଅଙ୍କନ, ପ୍ରାକୃତିକ ରଙ୍ଗ ତିଆରି, ପାରମ୍ପରିକ ଘରର ନମୁନା ତିଆରି ପାଇଁ ସାମଗ୍ରୀ ଯୋଗାଇବେ । ଶିକ୍ଷାର୍ଥୀମାନଙ୍କୁ ଖାଦ୍ୟ ସଂଗ୍ରହ କାର୍ଯ୍ୟକଳାପ ଏବଂ ପ୍ରକୃତି ଆଧାରିତ ଚିତ୍ର କଳା ପ୍ରସ୍ତୁତି ପାଇଁ ଉତ୍ସାହିତ କରିବେ ।
- ପାର୍କ, ଫାର୍ମ କିମ୍ବା ନର୍ସରୀ ପରିଦର୍ଶନ କରାଇବେ । ଗୋଷ୍ଠୀରୁ କୌଳିକ ବୃତ୍ତିଧାରୀ ଅଭିଜ୍ଞ ବ୍ୟକ୍ତିମାନଙ୍କୁ କିମ୍ବା କୃଷକମାନଙ୍କୁ ନିମନ୍ତ୍ରଣ କରି ଶିକ୍ଷାର୍ଥୀମାନଙ୍କ ସହିତ ପ୍ରକୃତି ସଂରକ୍ଷଣ ଏବଂ ପାରମ୍ପରିକ ଅଭ୍ୟାସ ସମ୍ବନ୍ଧରେ ଆଲୋଚନା କରାଇବେ ।




https://withteachers.in/

## ତୃତୀୟ ପାଠ

# ପ୍ରକୃତି ଯାତ୍ରା



ପିଲାମାନେ, ତୁମେ ବରଗଛ ଏବଂ ତା'ର ଓହଳ ମାଟିକୁ ଛୁଇଁବାର କେବେ ଦେଖିଛ କି ? ପାଣି ଭିତରକୁ ଏକ ରଙ୍ଗୀନ ପକ୍ଷୀ ବୁଡ଼ମାରୁଥିବାର ଦେଖିଛ କି ? ଏକ ବୁଢ଼ିଆଣୀ ଜାଲ ବୁଣୁଥିବାର ଦେଖିଛ କି ? ପ୍ରଜାପତିମାନେ ଫୁଲ ଚାରିପାଖରେ ଉଡୁଥିବାର ଦେଖିଛ କି ?









ବିଚିତ୍ର ପଶୁପକ୍ଷୀ ଓ ଗଛ ଲତାରେ ପ୍ରକୃତି ଭରି ରହିଛି । ଆସନ୍ତୁ ଏ ବିଷୟରେ ଅଧିକ ଜାଣିବା ।

### ଏକ ସାହସିକ ଯାତ୍ରାର ଆରମ୍ଭ:

ଛାତ୍ରଛାତ୍ରୀମାନେ ତାଙ୍କ ଶିକ୍ଷକ ସହିତ ମଧ୍ୟପ୍ରଦେଶର ପଚମଢ଼ୀ (Pachmarhi) କୁ ପ୍ରକୃତି ଯାତ୍ରା ପାଇଁ ପ୍ରସ୍ତୁତ ହେଲେ ।

**ଶିକ୍ଷକଙ୍କୁ ସୂଚନା :**
ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଭାରତ ମାନଚିତ୍ରରେ ମଧ୍ୟପ୍ରଦେଶକୁ ଚିହ୍ନଟ କରିବାପାଇଁ ଉତ୍ସାହିତ କରିବେ ।

https://withteachers.in/




ଯେତେବେଳେ ସେମାନେ ଜଙ୍ଗଲର ପ୍ରବେଶ ପଥରେ ପହଞ୍ଚିଲେ ଛାତ୍ରଛାତ୍ରୀମାନେ ଉଚ୍ଚା ଉଚ୍ଚା ଗଛ ଓ ପକ୍ଷୀମାନଙ୍କର କିଚିରିମିଚିରି ଶବ୍ଦ ଶୁଣି ବହୁତ ଉତ୍ସାହିତ ହେଲେ ।

**ଆଭା:** ପଚମଢ଼ୀ (Pachmarhi) କୁ ସ୍ୱାଗତ ।

**ଶିକ୍ଷୟିତ୍ରୀ:** ଇଏ ହେଉଛନ୍ତି ଆଭା ଦିଦି, ଜଣେ ପ୍ରକୃତି ବିଜ୍ଞାନୀ, ଯିଏ ଉଦ୍ଭିଦ ଓ ପ୍ରାଣୀମାନଙ୍କ ବିଷୟରେ ଅଧ୍ୟୟନ କରନ୍ତି । ସେ ଆମକୁ ଜଙ୍ଗଲ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ସହାୟତା ପ୍ରଦାନ କରିବେ ।

**ଛାତ୍ରଛାତ୍ରୀ:** ଆଭା ଦିଦି ! ଆମେ ମାଙ୍କଡ଼, ହରିଣ, ସାପ, ଚିଲ ଓ ବାଘମାନଙ୍କୁ ରାସ୍ତାରେ ଦେଖିପାରିବା କି ?

**ଆଭା:** ସେମାନଙ୍କୁ ହିଁ ଆମେ ଖୋଜିବାକୁ ଯାଉଛୁ ।
ଆମେ ଧ୍ୟାନ ରଖିବା ଯେ, ଜଙ୍ଗଲରେ ଥିବା ପ୍ରାଣୀ ଓ ଉଦ୍ଭିଦମାନଙ୍କର କୌଣସି କ୍ଷତି କରିବା ନାହିଁ ।



https://withteachers.in/

## ଆସ ଲେଖିବା



୧.   ଚିଡ଼ିଆଖାନା କିମ୍ବା ଜଙ୍ଗଲ ମଧ୍ୟରେ ଯିବାବେଳେ କେଉଁ ନିୟମଗୁଡ଼ିକ ମାନିବା ଉଚିତ, ତୁମେ ଜାଣିଛ କି ?

ଉଦାହରଣ ସ୍ୱରୂପ:

(କ) ଆମେ ପକ୍ଷୀମାନଙ୍କୁ ଖାଇବାକୁ ଦେବା ଅନୁଚିତ ।

(ଖ)

(ଗ)

(ଘ)

ଏବେ ତଳେ ଦିଆଯାଇଥିବା ସୁରକ୍ଷା ନିୟମଗୁଡ଼ିକୁ ଦେଖ ଏବଂ ତୁମ ତାଲିକା ସହିତ ମିଳାଅ । ତୁମେ କୌଣସି ନିୟମ ଛାଡ଼ି ଯାଇଛ କି ?

### ସୁରକ୍ଷା ନିୟମ:



**କ'ଣ କରିବା ଓ କ'ଣ କରିବା ଅନୁଚିତ**

୧. ନୂଆ ଜାଗାରେ ସାବଧାନ ରୁହନ୍ତୁ ।

୨. ଦୟାକରି ପ୍ରାଣୀମାନଙ୍କୁ ବିରକ୍ତ କରନ୍ତୁ ନାହିଁ ।

୩. ପ୍ରାଣୀମାନଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ ।

୪. ଗଛ ଏବଂ ଫୁଲର କୌଣସି କ୍ଷତି କରନ୍ତୁ ନାହିଁ ।

୫. ତୁମର ପୋଷାପ୍ରାଣୀ, ଦହନଶୀଳ / ବିସ୍ଫୋରକ ଦ୍ରବ୍ୟ ଏବଂ କୌଣସି ପ୍ରକାର ମାରଣାସ୍ତ୍ର ସାଥିରେ ନିଅନ୍ତୁ ନାହିଁ ।

୬. କୌଣସି ପଲିଥିନ ବ୍ୟାଗ ନିଅନ୍ତୁ ନାହିଁ ।

୭. ସର୍ବସାଧାରଣଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଜିନିଷର କୌଣସି କ୍ଷତି କରନ୍ତୁ ନାହିଁ ।

୮. ଜଙ୍ଗଲ ମଧ୍ୟରେ କୌଣସି ଆବର୍ଜନା ଫିଙ୍ଗନ୍ତୁ ନାହିଁ ।





## ଆସ କଥା ହେବା


ଏହି ନିୟମଗୁଡ଼ିକୁ ପାଳନ କରିବା ଗୁରୁତ୍ୱପୂର୍ଣ୍ଣ କାହିଁକି ?






https://withteachers.in/

ଛାତ୍ରଛାତ୍ରୀମାନେ ଜିପ ମଧ୍ୟକୁ ଡେଇଁ ପ୍ରବେଶ କଲେ । ସେମାନେ ଯେତେବେଳେ ଜଙ୍ଗଲ ମଧ୍ୟକୁ ପ୍ରବେଶ କଲେ, ବିଭିନ୍ନ ପ୍ରକାରର ପ୍ରାଣୀ ଏବଂ ଉଦ୍ଭିଦମାନଙ୍କୁ ଦେଖିଲେ ।



https://withteachers.in/

कार्य्य ୧



**ଜଙ୍ଗଲରେ ଥିବା ପ୍ରାଣୀ:**

- ଚିତ୍ରକୁ ନିରୀକ୍ଷଣ କର ଏବଂ ପ୍ରାଣୀମାନଙ୍କୁ ଚିହ୍ନଟ କର । ତୁମେମାନେ ଏଥିନିମନ୍ତେ ତୁମ ଶିକ୍ଷକଙ୍କର ସାହାଯ୍ୟ ନେଇପାରିବ ।
- ସେଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କର ।

୧. ସ୍ଥଳଭାଗରେ ଥିବା ପ୍ରାଣୀ :

______________________________

୨. ଆକାଶରେ ଥିବା ପକ୍ଷୀ :

______________________________



https://withteachers.in/

## ଆସ ଲେଖିବା

ତୁମେ ଦେଖିଥିବା କିଛି ପଶୁ ଓ ପକ୍ଷୀଙ୍କର ନାମ ଲେଖ ।
ପ୍ରତ୍ୟେକଟିର ଗୋଟିଏ ଲେଖାଏଁ ଗୁଣ ଲେଖ ।

| ପ୍ରାଣୀର ନାମ | ବୈଶିଷ୍ଟ୍ୟ |
|---|---|
| ହାତୀ | ଖାଦ୍ୟ ଓ ପାଣି ପିଇବାପାଇଁ ଲମ୍ବା ଶୁଣ୍ଢ |
| ଘର ଚଟିଆ | ମଞ୍ଜିକୁ ଭାଙ୍ଗିବାକୁ ଶକ୍ତ ଓ ଛୋଟ ଥଣ୍ଟ |
| | |
| | |
| | |

ଭାରତୀୟ ଲାଲ ରଙ୍ଗର ବୃହତ ଗୁଣ୍ଡୁଚିମୂଷା, ପଚମଢ଼ୀ ଓ ଅନ୍ୟ କେତେକ ସ୍ଥାନରେ ଦେଖିବାକୁ ମିଳିଥାଏ ।



## ଆସ ଲେଖିବା

ତୁମ ଅଞ୍ଚଳରେ ଦେଖାଯାଉଥିବା ଗୁଣ୍ଡୁଚିମୂଷାର ବୈଶିଷ୍ଟ୍ୟକୁ ବୃହତ ଗୁଣ୍ଡୁଚି ସହ ତୁଳନା କରି ନିମ୍ନରେ ଲେଖ ।



https://withteachers.in/




**ତୁମେ ଜାଣକି ?**

ଚଷମା ଭଳି ଆଖି ଦେଖାଯାଉଥିବା ମାଙ୍କଡ଼ ହେଉଛି ତ୍ରିପୁରାର ''ରାଜ୍ୟ ପଶୁ'' (State animal)। ଏହାର ଆଖି ଚାରିପାଖରେ ଥିବା ଧଳା ଦାଗ ଯୋଗୁଁ ଆମକୁ ଚଷମା ପିନ୍ଧିଥିବା ପରି ଜଣାଯାଏ ।



ଓଡ଼ିଶାର ରାଜ୍ୟ ପଶୁ 'ସମ୍ବର'

ଜିପ୍‌ର ପରବର୍ତ୍ତୀ ରହଣୀସ୍ଥଳ ଏକ ଜଳାଶୟ ନିକଟରେ ଥିଲା, ଯେଉଁଠାରେ ଥିବା ଅନେକ ପଶୁମାନଙ୍କୁ ଦେଖିବାପାଇଁ ଶିକ୍ଷାର୍ଥୀମାନେ ଅଧିକ ଉତ୍ସାହିତ ହୋଇଥିଲେ ।






ବର୍ତ୍ତମାନ ଗୟଳଗୁଡ଼ିକୁ ଦେଖ ! ସେମାନେ ମଇଁଷି ପରି ଦେଖାଯାଆନ୍ତି, କିନ୍ତୁ ସେମାନେ ଅଧିକ ବଳୁଆ ଏବଂ ତାଙ୍କର ଛୋଟ ଶିଙ୍ଗ ଥାଏ ।



**ଆର୍ଯ୍ୟ:** ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ, ଅନ୍ୟ କେଉଁ ପ୍ରାଣୀମାନେ ଏଠାକୁ ପାଣି ପିଇବା ପାଇଁ ଆସନ୍ତି । କାଦୁଅରେ ଥିବା ପାଦ ଚିହ୍ନଗୁଡ଼ିକୁ ଦେଖ । ଏହି ପାଦଚିହ୍ନ ଗୁଡ଼ିକ ଅନ୍ୟ କେଉଁ ପ୍ରାଣୀର ହୋଇଥାଇପାରେ ?

**ସାର୍ଥକ:** ହଁ । ଏହା ଗୋଟିଏ ହରିଣ କିମ୍ବା ବାଘ କିମ୍ବା ଏକ ଠେକୁଆର ହୋଇଥାଇପାରେ ? ମୁଁ ସେଠାରେ ଗୋଟିଏ ଠେକୁଆ ଘାସ ଖାଉଥିବାର ଦେଖୁଛି ।

**ଶିକ୍ଷକଙ୍କୁ ସୂଚନା :**
ପାରା ଓ କପୋତ ଏବଂ କୁମ୍ଭୀର ଓ ମଗରମାଛ ପରି ସମାନ ଦେଖାଯାଉଥିବା ପ୍ରାଣୀମାନଙ୍କ ମଧ୍ୟରେ ପାର୍ଥକ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରନ୍ତୁ ।






https://withteachers.in/

## କାର୍ଯ୍ୟ ୨



୧. ପାଦ ଚିହ୍ନଗୁଡ଼ିକୁ ଦେଖ ଏବଂ ସେହି ଜୀବଜନ୍ତୁମାନଙ୍କର ନାମ ଅନୁମାନ କର ଯେଉଁ ଜୀବମାନେ ଜଳାଶୟକୁ ପାଣି ପିଇବାପାଇଁ ଆସିଥିବେ ।



_______________ _______________ _______________

୨. ଏଠାରେ ଦିଆଯାଇଥିବା ସ୍ଥାନରେ ଯେକୌଣସି ପ୍ରାଣୀର ପାଦଚିହ୍ନ ଦେଖନ୍ତୁ ଓ ଅଙ୍କନ କରନ୍ତୁ ।

ସାର୍ଥକ ଏକ ପକ୍ଷୀ ବିଷୟରେ ଜାଣିବାକୁ ଚାହୁଁଥିଲା । ଏହାର ଏକ ଲମ୍ବା ଲାଞ୍ଜ ଏବଂ ଏକ ବଡ଼ ବଙ୍କା ଥଣ୍ଟ ଥିଲା ଯିଏ କି ପାଖରେ ଥିବା ଏକ ଗଛରେ ବସିଥିଲା ।





https://withteachers.in/








**ଆଭା:** ତାହା ଏକ କୋଚିଲାଖାଇ, ଏହାର ଶିଙ୍ଗ ପରି ଏକ ଚୂଳ ବାହାରିଛି । ଆଉ କିଛି ପକ୍ଷୀ ଅଛନ୍ତି ଯେପରିକି ମୟୂର ଯାହାର ପୁଚ୍ଛ ରଙ୍ଗୀନ ଓ ଅନ୍ୟ କିଛି ପକ୍ଷୀ ଅଛନ୍ତି, ଯେପରି ପେଚା, ଯାହାର ତୀକ୍ଷଣ ଦୃଷ୍ଟିଶକ୍ତି ଅଛି ଯାହାଦ୍ୱାରା ରାତିରେ କିଛି ଦେଖିବାରେ ସାହାଯ୍ୟ କରେ ।

## ଆସ ଲେଖିବା

ତଳେ ଦିଆଯାଇଥିବା ପକ୍ଷୀମାନଙ୍କର ନାମ ଲେଖ ।

 ______________  ______________

 ______________  ______________





https://withteachers.in/

## କାର୍ଯ୍ୟ ୩




ଏକ ପ୍ଲେଟରେ ଶସ୍ୟ, କୋଳି, ଫଳ, ବାଦାମ ଇତ୍ୟାଦି ବିଭିନ୍ନ ଖାଦ୍ୟ ସାମଗ୍ରୀ ନିଅ । ଚାମଚ, ଦାନ୍ତ ଖୁଣ୍ଟା କିମ୍ବା ଏକ ଯୋଡ଼ା କାଠି ବ୍ୟବହାର କରି ଖାଦ୍ୟ ସବୁକୁ ବାଛିବାକୁ ଚେଷ୍ଟା କର । ଏହି ପ୍ରତ୍ୟେକ ଖାଦ୍ୟକୁ ବାଛିବାପାଇଁ ବ୍ୟବହୃତ ସଂରଞ୍ଜାମ / ଉପକରଣକୁ ନେଇ ନିମ୍ନରେ ଦିଆଯାଇଥିବା ସାରଣୀଟିକୁ ପୂରଣ କର ।

| ଖାଦ୍ୟ ସାମଗ୍ରୀ | ଆବଶ୍ୟକ ଉପକରଣ |
|---|---|
| ଶସ୍ୟ | |
| କୋଳି | |
| ବାଦାମ | |
| କଟାଯାଇଥିବା ଫଳଖଣ୍ଡ | |

ଏହା ଜାଣିବା ଦରକାର ଯେ ପକ୍ଷୀମାନଙ୍କର ଥଣ୍ଟ ଏବଂ ପଞ୍ଝା ଅଛି, ଯାହା କି ସେମାନଙ୍କୁ ଖାଇବା ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସାହାଯ୍ୟ କରେ । ଶିକାର ଧରିବାପାଇଁ ଚିଲପକ୍ଷୀର ଏକ ତୀକ୍ଷ୍ଣ ବକ୍ର ଥଣ୍ଟ ଏବଂ ପଞ୍ଝା ଥାଏ । ମାତ୍ର ଏକ ଚୁମୁକି (ସୂର୍ଯ୍ୟ ପକ୍ଷୀ) ଫୁଲରୁ ରସ ସଂଗ୍ରହ ପାଇଁ ଲମ୍ବା ଥଣ୍ଟ ବ୍ୟବହାର କରେ । ଆମେ ପକ୍ଷୀର ଥଣ୍ଟ ଏବଂ ପଞ୍ଝା ଦେଖି ତାହାର ଖାଦ୍ୟ ଅଭ୍ୟାସ ଅନୁମାନ କରିପାରିବା ।

**ଶିକ୍ଷକଙ୍କୁ ସୂଚନା :**
ଆପଣ ସ୍ଥାନୀୟ ଖାଦ୍ୟ ସାମଗ୍ରୀ ଏବଂ ଉପକରଣ ବ୍ୟବହାର କରି ପକ୍ଷୀମାନଙ୍କର ବିଭିନ୍ନ ପ୍ରକାରର ଥଣ୍ଟର ଆକୃତି ସହିତ ସଂପର୍କିତ କରିପାରିବେ । ଉଦାହରଣ ସ୍ୱରୂପ- ଚିମୁଟା (ପ୍ଲାସ୍) ଚଢ଼େଇର ଥଣ୍ଟ ସଦୃଶ ।





https://withteachers.in/











ବିଭିନ୍ନ ପକ୍ଷୀଙ୍କର ଭିନ୍ନ ଭିନ୍ନ ଥଣ୍ଟ, ପଞ୍ଝା ଏବଂ ଅଲଗା ଅଲଗା ଖାଦ୍ୟ ଅଭ୍ୟାସ ଥାଏ ।














https://withteachers.in/

## କାର୍ଯ୍ୟ ୪



### ୧. ପକ୍ଷୀ ଡାଏରୀ ପ୍ରସ୍ତୁତି

(କ) ଏକ ଗଛ ନିକଟକୁ ଯାଅ ।

(ଖ) ଆଖି ବନ୍ଦ କର ଏବଂ ବିଭିନ୍ନ ପକ୍ଷୀଙ୍କର ଶବ୍ଦ ଶୁଣ ।

(ଗ) ଏବେ ଆଖି ଖୋଲ ଏବଂ ଏକ ସମୟରେ ଗୋଟିଏ ପକ୍ଷୀ ଉପରେ ଧ୍ୟାନ ଦିଅ ।

(ଘ) ଦେଖ ଯେ ଏହା କିପରି ଗତି କରେ, କ'ଣ ଖାଏ ଓ କେଉଁଠି ବସେ ?

(ଙ) **ପକ୍ଷୀ ଡାଏରୀ**ରେ ତୁମର ପର୍ଯ୍ୟବେକ୍ଷଣକୁ ଲେଖ ।

ପ୍ରତ୍ୟେକ ପକ୍ଷୀପାଇଁ ନିମ୍ନଲିଖିତ ବିଷୟଗୁଡ଼ିକୁ ଧ୍ୟାନ ଦିଅନ୍ତୁ ।

ନାମ ________________ ତାରିଖ ________

## ମୋ ପକ୍ଷୀ ଡାଏରୀ



**ବାହ୍ୟ ରୂପ**

**ମୁଣ୍ଡର ରଙ୍ଗ :** ________

**ପଛ ରଙ୍ଗ :** ________

**ଡେଣା ରଙ୍ଗ :** ________

**ଥଣ୍ଟର ଆକାର:** ________

**ଗଳା ରଙ୍ଗ :** ________

**ଗୋଡ଼ର ରଙ୍ଗ :** ________


କୌତୁହଳପୂର୍ଣ୍ଣ ତଥ୍ୟ

________

________


________

________





https://withteachers.in/



୨. ଜଳାଶୟ ମଧ୍ୟରେ ଏବଂ ଏହାର ଆଖପାଖରେ ବାସ କରୁଥିବା ପ୍ରାଣୀମାନଙ୍କର ତାଲିକା ପ୍ରସ୍ତୁତ କର । ନିମ୍ନରେ ଦିଆଯାଇଥିବା ସାରଣୀ ପୂରଣ କର ।

| ପ୍ରାଣୀର ନାମ | ଗତିବିଧି |
|---|---|
| ମାଛ | ପହଁରିବା |
| କଙ୍କଡ଼ା | ଚାଲିବା |
| ବେଙ୍ଗ | ଡେଇଁବା |
| କଇଁଛ | |
| କୁମ୍ଭୀର | |
| ସାପ | |
| | |
| | |
| | |

ଜଳଚର ପ୍ରାଣୀମାନଙ୍କର ବିଶେଷ ଗୁଣ ସେମାନଙ୍କୁ ବଞ୍ଚିବାରେ ସାହାଯ୍ୟ କରେ । ମାଛମାନଙ୍କର ପହଁରିବା ପାଇଁ ଡେଣା ଥାଏ । ଘଡ଼ିଆଳ ଏକ ପ୍ରକାର କୁମ୍ଭୀର ଯାହାର ମାଛ ଧରିବା ପାଇଁ ଏକ ଲମ୍ବା, ସରୁ, ଗୋଜିଆ ଥଣ୍ଟ ଥାଏ । କଇଁଛମାନଙ୍କର ଟାଣ ଖୋଳପା ତାଙ୍କୁ ସୁରକ୍ଷିତ ରଖିଥାଏ ଏବଂ ପହଁରିବା ପାଇଁ ଆହୁଲା ଭଳି ପାଦ ଥାଏ । ବେଙ୍ଗ ଉଭୟ ସ୍ଥଳ ଓ ଜଳରେ ବାସ କରେ ।



https://withteachers.in/




## କ୍ଷୁଦ୍ର ପ୍ରାଣୀ

ଏକ ଝିଣ୍ଟିକା ଘାସ ଭିତରୁ ହଠାତ୍ ବାହାରକୁ ବାହାରି ଆସିଲା । ସମସ୍ତେ ଏହାକୁ ଦେଖି ମଜା ନେଲେ ।

**ଆର୍ଯ୍ୟ:** ଏହା ଏକ କୀଟ ଅଟେ । ଏହାର ତିନିଯୋଡ଼ା ଗୋଡ଼ ଏବଂ ଚାରିପାଖକୁ ଅନୁଭବ କରିବାପାଇଁ ଏକ ଯୋଡ଼ା ଆଣ୍ଟିନା ଅଛି । କେତେକ କୀଟ ପତଙ୍ଗମାନଙ୍କର ଦୁଇଯୋଡ଼ା ଡେଣା ଥାଏ, ଯେପରିକି ମାଛି, ଝିଣ୍ଟିକା ଇତ୍ୟାଦି ।

**ଆଭା:** ଝିଣ୍ଟିକା ପରି ଜଙ୍ଗଲରେ ତୁମେ କେତେକ କୀଟପତଙ୍ଗ ଦେଖିପାରିବ, ଯେପରିକି ପିମ୍ପୁଡ଼ି ଗୋବର ପୋକ, ମାଛି, ମହୁମାଛି, ଶିକାର କଲାଭଳି ଝିଣ୍ଟିକା, ପ୍ରଜାପତି ଇତ୍ୟାଦି ।


### ଆସ ଲେଖିବା



୧. ତୁମେ ଘରେ ଓ ଘର ଚାରିପାଖରେ କେଉଁ ସବୁ କୀଟପତଙ୍ଗମାନଙ୍କୁ ଦେଖିବାକୁ ପାଇଥାଅ ?

_______________________________________________

୨. ତଳେ ଦିଆଯାଇଥିବା କୀଟପତଙ୍ଗମାନଙ୍କର ନାମ ଲେଖ ।





(କ) __________ (ଖ) __________ (ଗ) __________ (ଘ)

(ଙ) __________ (ଚ) __________ (ଛ)



https://withteachers.in/

ବଣରେ ପ୍ରାଣୀମାନଙ୍କର ଏକ ଆଶ୍ଚର୍ଯ୍ୟଜନକ ବିବିଧତା ଅଛି । ପ୍ରତ୍ୟେକଟିର ନିଜର ବିଶେଷ ଗୁଣ ମଧ୍ୟ ଅଛି ।




## କାର୍ଯ୍ୟ ୫


୧. ପ୍ରକୃତି ଯାତ୍ରା ପରିଦର୍ଶନ ସମୟରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଗଛଗୁଡ଼ିକରୁ ପତ୍ର ସଂଗ୍ରହ କରିଥିଲେ । ତଳେ ଦିଆଯାଇଥିବା ପତ୍ରଗୁଡ଼ିକର ଚିତ୍ରକୁ ଦେଖି ସେଗୁଡ଼ିକର ନାମ ଲେଖ ।






(କ) ____________ (ଖ) ____________ (ଗ) ____________ (ଘ) ____________





(ଙ) ____________ (ଚ) ____________ (ଛ) ____________

୧. ତୁମ ଚାରିପାଖରେ ଥିବା ବିଭିନ୍ନ ଉଦ୍ଭିଦଗୁଡ଼ିକର ପତ୍ରକୁ ଦେଖି ସାରଣୀଟିକୁ ପୂରଣ କର ।

| ପତ୍ରର ନାମ ଲେଖ ଓ ଚିତ୍ର କର | ରଙ୍ଗ | ଆକାର | ଗଠନ ପ୍ରକୃତି | ଅନ୍ୟ କୌଣସି ନିରୀକ୍ଷଣ |
|---|---|---|---|---|
|  ଲେମ୍ବୁ | ସବୁଜ | ଅଣ୍ଡାକୃତି | ଚିକ୍କଣ | ସୁଗନ୍ଧଯୁକ୍ତ |






https://withteachers.in/

| ପତ୍ରର ନାମ ଲେଖ ଓ ଚିତ୍ର କର | ରଙ୍ଗ | ଆକାର | ଗଠନ ପ୍ରକୃତି | ଅନ୍ୟ କୌଣସି ନିରୀକ୍ଷଣ |
|---|---|---|---|---|
| | | | | |
| | | | | |
| | | | | |
| | | | | |

ବିଭିନ୍ନ ରଙ୍ଗ, ଗଠନ ଏବଂ ଆକୃତି ବ୍ୟତୀତ ତୁମେମାନେ କ'ଣ ଦେଖିଛ କି ପତ୍ରଗୁଡ଼ିକରେ ବିଭିନ୍ନ ରେଖା ଅଛି ? ଏହି ରେଖାଗୁଡ଼ିକୁ ଶିରା କୁହାଯାଏ । ତଳେ ଦୁଇଟି ଭିନ୍ନ ପ୍ରକାରର ଶିରାବିନ୍ୟାସ ଥିବା ପତ୍ରର ଚିତ୍ର ଦିଆଯାଇଛି ।





https://withteachers.in/


## ପତ୍ର ଛାପ -



ତୁମେ ତୁମ ନୋଟ ଖାତାରେ ଏକ ପତ୍ର ରଖ । ଏହାର ଖଦଡ଼ା ପୃଷ୍ଠଟିକୁ ଉପରକୁ ରଖ । ଏହା ଉପରେ ଅନ୍ୟ ଏକ ସାଧା କାଗଜ ମଡ଼ାଇ ରଖ । ସାଧା କାଗଜଟିକୁ କ୍ରେୟନ ଦ୍ୱାରା ଘଷିଲେ ପତ୍ର ଆକୃତି ଭଲ ଭାବରେ ଦେଖାଯିବ । ପତ୍ରଟି ଯେଉଁ ଉଦ୍ଭିଦ ସହିତ ଜଡ଼ିତ ତା'ର ନାମ ଲେଖ ।


## ଆସ ଖେଳିବା "ଜୀବନ ଜାଲ ଖେଳ"

ତୁମେ କେବେ ଭାବିଛ କି ସମସ୍ତ ଜୀବ ପରସ୍ପର ସହିତ କିପରି ସଂପର୍କିତ ? ଆସ ଏକ ଖେଳ ଖେଳିବା । ତୁମକୁ କେବଳ ଭାବିବାକୁ ପଡ଼ିବ ଯେ ତୁମେ ପ୍ରକୃତିର ଏକ ଅଂଶ- ହୁଏତ ଏକ ଗଛ, ପକ୍ଷୀ, କିମ୍ବା ସୂର୍ଯ୍ୟ ।





https://withteachers.in/



**ଶିକ୍ଷକଙ୍କୁ ସୂଚନା :**
ଛାତ୍ରଛାତ୍ରୀମାନଙ୍କୁ ଖେଳରେ ସେମାନଙ୍କର ଭୂମିକାକୁ ବୁଝିବା ଏବଂ ଆଲୋଚନାରେ ଭାଗନେବା ପାଇଁ ପ୍ରୋତ୍ସାହିତ କରିବେ ।
ସେମାନଙ୍କୁ ପ୍ରକୃତିରେ ପରସ୍ପର ସହିତ ସଂଯୋଗ ଓ ପରସ୍ପର ନିର୍ଭରଶୀଳତା ପାଇଁ ସାହାଯ୍ୟ କରିବେ ।



https://withteachers.in/



## କିପରି ଖେଳିବେ ?


୧. ପ୍ରତ୍ୟେକ ଖେଳାଳୀ ଏକ ଉଦ୍ଭିଦ, ପ୍ରାଣୀ କିମ୍ବା ପ୍ରାକୃତିକ ଉପାଦାନ ନାମ ଲେଖାଥିବା କାର୍ଡ଼ ପାଆନ୍ତି ।

୨. ଜଣେ ଖେଳାଳୀ ସୂତାର ଏକ ବଲ୍ ଧରି ଖେଳ ଆରମ୍ଭ କରନ୍ତି ଏବଂ ସମାନ କାର୍ଡ଼ ଥିବା ସାଥୀ ସହିତ ସଂଯୋଗ ପାଇଁ ଭାବନ୍ତି । ଉଦାହରଣ ସ୍ୱରୂପ - ଗଛଟିଏ ପକ୍ଷୀପାଇଁ ଖାଦ୍ୟ ଯୋଗାଏ କିମ୍ବା ମାଛ ରହିବା ପାଇଁ ନଦୀ ସ୍ଥାନ ଯୋଗାଏ । ତେଣୁ ଗଛ କାର୍ଡ଼ ଧରିଥିବା ପିଲାଟି ସହିତ ପକ୍ଷୀ କାର୍ଡ଼ ଧରିଥିବା ପିଲାକୁ ସୂତା ଦ୍ୱାରା ସଂଯୋଗ କରାଯାଇପାରିବ କିମ୍ବା ମାଛ କାର୍ଡ଼ ଧରିଥିବା ପିଲା ସହିତ ନଦୀକାର୍ଡ଼ ଧରିଥିବା ପିଲାସହ ସଂପର୍କ ଯୋଡ଼ିହେବ ।

୩. ସୂତାର ଗୋଟିଏ ପ୍ରାନ୍ତ ପ୍ରଥମ ଖେଳାଳି ଧରିଥିବାବେଳେ ବଲ୍‌ଟିକୁ ପରବର୍ତ୍ତୀ ଖେଳାଳିକୁ ବଢ଼ାଇ ଦିଆଯାଏ । ଜାଲଟି ସେ ପର୍ଯ୍ୟନ୍ତ ବଢ଼ିବାକୁ ଲାଗେ ଯେ ପର୍ଯ୍ୟନ୍ତ ସଂଯୋଗ ବଢ଼ି ବଢ଼ି ଚାଲେ ।

୪. ବର୍ତ୍ତମାନ ଚିନ୍ତାକର ଯଦି ଜାଲର କୌଣସି ଅଂଶ ବାଦ ପଡ଼ିଯାଏ, ତେବେ କ'ଣ ହେବ ? ଉଦାହରଣସ୍ୱରୂପ ହରିଣ ଓ ବ୍ୟାଘ୍ର ସଂପର୍କ ସୂତ୍ରରୁ ହରିଣ ବାଦ ପଡ଼ିଲା ବା ଉଦ୍ଭିଦ ଓ ପ୍ରାଣୀ ସମ୍ପର୍କରୁ ଉଦ୍ଭିଦ ବାଦ ପଡ଼ିଲେ ।

୫. ଲକ୍ଷ୍ୟକର ଏହା ଫଳରେ ଜାଲିଟି କିପରି ଦୁର୍ବଳ ହୋଇ ଛିଡ଼ିଯାଉଛି । ଏହା ଦର୍ଶାଉଛି ଯେ ପ୍ରକୃତିରେ ସମସ୍ତେ କିପରି ପରସ୍ପର ସହିତ ସମ୍ପର୍କିତ ।





https://withteachers.in/

## ଆସ ଚିନ୍ତା କରିବା

୧. ତୁମେ କେଉଁ ପ୍ରାଣୀ ହେବାକୁ ପସନ୍ଦ କରିବ ? ତାହା ଠାରୁ କେଉଁ ବିଶେଷ ଗୁଣାବଳୀ ତୁମକୁ ମିଳି ପାରିବ ?

୨. ବିଭିନ୍ନ ଉଦ୍ଭିଦ ଏବଂ ପ୍ରାଣୀ କିପରି ପରସ୍ପର ନିର୍ଭରଶୀଳ ବୋଲି ଚିନ୍ତା କରୁଛ ?

୩. ଜଣେ ପ୍ରକୃତି ବୈଜ୍ଞାନିକଙ୍କ ଭୂମିକା କ'ଣ ?


୪. ନିମ୍ନଲିଖିତ ପ୍ରହେଳିକାକୁ ସମାଧାନ କର ।

**ଜଙ୍ଗଲର ସଂପଦକୁ ଚିହ୍ନଟ କର ।**

| | | | | | | | | | |
|---|---|---|---|---|---|---|---|---|---|
| ର | ବା | ଘ | ବ | କା | ଉ | ଚ | ଉ | ଗୁ | ସ |
| ସା | କ | ର | ମ | ସିଂ | ର | ପ | ଟ | ଣ୍ଡୁ | ସା |
| ପ | ବି | ଚ | ମ | ହ | ରି | ଣ | ନ | ଚି | ପ |
| କ | ଛା | ଟି | ବ | ଭ | ମ | ପ | ଫ | ମୂ | ମ |
| ବି | ଲୁ | ଆ | ତ | ହା | ତୀ | ଠ | ବ | ଷା | କ |
| ପ | ଟ | ମୂ | ପା | ଦ | ଚି | ହ୍ନ | ଠ | କୋ | ର |
| ଙ | ଠ | ମ | ନ | ଜ | ଗ | ୟ | ଳ | ଚି | ଲ |
| କ | ଅ | ୟୁ | ଯ | ତ୍ | ଧ | ଛ | ଚ | ଲା | ଲ |
| ର | ଘ | ର | ଚ | ଟି | ଆ | ଭା | ଲୁ | ଖା | ଳ |
| ମ | ପ | ଚ | ମା | ସ | ର | ଙ୍କ | ଗ | ଇ | ଷ |

୫. **ଆହ୍ୱାନକୁ ଗ୍ରହଣ କର :**

ତୁମର ପରିବାର କିମ୍ବା ସାଙ୍ଗମାନଙ୍କ ସହିତ ନିକଟରେ ଥିବା ପାର୍କରେ ପଦଯାତ୍ରା ପାଇଁ ଯୋଜନା କର । ନିଜକୁ ଜଣେ ମାର୍ଗଦର୍ଶକ ଭାବେ ପ୍ରସ୍ତୁତ କର। କେତେକ ପକ୍ଷୀ ଓ ଉଦ୍ଭିଦଙ୍କୁ ଚିହ୍ନଟ କର ଏବଂ ସେମାନଙ୍କର ବିଶେଷ ଗୁଣକୁ ଚିହ୍ନଟ କର । ସେମାନଙ୍କ ସମ୍ବନ୍ଧରେ କିଛି ଆକର୍ଷଣୀୟ ତଥ୍ୟ ଅଧ୍ୟୟନ କର ଯାହା ତୁମେ ଚାଲିବା ସମୟରେ ବ୍ୟାଖ୍ୟା କରିପାରିବ ।






https://withteachers.in/

୬. **ଗୋଟିଏ କାର୍ଯ୍ୟ କର**

**ଚରିତ୍ର ଅଭିନୟ:** ତୁମ ଶ୍ରେଣୀଗୃହରେ ଜଙ୍ଗଲର ଦୃଶ୍ୟ ସୃଷ୍ଟି କର ଯେଉଁଠାରେ ଛାତ୍ରଛାତ୍ରୀମାନେ ଉଦ୍ଭିଦ, ପ୍ରାଣୀ ଏବଂ ପରିଦର୍ଶକର ଭୂମିକା ପ୍ରଦର୍ଶନ କରିପାରିବେ । ନାଟକଟି ଅଭିନୟ କରିବା ସମୟରେ ପ୍ରାଣୀ ଓ ଉଦ୍ଭିଦକୁ ସୁରକ୍ଷା କରିବାର ବାର୍ତ୍ତା ପ୍ରେରଣ ଦିଗରେ ଉଦ୍ୟମ କରିବେ ।

୭. ଆସ କାଗଜରେ ଏକ କଇଁଛ ତିଆରି କରିବା । ଏକ ପୁରୁଣା ଖବର କାଗଜ କିମ୍ବା ବ୍ୟବହୃତ କାଗଜ ବ୍ୟବହାର କରିବାକୁ ଚେଷ୍ଟା କର ।



୮. **ଜାଣ :**

ତୁମ ରାଜ୍ୟର ରାଜ୍ୟ ପଶୁ, ପକ୍ଷୀ ଓ ଉଦ୍ଭିଦର ନାମ ଲେଖ ।



https://withteachers.in/


## ଚତୁର୍ଥ ପାଠ

# ପ୍ରକୃତି ସହିତ ବଢ଼ିବା



### ଏକ ଜଙ୍ଗଲ ମଧ୍ୟରେ ଯାତ୍ରା :

ରୀନା ଏବଂ ଅମିତ ତାଙ୍କ ପରିବାରର ସମସ୍ତଙ୍କ ସହ ମିଶି ଏକ ଯାତ୍ରା ପାଇଁ ଉତ୍ସାହିତ ଥିଲେ । ସେମାନେ ଜଙ୍ଗଲ ନିକଟବର୍ତ୍ତୀ ତାଙ୍କ ଗାଁକୁ ଯାଉଥିଲେ । ଏହା ଥିଲା ଫସଲ ଅମଳ ମହୋତ୍ସବର ସମୟ । ଏହା ବ୍ୟତୀତ ଏହା ଏକ ବିଶେଷ ଅବସର ସମୟ ଥିଲା । ସେହିଦିନ ସେମାନଙ୍କ ଗାଁ ମଧ୍ୟ ସଂପୂର୍ଣ୍ଣ ସୌରଶକ୍ତିଚାଳିତ ଗାଁ ହେବାକୁ ଯାଉଥିଲା । ସେମାନେ ଉତ୍ସବ ପାଇଁ ପୁରା ଗାଁ ଆଲୋକିତ ହେବା ଦେଖିବାକୁ ଅପେକ୍ଷା କରିବା ଅବସ୍ଥାରେ ନ ଥିଲେ ।



## ଗ୍ରାମକୁ ସ୍ୱାଗତ :



ସେମାନେ ଗାଁରେ ପ୍ରବେଶ କରିବା ସମୟରେ, ଉଜ୍ଜ୍ୱଳ କମଳା-ଲାଲ ଫୁଲରେ ପରିପୂର୍ଣ୍ଣ ଗଛ ଦେଖିଲେ । ରୀନା ପଚାରିଲା "ସେହି ଫୁଲଗୁଡ଼ିକର ନାମ କ'ଣ ?" ତାଙ୍କ ବାପା ଟିକିଏ ହସିଲେ ଏବଂ କହିଲେ, "ଏହା ଏକ ପଳାଶ ଗଛ । ଯେତେବେଳେ ଏହି ଗଛରେ ଫୁଲ ଫୁଟେ, ଦୂରରୁ ସମ୍ପୂର୍ଣ୍ଣ ଜଙ୍ଗଲଟି ଲୋହିତ-କମଳାରଙ୍ଗ ଦେଖାଯାଏ ।" ତେଣୁ "ପଳାଶକୁ ଜଙ୍ଗଲର ଅଗ୍ନିଶିଖା" କୁହାଯାଏ ।


### କାର୍ଯ୍ୟ ୧



୧. ତୁମ ଅଞ୍ଚଳର ପାଞ୍ଚଗୋଟି ରଙ୍ଗୀନ ଫୁଲର ନାମ ଲେଖ ଓ ସାରଣୀଟିକୁ ପୂରା କର । ଉଦାହରଣ ସ୍ୱରୂପ ଗୁଜୁରାଟରେ ପଳାଶକୁ କେଶୁଡ଼ା କୁହାଯାଏ ।


| କ୍ର.ନଂ. | ଫୁଲର ନାମ | ସ୍ଥାନୀୟ ନାମ | ତୁମ ପସନ୍ଦର ଫୁଲର ଚିତ୍ର ଅଙ୍କନ କର ଓ ନାମ ଦିଅ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |

**ଶିକ୍ଷକଙ୍କୁ ସୂଚନା :**
ବଲବ୍ ପଙ୍ଖା ଇତ୍ୟାଦି ଉପକରଣ ଏବଂ ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ସୌର ପ୍ୟାନେଲ କିପରି ବ୍ୟବହାର କରାଯାଏ ସେ ବିଷୟରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ ।





https://withteachers.in/




ଗାଆଁଟି ଉତ୍ସବ ପାଇଁ ଜାକଜକମରେ ସଜାଯାଇଥିଲା ।

**ଅମିତ୍:** ଆହା ! ଏହି ଘରଗୁଡ଼ିକ ସହରର ଘରଗୁଡ଼ିକଠାରୁ ଅଲଗା ଦେଖାଯାଉଛି । କାନ୍ଥରେ ଅଙ୍କାଯାଇଥିବା ସାଜସଜ୍ଜା ବହୁତ ସୁନ୍ଦର ।

**ରୀନା:** ଅମିତ, ଏହି ଘରଗୁଡ଼ିକ ମାଟି, ନଡ଼ା, ଗୋବର ଆଦି ପ୍ରାକୃତିକ ପଦାର୍ଥରେ ତିଆରି । ଦେଖ ଏହି ଚିତ୍ରଗୁଡ଼ିକ ତୋର ଜେଜେମାଆ ଆଙ୍କିଛନ୍ତି । ସେ ଚାଉଳ ଚୂନା ଏବଂ ପାଣି ମିଶାଇ ରଂଗ ତିଆରି କରି ସେଥିରେ ଚିତ୍ର ଅଙ୍କନ କରିଛନ୍ତି ।

**ଶିକ୍ଷକଙ୍କୁ ସୂଚନା :**
ଶିକ୍ଷକ ପ୍ରାକୃତିକ ସାମଗ୍ରୀରେ ତିଆରି ହୋଇଥିବା ଘରର ଉପକାରିତା ବିଷୟରେ ଆଲୋଚନା କରିବେ ।






https://withteachers.in/

## କାର୍ଯ୍ୟ ୨

ପ୍ରକୃତିରୁ ମିଳୁଥିବା ସାମଗ୍ରୀ ଯଥା ମାଟି, କାଠଖଣ୍ଡ, ନଡ଼ା, ଘାସ, ପତ୍ର ଇତ୍ୟାଦି ବ୍ୟବହାର କରି ଏକ ଘରର ନମୂନା ତିଆରି କର । ଏହାକୁ ତୁମ ପସନ୍ଦର ଏକ କଳା ଭାବି ସଜାଇ ରଖ ।



ରୀନା ଓ ଅମିତ ଘର ଭିତରେ ଖେଳିବା ଆରମ୍ଭ କଲେ। ସେମାନେ ଦେଖିଲେ ଯେ ତାଙ୍କ ଜେଜେ ମାଆ ଏକ କପଡ଼ାରେ ଚିତ୍ର ଆଙ୍କୁଛନ୍ତି । ଅମିତ ରଙ୍ଗ ତିଆରି ବିଷୟରେ ଜେଜେମାଆଙ୍କୁ ପଚାରିଲେ । ଜେଜେମାଆ ପିଲାମାନଙ୍କୁ କହିଲେ ଯେ, ପ୍ରାକୃତିକ ଉପାୟରେ ଫୁଲପତ୍ରରୁ ବାହାରୁଥିବା ପଦାର୍ଥ ଏବଂ ରଙ୍ଗୀନ ପଥରର ଗୁଣ୍ଡକୁ ମିଶାଇ ରଙ୍ଗ ତିଆରି କରାଯାଇଛି ।



### ତୁମେ ଜାଣ କି ?

ଗଣ୍ଡ କଳା (Gond Art) ହେଉଛି ଏକ ଚିତ୍ର ଅଙ୍କନ ପଦ୍ଧତି, ଯେଉଁଥିରେ ପ୍ରାକୃତିକ ରଙ୍ଗ ବ୍ୟବହାର କରି କାନ୍ଥରେ ଚିତ୍ର ଅଙ୍କନ କରାଯାଏ । କଳାକାରମାନେ ଗଛ, ପଶୁ, ପକ୍ଷୀ ଏବଂ ମଣିଷ ଭଳି ପ୍ରକୃତିର ଚିତ୍ର ଅଙ୍କନ କରିଥାନ୍ତି ।

## କାର୍ଯ୍ୟ ୩

ଆସ ଆମେ ଏକ ପ୍ରାକୃତିକ ରଙ୍ଗ ତିଆରି କରିବା ।



**ସୋପାନ-୧ :** କିଛି ଫୁଲ, ପତ୍ର, ଗଛର ବଳ୍‌କଳ ଏବଂ ମୂଳ ସଂଗ୍ରହ କର । ଉଦାହରଣ ସ୍ୱରୂପ ବିଟ୍‌ମୂଳ, ମନ୍ଦାର ଫୁଲ ଏବଂ ଗେଣ୍ଡୁଫୁଲ (ଯେଉଁ ଫୁଲରୁ ରଙ୍ଗ ପ୍ରସ୍ତୁତ ହେବାର ଗୁଣ ଅଛି) ।




**ସୋପାନ-୨ :** ସଂଗ୍ରହ କରାଯାଇଥିବା ଉଦ୍ଭିଦର ଯେକୌଣସି ଅଂଶକୁ ପ୍ରାୟ ୧ ରୁ ୨ ଲିଟର ପାଣିରେ ପ୍ରାୟ ୩୦ ମିନିଟରୁ ୧ ଘଣ୍ଟା ପର୍ଯ୍ୟନ୍ତ ଫୁଟାଅ। ପାତ୍ରଟିକୁ ଏକ ପ୍ଲେଟଦ୍ୱାରା ଘୋଡ଼ାଇ ଦିଅ (ତୁମ ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ବଡ଼ମାନଙ୍କ ସାହାଯ୍ୟ ନିଅ।)

**ସୋପାନ-୩:** ପ୍ରାକୃତିକ ରଙ୍ଗକୁ ଛାଡ଼ି ଗଛର ଅଲଗା ଅଂଶକୁ ବାହାର କରିବା ପାଇଁ ତରଳ ପଦାର୍ଥକୁ ଛାଣି ଦିଅ।



ଏବେ ତୁମେ ପ୍ରସ୍ତୁତ କରିଥିବା ରଙ୍ଗ ବ୍ୟବହାର କରି ହାଲୁକା ରଙ୍ଗର ରୁମାଲ କିମ୍ବା ଛୋଟ ଗାମୁଛାକୁ ରଙ୍ଗ କରିବାକୁ ଚେଷ୍ଟା କର । ଧ୍ୟାନ ଦିଅ ରଙ୍ଗ କରାଯାଇଥିବା କପଡ଼ାକୁ ରାତିସାରା ଭିଜାଇ ରଖିବାକୁ ପଡ଼ିବ, ଏହାକୁ ଚିପୁଡ଼ିବାକୁ ପଡ଼ିବ ଏବଂ ପରଦିନ ଖରାରେ ଶୁଖାଇବାକୁ ପଡ଼ିବ ।





https://withteachers.in/

ପିଲାମାନେ ମହୁଚାଷ ଓ ତା'ର ନିଷ୍କାସନ ପାଇଁ ବ୍ୟବହାର କରାଯାଉଥିବା ଉପକରଣଗୁଡ଼ିକ ଦେଖିବାକୁ ଆଗ୍ରହୀ ଥିଲେ । ଘର ଶସ୍ୟ ସଂରକ୍ଷଣ ପାଇଁ ମାଟିପାତ୍ର ଏବଂ ବାଉଁଶ ଟୋକେଇ ବ୍ୟବହାର କରାଯାଉଥିଲା । ମାଟିପାତ୍ର ଭିତରେ ନିମ୍ବପତ୍ର ରଖି ସେଗୁଡ଼ିକୁ ଧାଡ଼ିକରି ସଜାଇ ରଖାଯାଉଥିଲା । ବାଉଁଶ ଟୋକେଇ ଗୁଡ଼ିକର ବାହାରପଟେ ଗୋବର ଲେପ ଦିଆଯାଉଥିଲା । ଏହି ଉପାୟରେ ସଂରକ୍ଷିତ ଶସ୍ୟକୁ କୀଟପତଙ୍ଗ ଏବଂ କ୍ଷତିକାରକ କୀଟମାନଙ୍କଠାରୁ ସୁରକ୍ଷିତ ରଖାଯାଉଥିଲା ।



**ଶିକ୍ଷକଙ୍କୁ ସୂଚନା :**
ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଭିନ୍ନ କୌଳିକ ବୃତ୍ତିର ବ୍ୟକ୍ତିବିଶେଷ ଓ କଳାକାରମାନଙ୍କ ସହିତ ଛାତ୍ରଛାତ୍ରୀମାନଙ୍କର ଭାବ ବିନିମୟ କରାଇବେ ଏବଂ ସେମାନଙ୍କର ଦକ୍ଷତା ପ୍ରଦର୍ଶନ ପାଇଁ ବିଦ୍ୟାଳୟକୁ ନିମନ୍ତ୍ରଣ କରାଇପାରିବେ । ଏତଦ୍ୱାରା ଛାତ୍ରଛାତ୍ରୀମାନେ ସ୍ଥାନୀୟ କଳାପ୍ରତି ଆକୃଷ୍ଟ ହେବେ ଏବଂ ଏହି କଳାକୁ ପ୍ରଶଂସା କରିବେ ।



https://withteachers.in/

### ତୁମେ ଜାଣ କି ?

**''ଜେନୁ କୁରୁବା''** କର୍ଣ୍ଣାଟକର ଏକ ଜନଜାତି । ସେମାନଙ୍କର ନାମ ଜେନୁ ଶବ୍ଦରୁ ଆସିଅଛି । ଜେନୁର ଅର୍ଥ ମହୁ । ଯେତେବେଳେ ସେମାନେ ମହୁମାଛିରୁ ମହୁ ସଂଗ୍ରହ କରନ୍ତି, ସେତେବେଳେ ମହୁମାଛିଙ୍କୁ କୃତଜ୍ଞତା ଜଣାଇବା ପାଇଁ ଗୀତ ଗାଆନ୍ତି । ଏହି ଭାବ ପ୍ରକୃତି ପ୍ରତି ସେମାନଙ୍କର ଥିବା ସମ୍ମାନ ଜଣାଇଥାଏ ।



**'କୁଇ'** ଆଦିବାସୀ କନ୍ଧମାଳ ଜିଲ୍ଲାର ହଳଦୀ ଚାଷ ପାଇଁ ଧରଣୀ ପେନୁକୁ (ମାଟି ମାଆ) ମା' ରୂପେ ପୂଜା କରିଥାନ୍ତି । ପ୍ରକୃତିମାତାଙ୍କୁ ପୂଜା କରିବା ଦ୍ୱାରା ଅଧିକ ହଳଦୀ ଅମଳ ହୋଇପାରିବ, ଏହା ତାଙ୍କର ବିଶ୍ୱାସ ଅଟେ ।

### କାର୍ଯ୍ୟ ୪

ତୁମ ଅଞ୍ଚଳରେ ଶସ୍ୟ ଏବଂ ପନିପରିବା ସଂରକ୍ଷଣ କରିବାର କିଛି ପାରମ୍ପରିକ ଉପାୟ ଖୋଜି ବାହାର କର ଏବଂ ନିମ୍ନଲିଖିତ ସାରଣୀ ପୂରଣ କର । ନିମ୍ନରେ ଦିଆଯାଇଥିବା ଉଦାହରଣଟିକୁ ଦେଖ ।

| ନାମ | ସାଧାରଣତଃ ଯେଉଁ ରାଜ୍ୟରେ ବ୍ୟବହାର କରାଯାଏ | ପାତ୍ରର ବିବରଣୀ |
|---|---|---|
| ତୁମୁରି | ଉତ୍ତରାଖଣ୍ଡ | ଏକ ଗୋଲ କିମ୍ବା ଅଣ୍ଡାକୃତି ଶୁଖିଲା ଲାଉ । |
| | | |
| | | |
| | | |




https://withteachers.in/

ରୀନା ଏବଂ ଅମିତ  ଉତ୍ସବ ପାଳନ ପାଇଁ ପ୍ରସ୍ତୁତ ହେଲେ । ସେମାନଙ୍କ ଜେଜେବାପା ଏକ ବାକ୍ସରୁ ଏକ ବୋତଲ ତରଳ ପଦାର୍ଥ ବାହାର କଲେ ।

**ଜେଜେ:** ଏହା ନିମ୍ବ ତେଲରେ ତିଆରି ଏକ ମିଶ୍ରଣ । ଯଦି ତୁମେମାନେ ଏହାକୁ ତୁମ ହାତ ଏବଂ ପାଦରେ ଲଗାଇବ ତେବେ ତୁମକୁ ମଶା କାମୁଡ଼ିବେ ନାହିଁ ।

**ରୀନା:** ଜେଜେ, ଏହା କ'ଣ ଏକ ପ୍ରାଥମିକ ଚିକିତ୍ସା ବାକ୍ସ ? ମୁଁ ମଧ୍ୟ ଏକ ପ୍ରାଥମିକ ଚିକିତ୍ସା ବାକ୍ସ ପ୍ରସ୍ତୁତ କରିଛି । ଆମେ ଏଥିରେ କିଛି ଔଷଧ ଏବଂ ମଶା ନିରୋଧକ କ୍ରିମ୍ ରଖିଥାଉ । ଏହାକୁ ଆମେ ବଜାରରୁ କିଣିଅଛୁ ।

## କାର୍ଯ୍ୟ ୫




ତୁମ ପରିବାରର ବୟସ୍କ ଲୋକମାନଙ୍କ ସହିତ ଆଲୋଚନା କର ଏବଂ ତଳେ ଦିଆଯାଇଥିବା ସାରଣୀରେ ଉଦ୍ଭିଦର ନାମ, ଏହରା ଅଂଶ ଓ ବ୍ୟବହାର ଲେଖ ।

| ଗଛର ନାମ | ଗଛର ଅଂଶ | ବ୍ୟବହାର |
|---|---|---|
| ତୁଳସୀ | ପତ୍ର | |
| ଜୁଆଣି | | |
| | | |
| | | |
| | | |

## ଆସ କଥା ହେବା

୧. ପ୍ରାଥମିକ ଚିକିତ୍ସା ବାକ୍ସରେ କେଉଁ ଜିନିଷଗୁଡ଼ିକ ରଖିବା ଉଚିତ ?
୨. ଯଦି କେହି ଆହତ ହୁଅନ୍ତି ତେବେ ପ୍ରାଥମିକ ଚିକିତ୍ସା ଯୋଗାଇବା କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ ଭାବୁଛ ?





https://withteachers.in/



## ଚିକ୍ ମିକ୍ ଆଲୋକ, ସୁଖୀ ଜୀବନ

ସନ୍ଧ୍ୟାରେ ପୁରା ଗାଆଁଟି ରଙ୍ଗୀନ ଆଲୋକରେ ଆଲୋକିତ ହୋଇଯାଇଥିଲା । ସମସ୍ତେ ଏକ ବଡ଼ ପଡ଼ିଆରେ ଏକାଠି ହୋଇଥିଲେ । ଲୋକମାନେ ପାରମ୍ପରିକ ପୋଷାକ ଏବଂ ଗହଣା ପିନ୍ଧିଥିଲେ । ଉତ୍ସବ ଆରମ୍ଭ ହେବା ପୂର୍ବରୁ ଭଗବାନଙ୍କୁ ଏବଂ ପ୍ରକୃତି ମାତାଙ୍କୁ ପ୍ରାର୍ଥନା କରାଯାଇଥିଲା । ଢୋଲ ଏବଂ ନାଗରା ବାଦ୍ୟର ଶବ୍ଦ ବାୟୁମଣ୍ଡଳକୁ ପ୍ରକମ୍ପିତ କରୁଥିଲା । ଉତ୍ସବରେ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ମୃଦଙ୍ଗର ତାଳେ ତାଳେ ପାଦରେ ପାଦ ମିଳାଇ ନାଚିବା ଆରମ୍ଭ କଲେ । ଅମିତ ଏବଂ ରୀନା ମଧ୍ୟ ତାଙ୍କ ସହିତ ଯୋଗ ଦେଲେ ଏବଂ ପାରମ୍ପରିକ ନୃତ୍ୟକୁ ଉପଭୋଗ କଲେ ।





https://withteachers.in/

## କାର୍ଯ୍ୟ ୬



ତୁମ ଅଞ୍ଚଳର ପାରମ୍ପରିକ ନୃତ୍ୟ ଓ ଗୀତ ବିଷୟରେ ସୂଚନା ସଂଗ୍ରହ କର । ତୁମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଇଁ ତୁମ ସହପାଠୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତାରେ ଏକ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କର ।

## ଆସ କଥା ହେବା



ମନେକର ତୁମ ଅଞ୍ଚଳରେ ଦୁଇଦିନ ପାଇଁ ଆଲୋକ ନାହିଁ । ତେବେ ତୁମ ଜୀବନରେ କି ପରିବର୍ତ୍ତନ ଦେଖାଦେବ ?

ରୀନା ଏବଂ ଅମିତ ପ୍ରକୃତି ସହିତ ତାଙ୍କ ଗାଁ ଲୋକଙ୍କର ସୁନ୍ଦର ସଂପର୍କ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେମାନେ ପ୍ରକୃତି ପାଇଁ କ'ଣ କରିପାରିବେ ଏବଂ କିପରି ପ୍ରକୃତିକୁ ସବୁକିଛି ପାଇଁ ଧନ୍ୟବାଦ ଦେବେ ସେ ବିଷୟରେ ଚିନ୍ତା କରିବାକୁ ଆରମ୍ଭ କଲେ ।

**ତୁମେ ଜାଣକି ?**

ପବିତ୍ର ଗଛର ବଗିଚାଗୁଡ଼ିକ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ସୁରକ୍ଷିତ ଜଙ୍ଗଲର ଏକ ଛୋଟ ଅଂଶ ଅଟେ, ଯାହା ମଧ୍ୟରେ ଗଛ ଓ ବନ୍ୟପ୍ରାଣୀ ସଂରକ୍ଷିତ ଅଛନ୍ତି । ସ୍ଥାନୀୟ ବାସିନ୍ଦାମାନେ, ଏକତ୍ରିତ ହେବା, ପୂଜା କରିବା, ଏବଂ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ଏହା ଉପଯୁକ୍ତ ସ୍ଥାନ ।





https://withteachers.in/


## କାର୍ଯ୍ୟ ୭



ତୁମେ ବୟସ୍କମାନଙ୍କ ସହିତ କଥା ହୁଅ ଏବଂ ତୁମ ଅଞ୍ଚଳରେ ପାଳିତ ହେଉଥିବା ଉତ୍ସବ ଏବଂ ଉଦ୍ଭିଦ ସମ୍ପର୍କିତ ରୀତିନୀତି ଜାଣ ।
ନିମ୍ନରେ କେତେକ ଉଦାହରଣ ଦିଆଯାଇଛି ।


| ଉତ୍ସବର ନାମ | ଉଦ୍ଭିଦ/ପ୍ରାଣୀସହ ସଂପର୍କିତ | କାର୍ଯ୍ୟକଳାପ |
|---|---|---|
| ବଟ ପୂର୍ଣ୍ଣିମା | ବରଗଛ | ପୂଜାକରିବା |
| ବନ ମହୋତ୍ସବ | ଯେକୌଣସି ବୃକ୍ଷ | ବୃକ୍ଷରୋପଣ |
| କାଜିରଙ୍ଗା ହାତୀ ମହୋତ୍ସବ | ହାତୀ | ଜନ ସଚେତନତା |
| | | |
| | | |

ଆମ ଦେଶର ବିଭିନ୍ନ ସ୍ଥାନରେ ଆମେ ଅନେକ ଉଦ୍ଭିଦ ଓ ପ୍ରାଣୀଙ୍କୁ ପୂଜା କରୁ । ଏହା ଆମର ପ୍ରକୃତିକୁ ସମ୍ମାନ ଏବଂ ସୁରକ୍ଷା କରିବାର ଉତ୍ତମ ପରମ୍ପରା ।



ଆମ ପରିବେଶରେ ଥିବା ଉଦ୍ଭିଦ ଓ ପ୍ରାଣୀମାନଙ୍କର ଯତ୍ନନେବାର କିଛି ଉପାୟ ଏଠାରେ ସୂଚିତ କରାଯାଇଛି ।

୧. କାଗଜ ଆବର୍ଜନା କମ୍ କର ।
୨. ପ୍ଲାଷ୍ଟିକ ବ୍ୟବହାରକୁ ନା କୁହ ।
୩. ଉଦ୍ଭିଦ ସଂରକ୍ଷଣ ବିଷୟରେ ଲୋକ ସଚେତନତା ସୃଷ୍ଟି କର ।





https://withteachers.in/



ପକ୍ଷୀମାନଙ୍କ ପାଇଁ ଖାଦ୍ୟ
ଓ ପାଣି ରଖ



ଗଛ ଲଗାଅ



ସଫେଇ ଅଭିଯାନ
ଆୟୋଜନ କର

## ଆସ ଚିନ୍ତା କରିବା

୧. ଆମ ଦୈନନ୍ଦିନ ଜୀବନରେ ଆମେ ପ୍ରକୃତିରୁ କେଉଁ ଜିନିଷ ବ୍ୟବହାର କରୁ ?

| କାର୍ଯ୍ୟକଳାପ | ପ୍ରକୃତିରୁ ସଂଗୃହୀତ | | | |
|---|---|---|---|---|
| ଖାଇବା | ଫଳ | | | |
| ପିନ୍ଧିବା | ତୁଳା | | | |
| ସ୍ୱାସ୍ଥ୍ୟର ଯତ୍ନନେବା | ନିମ୍ବ | | | |
| ଅନ୍ୟାନ୍ୟ | | | | |

୧. ପ୍ରାକୃତିକ ସମ୍ବଳର ଅତ୍ୟଧିକ ବ୍ୟବହାର କଲେ କେଉଁ ଆହ୍ୱାନ ଦେଖାଦିଏ ?
ଉଦାହରଣ ସ୍ୱରୂପ, ଯଦି ଆମେ ପ୍ରକୃତିରୁ କାଠକୁ ଅତ୍ୟଧିକ ବ୍ୟବହାର କରୁ ତେବେ ଆମର ଜଙ୍ଗଲ କ୍ରମେ ଶେଷ ହୋଇଯାଏ ।

ପାଣି: ______________________________

ମାଟି : ______________________________

ସମୁଦ୍ରରୁ ମିଳୁଥିବା ପଦାର୍ଥ: ______________________________

ଅନ୍ୟାନ୍ୟ: ______________________________



https://withteachers.in/

୩. ଆମ ଚାରିପାଖରେ ଥିବା ପ୍ରାକୃତିକ ପରିବେଶକୁ କିପରି ସୁରକ୍ଷା ଦେଇପାରିବା ?









| ଘରେ | ବିଦ୍ୟାଳୟରେ | ପାର୍କରେ | ଆମ ଅଞ୍ଚଳରେ |
|---|---|---|---|

୪. **ତୁମ ଔଷଧୀୟ ବଗିଚାର ନକ୍ସା ତିଆରି କର ।**

ଏଠାରେ ଔଷଧୀୟ ବଗିଚାପାଇଁ ଏକ ସ୍ଥାନ ଅଛି । ବଗିଚାର ବିଭିନ୍ନ ସ୍ଥାନରେ ତୁମ ପ୍ରିୟ ଔଷଧୀୟ ଗୁଳ୍ମ ଚିତ୍ର ଅଙ୍କନ କର ଓ ସେଗୁଡ଼ିକର ନାମ ଲେଖ । ଏପରି କିଛି ଔଷଧ ଗୁଳ୍ମ ଅଛି କି ଯାହା ତୁମକୁ କମ୍ ଉପଯୋଗୀ ଭଳି ଲାଗେ ? ସେଗୁଡ଼ିକର ଚିତ୍ର ମଧ୍ୟ ଅଙ୍କନ କର ।






https://withteachers.in/

ତୃତୀୟ ଏକକ

# ସ୍ୱାସ୍ଥ୍ୟ ଓ ସୁସ୍ଥତା

## ଏକକ ସମ୍ପର୍କରେ

ଏହି ଏକକରେ ଜୀବନ ପାଇଁ ସନ୍ତୁଳିତ ଖାଦ୍ୟ, ବ୍ୟାୟାମ ଏବଂ ବିଶ୍ରାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରାଯାଇଛି ।

ସମସ୍ତେ ସୁସ୍ଥ ଏବଂ ଖୁସି ରହିବା ଆବଶ୍ୟକ । ଏହି ଏକକଟି ଶିକ୍ଷାର୍ଥୀମାନଙ୍କୁ ଶରୀର ଗଠନରେ ସହାୟକ ହେଉଥିବା ବିଭିନ୍ନ ପ୍ରକାରର ଖାଦ୍ୟ ସହିତ ପରିଚିତ କରାଉଅଛି, ଯାହାକି ଶରୀର ଗଠନ, ଶକ୍ତି ପ୍ରଦାନ ଏବଂ ରୋଗର ସୁରକ୍ଷା ଦିଏ । ଏହି ଏକକଟିରେ ଛଅଟି ପ୍ରମୁଖ ସ୍ୱାଦ ବା ଷଡରସ ବିଷୟରେ ଉଦାହରଣ ସହିତ ବର୍ଣ୍ଣନା କରାଯାଇଛି। ସୁଷମ ଖାଦ୍ୟ ଏବଂ ଆବଶ୍ୟକ ମୁତାବକ ଜଳର ବ୍ୟବହାର ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କୁ ଏହା ମାର୍ଗଦର୍ଶନ କରାଏ । ଏହା ମନଯୋଗ ସହକାରେ ଖାଦ୍ୟ ଗ୍ରହଣ, ଦୈନିକ ବ୍ୟାୟାମ ଏବଂ ସମସ୍ତ ସମ୍ବଳ ପ୍ରତି କୃତଜ୍ଞତାଭାବକୁ ବୁଝାଇଥାଏ । ଏହା ପ୍ରତ୍ୟେକ ଶସ୍ୟର ଉତ୍ପାଦନ ସହିତ ଜଡ଼ିତ ଅନେକ ସାମଗ୍ରୀ ତଥା ଲୋକ ଓ ପ୍ରାଣୀମାନଙ୍କର କଠିନ ପ୍ରୟାସକୁ ଦର୍ଶାଏ । ଏହା ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟେକ ଶସ୍ୟର ଯତ୍ନ ନେବାକୁ ଏବଂ ଖାଦ୍ୟ ନଷ୍ଟ ନକରିବାକୁ ଶିଖାଇଥାଏ । ଏହି ଏକକଟି ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇଁ ବ୍ୟାୟାମ ଏବଂ ଖେଳର ଉଦାହରଣ ମଧ୍ୟ ପ୍ରଦାନ କରେ ତଥା ସମସ୍ତଙ୍କ ପାଇଁ ବିଶ୍ରାମର ଆବଶ୍ୟକତାକୁ ସୂଚିତ କରେ । ବିଭିନ୍ନ ଗୋଷ୍ଠୀ ଯେଉଁମାନେ କି ସେମାନଙ୍କର ଫସଲର ଯତ୍ନ ନିଅନ୍ତି ଏବଂ ସମସ୍ତଙ୍କ ଅବଦାନକୁ ସମ୍ମାନ ଜଣାନ୍ତି ସେମାନଙ୍କ ବିଷୟରେ ଏହା ସୂଚନା ପ୍ରଦାନ କରେ ।



https://withteachers.in/

# ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକଟି ଦୁଇଟି ପାଠ (ପଞ୍ଚମ ପାଠ 'ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ' ଏବଂ ଷଷ୍ଠ ପାଠ 'ଆନନ୍ଦମୟ ସୁସ୍ଥ ଜୀବନଯାପନ')କୁ ନେଇ ଗଠିତ। ଏହି ପାଠଗୁଡ଼ିକରେ ଥିବା ମୁଖ୍ୟ ଧାରଣାଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଗଲା ।

## ପଞ୍ଚମ ପାଠ


### ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ

- ଏକ ଆନନ୍ଦଦାୟକ ଖାଦ୍ୟ ମେଳା ମାଧ୍ୟମରେ ଶିକ୍ଷାର୍ଥୀମାନେ ବିଭିନ୍ନ ପ୍ରକାରର ଖାଦ୍ୟ ବିଷୟରେ ଜ୍ଞାନ ଆହରଣ କରିବେ ଓ ସୁଷମ ଖାଦ୍ୟ ବିଷୟରେ ବୁଝିବେ । ଶିକ୍ଷାର୍ଥୀମାନେ ଶକ୍ତି ପ୍ରଦାନକାରୀ, ଶରୀର ଗଠନକାରୀ ଓ ରୋଗ ପ୍ରତିରୋଧ କରୁଥିବା ଉପାଦାନରେ ପରିପୂର୍ଣ୍ଣ ଖାଦ୍ୟ ବିଷୟରେ ଅବଗତ ହେବେ ।
- ଏହି ପାଠରେ ଆମ ପାଇଁ ଉପଯୁକ୍ତ ଏବଂ ପାରମ୍ପରିକ ଖାଦ୍ୟ ବସ୍ତୁ ବିଷୟରେ ଆଲୋଚନା କରାଯାଇଛି, ଯାହା ପ୍ରତ୍ୟେକ ପରିବାରରେ ସମସ୍ତଙ୍କର ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷାରେ ସହାୟକ ହୋଇଥାଏ ।

## ଷଷ୍ଠ ପାଠ

### ଆନନ୍ଦମୟ ସୁସ୍ଥ ଜୀବନଯାପନ

- ଏହି ପାଠରେ ସ୍ୱାସ୍ଥ୍ୟ ଓ ସୁସ୍ଥ ରହିବାର ଆବଶ୍ୟକତା ବିଷୟରେ ଆଲୋଚନା କରାଯାଇଛି । ଏହା ଉତ୍ପାଦନ ସମୟରୁ ଖାଦ୍ୟ ଥାଳୀ ପର୍ଯ୍ୟନ୍ତ ଶସ୍ୟର ଯାତ୍ରାରେ ପ୍ରକୃତି, ମନୁଷ୍ୟ ଓ ଅନ୍ୟ ପ୍ରାଣୀମାନଙ୍କର ଅବଦାନ ସଂପର୍କରେ ବର୍ଣ୍ଣନା ପ୍ରଦାନ କରେ ।
- ଶିକ୍ଷାର୍ଥୀମାନେ ପ୍ରତିଟି ପ୍ରୟାସକୁ ବୁଝି ସମ୍ମାନ ଦେବେ ଏବଂ ତାଙ୍କ ଅବଦାନ ପାଇଁ କୃତଜ୍ଞ ହେବା ଶିଖିବେ । ଏହା ସେମାନଙ୍କୁ ଖାଦ୍ୟ ଅପଚୟକୁ ରୋକିବା ପାଇଁ ସତର୍କ କରାଇଥାଏ ।
- ଏହି ପାଠ ଶିକ୍ଷାର୍ଥୀମାନଙ୍କୁ ମନଯୋଗ ସହକାରେ ଖାଇବା, ପ୍ରତିଦିନ ବ୍ୟାୟାମ କରିବା, ବିଶ୍ରାମ ନେବା ଏବଂ ସବୁ ସମ୍ବଳକୁ ସମ୍ମାନ ଜଣାଇବାର ଅଭ୍ୟାସ ସମ୍ବନ୍ଧରେ ଶିକ୍ଷା ଦିଏ । ଏହା ମଧ୍ୟ ପ୍ରତ୍ୟେକଙ୍କ ପାଇଁ ଏକ ନିରାପଦ ପରିବେଶର ଆବଶ୍ୟକତା ସୂଚାଇଥାଏ ।





## ଶିକ୍ଷକ ସୁଗମ କରାଇବେ :

- ଶିକ୍ଷକ ବୟସ ଉପଯୋଗୀ ଚାର୍ଟ, ଫ୍ଲାସକାର୍ଡ଼ ଓ ଖାଦ୍ୟସାର ପ୍ରସ୍ତୁତି ପ୍ରଣାଳୀ ଓ ସନ୍ତୁଳିତ ଖାଦ୍ୟ ବିଷୟରେ ଛୋଟ ଭିଡ଼ିଓ ପ୍ରସ୍ତୁତ କରିବେ । ଶିକ୍ଷାର୍ଥୀମାନେ ତାହା ପର୍ଯ୍ୟବେକ୍ଷଣ କରି ଲିପିବଦ୍ଧ କରିବାକୁ ଶିକ୍ଷକ ମାର୍ଗଦର୍ଶନ କରିବେ ।
- ଶିକ୍ଷକ ବିଦ୍ୟାଳୟରେ ଏକ "ଖାଦ୍ୟମେଳା"ର ଆୟୋଜନ କରିବେ, ଯେଉଁ ମେଳାରେ ଶିକ୍ଷାର୍ଥୀମାନେ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ, ଆଞ୍ଚଳିକ ଖାଦ୍ୟଗୁଡ଼ିକୁ ପ୍ରଦର୍ଶନ କରାଇବା ସହିତ ଖାଦ୍ୟର ବିବିଧତା ସମ୍ପର୍କରେ ଆଲୋଚନା କରିବେ ।
- ବିଭିନ୍ନ ଖାଦ୍ୟକୁ ଥାଳିରେ ସୁନ୍ଦର ଭାବରେ ସଜାଇବା (Food Collase) ଏବଂ ମନଯୋଗ ସହକାରେ ଖାଇବା ଅଭ୍ୟାସ ପରି ଅନୁଭୂତି ମୂଳକ କାର୍ଯ୍ୟଗୁଡ଼ିକୁ ସାଧନ କରିବାପାଇଁ ପ୍ରୋତ୍ସାହିତ କରିବେ ।
- ଶିକ୍ଷାର୍ଥୀମାନେ ଖାଦ୍ୟର ମୂଲ୍ୟ ବୁଝିବା, ଖାଦ୍ୟ ଅପଚୟ ରୋକିବା, ଖାଇବାବେଳେ ଉପଯୁକ୍ତ ଧ୍ୟାନଦେବା, ନିୟମିତ ବ୍ୟାୟାମ ଓ ଶରୀର ପାଇଁ ବିଶ୍ରାମ ଆଦି ବିଷୟରେ ଜାଣିବା ପାଇଁ "ମନଯୋଗ ସହକାରେ ଭୋଜନ ଅଭ୍ୟାସ" କାର୍ଯ୍ୟକ୍ରମ ଶିକ୍ଷକ ଆୟୋଜନ କରିବେ ।
- ଶିକ୍ଷାର୍ଥୀମାନେ ଖାଦ୍ୟର ପ୍ରକାର ଭେଦ ସୂଚକ ସଂକେତ ଅନୁଧ୍ୟାନ କରିବା, ରନ୍ଧନ ପ୍ରଣାଳୀ ତଥା ସ୍ୱାଦ ବିଷୟରେ ଅବଗତ ହେବାପାଇଁ ଶିକ୍ଷକ ଉତ୍ସାହିତ କରିବେ । ଶିକ୍ଷକ ଗୃହକାର୍ଯ୍ୟ ଭାବେ ଶିକ୍ଷାର୍ଥୀମାନଙ୍କୁ "ଖାଦ୍ୟ ଡାଏରୀ" ଏବଂ ଏକ ''ସୁଷମ ଖାଦ୍ୟ ଥାଳି'' ପ୍ରସ୍ତୁତ କରିବା କାର୍ଯ୍ୟ ଦେବେ ।
- ସୁସ୍ଥ ଖାଦ୍ୟ ଅଭ୍ୟାସ ଓ ଖାଦ୍ୟ ଉତ୍ସ ବିଷୟରେ ଆଲୋଚନା କରିବାପାଇଁ ଜଣେ ପୋଷଣ ବିଶେଷଜ୍ଞ କିମ୍ବା ସ୍ଥାନୀୟ ଚାଷୀଙ୍କୁ ଆମନ୍ତ୍ରଣ କରିବେ । ଏଥିସହିତ ଗୋଷ୍ଠୀ ରୋଷେଇଘର ଓ ସ୍ଥାନୀୟ ଚାଷ ଜମିକୁ ଯାଇ ଖାଦ୍ୟ ଉତ୍ପାଦନ ଓ ସଂରକ୍ଷଣ ବିଷୟରେ କ୍ଷେତ୍ର ପରିଦର୍ଶନର ଆୟୋଜନ କରିବେ ।

https://withteachers.in/

ପଞ୍ଚମ ପାଠ

# ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ



ଖାଦ୍ୟ ମହୋତ୍ସବର ସମୟ ଆସିଗଲା । ଛାତ୍ରଛାତ୍ରୀ ଏବଂ ତାଙ୍କର ଅଭିଭାବକ ଏହି ମେଳା ପାଇଁ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ଆଣିଥିଲେ ।



ଖାଦ୍ୟ ଷ୍ଟଲ ଗୁଡ଼ିକରେ ତାଜାଫଳ, ସବୁଜ ପନିପରିବା, ଢୋକଲା, ଲିଟି-ଚୋଖା, ଡାଲ-ବାଟି-ଚୁରମା, ବାଜରା ଖେଚୁଡ଼ି, ଛେନାପୋଡ଼, କଢ଼ି-ପକୁଡ଼ି, ବରା, ଉପମା, ମାଣ୍ଡିଆ ଲଡ୍ଡୁ, ମିଠାମକା, ମସଲାଦାର ଚଟଣି,ଗରମ ଦୋଷା, ମଣ୍ଡାପିଠା, କାକରା, ପୋଡ଼ପିଠା, ରସଗୋଲା, ଆଦି ଖାଦ୍ୟ ପ୍ରଦର୍ଶନ ହେଉଥିଲା ।








https://withteachers.in/

## ଆସ ଲେଖିବା

ଯଦି ତୁମେ ତୁମ ବିଦ୍ୟାଳୟରେ ଏକ ଖାଦ୍ୟ ମେଳାର ଆୟୋଜନ କର, ତେବେ କେଉଁ ପ୍ରକାର ଖାଦ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ ? ତାଲିକା କର ।

________________________________________


________________________________________

________________________________________

ପିଲାମାନେ ବିଭିନ୍ନ ପ୍ରକାର ଖାଦ୍ୟ ଚାଖିବାକୁ ଉତ୍ସୁକ ଥିଲେ, ସେମାନେ ଗୋଟି ଗୋଟି କରି ବିଭିନ୍ନ ଷ୍ଟଲ ବୁଲି ଦେଖିଲେ ।

### ଚମତ୍କାରୀ ମସଲା – (ବିଭିନ୍ନ ସ୍ୱାଦ ମିଳୁଥିବା ମସଲାଯୁକ୍ତ ଖାଦ୍ୟ)–

ମୁକେଶ ଓ ତାର ସାଙ୍ଗମାନେ "ଚମତ୍କାରୀ ମସଲା" ନାମକ ଏକ ରଙ୍ଗୀନ ଷ୍ଟଲ ଆଗରେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିଲେ, ଯେଉଁଠାରେ ତାଙ୍କ ସହପାଠୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ଖାଦ୍ୟ ଚାଖିବାକୁ ମିଳୁଥିଲା। ଏହି ଖାଦ୍ୟ ଗୁଡ଼ିକ ମଧ୍ୟରେ ମିଠା, ଲୁଣି, ପିତା ସ୍ୱାଦ ଥିଲା । ଷ୍ଟଲ ନିକଟରେ ପିଲାମାନଙ୍କ ମଧ୍ୟରେ ଏକ ଆନନ୍ଦଦାୟକ ତଥା କୌତୂହଳ ପୂର୍ଣ୍ଣ ଖେଳର ଆୟୋଜନ କରାଯାଇଥିଲା, ଯେଉଁଥିରେ ଅନୁମାନ କରି ଏହି ଖାଦ୍ୟର ଉପାଦାନଗୁଡ଼ିକର ନାମ କହିବାକୁ ପଡୁଥିଲା ।



କୌତୂହଳରେ ସମସ୍ତେ ପଚାରୁଥିଲେ– ଏହି ଗୋଟିଏ ଖାଦ୍ୟର ସ୍ୱାଦ ସମସ୍ତଙ୍କ ପାଇଁ ଭିନ୍ନ କାହିଁକି ? ସେହି ଷ୍ଟଲରେ ଥିବା ପିଲାମାନେ ହସି ହସି କହିଲେ – ଏହା ହେଉଛି "ଉଗାଡି ପଚଡ଼ି", ଯାହା ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତେଲେଙ୍ଗାନାରେ ଏକ ପାରମ୍ପରିକ ଖାଦ୍ୟ । ଏହି ଖାଦ୍ୟରେ ଛଅ ପ୍ରକାର ସ୍ୱାଦ ଥାଏ । ମିଠା, ଖଟା, ଲୁଣିଆ, ରାଗ, କଷା ଓ ପିତା । ପ୍ରତ୍ୟେକ ସ୍ୱାଦ ଏହାକୁ ସ୍ୱତନ୍ତ୍ର କରିଥାଏ। ଯେତେବେଳେ ସବୁଗୁଡ଼ିକ ଉପଯୁକ୍ତ ପରିମାଣରେ ଏକତ୍ର ମିଶାଯାଏ ତାହା ଅଧିକ ଉପଭୋଗ୍ୟ ହୋଇଥାଏ ।



https://withteachers.in/

## ଆସ ଲେଖିବା

ନିମ୍ନୋକ୍ତ ସ୍ୱାଦଗୁଡ଼ିକ ସହିତ ମେଳ ଖାଉଥିବା ଅନ୍ତତଃ ପାଞ୍ଚଟି ଖାଦ୍ୟ ପଦାର୍ଥର ନାମ ତୁମେମାନେ ଭାବି ପାରୁଛକି ? ଉଦାହରଣ ଦେଖି ଲେଖ ।

| ସ୍ୱାଦ | ମିଠା | ଖଟା | ଲୁଣିଆ | ରାଗ | ପିତା | କଷା |
|---|---|---|---|---|---|---|
| ଖାଦ୍ୟର ନାମ | ଗୁଡ | ତେନ୍ତୁଳି | ଲୁଣ | କଞ୍ଚାଲଙ୍କା | ନିମ୍ବ | ହରିଡ଼ା |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

ଓଡ଼ିଶାରେ ମିଳୁଥିବା ଲୋକପ୍ରିୟ ଖାଦ୍ୟ ''ଦହିବରା ଆଳୁଦମ୍'' ଓ ''ଚାଟ୍''ରେ ଭିନ୍ନ ଭିନ୍ନ ସ୍ୱାଦ ଥାଏ ।

## ଆସ କଥା ହେବା

ଛୋଟ ଛୋଟ ଦଳରେ ଚର୍ଚ୍ଚାକରି ଏମିତି ଖାଦ୍ୟ ପଦାର୍ଥ ଚିହ୍ନଟ କର ଯାହାର ଅନ୍ତତଃ ତିନି ପ୍ରକାର ସ୍ୱାଦ ଥାଏ ?

____________________________

____________________________

____________________________

**ତୁମେ ଜାଣକି ?**

ମିଠା, ଖଟା, ଲୁଣିଆ, ରାଗ, ପିତା, କଷା- ଏହି ଛଅଟି ସ୍ୱାଦକୁ ଆର୍ୟୁବେଦର "ଷଡ଼ରସ" ବୋଲି କୁହାଯାଏ । ଏହି ଷଡରସ ଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ଆର୍ୟୁବେଦ ପରାମର୍ଶ ଦିଏ ।

### ଉତ୍କୃଷ୍ଟ ଖାଦ୍ୟର ଏକ ଷ୍ଟଲ୍ -

ସୁରଭି ଏବଂ ତାର ସାଙ୍ଗମାନେ ପୁଷ୍ଟିଶସ୍ୟ (ମିଲେଟ୍) ଖାଦ୍ୟର ଏକ ଷ୍ଟଲ ପରିଦର୍ଶନ କରିବାକୁ ସ୍ଥିର କଲେ । ଖାଦ୍ୟ ତାଲିକାକୁ ଦେଖି ସୁରଭି ମନେ ପକାଇଲା ଯେ ତାର ଜେଜେ ମା ଶୀତଦିନେ ଯଅ (ଜଓ୍ୱାର) ଓ ବାଜରା ରୁଟି ଏବଂ ଗ୍ରୀଷ୍ମଦିନେ ମାଣ୍ଡିଆ ଜାଉ ଖାଉଥିଲେ । ପୁଷ୍ଟିଶସ୍ୟଗୁଡ଼ିକ ପୋଷକ ତତ୍ତ୍ୱର ଉତ୍ସ । ପିଲାମାନେ ଯଅ ଉପମା ଓ ଅନ୍ୟାନ୍ୟ ମିଲେଟ ଆଧାରିତ ସ୍ୱାସ୍ଥ୍ୟକର ଖାଦ୍ୟ ସାମଗ୍ରୀ ଖାଇ ଖୁସି ହେଲେ ।






https://withteachers.in/

# ଉତ୍କୃଷ୍ଟ ଖାଦ୍ୟ




### ତୁମେ ଜାଣ କି ?

ତୁମ ଘରେ ପ୍ରସ୍ତୁତ ହେଉଥିବା ମିଲେଟ୍ ଆଧାରିତ ଖାଦ୍ୟ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କର ।

## ଖାଦ୍ୟ ଆମକୁ କିପରି ସାହାଯ୍ୟ କରେ:

ପିଲାମାନେ ଏକ ବ୍ୟାନର୍ ପ୍ରତି ଆକର୍ଷିତ ହୋଇଥିଲେ, ଯେଉଁଥିରେ କୁହାଯାଇଥିଲା- "ଥାଳିରେ ରଂଗ, ଜୀବନରେ ସୁସ୍ଥତା ।"

### ଆସ କଥା ହେବା

ଆମେ କାହିଁକି ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକ ?






https://withteachers.in/



ଆମ ଶରୀର ସୁସ୍ଥ ଓ ନିରୋଗ ରହିବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ଆବଶ୍ୟକ କରିଥାଏ । ଆମ ଶରୀରର ସନ୍ତୁଳିତ ଅଭିବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଖାଦ୍ୟର ଆବଶ୍ୟକତା ରହିଛି । ଯେହେତୁ ଗୋଟିଏ ଖାଦ୍ୟରେ ଆମ ଶରୀର ଆବଶ୍ୟକ କରୁଥିବା ସମସ୍ତ ପ୍ରକାର ପୋଷକତତ୍ତ୍ୱ ନଥାଏ, ତେଣୁ ଆମେ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇବା ଆବଶ୍ୟକ ।

## ଖାଦ୍ୟ ଗୋଷ୍ଠୀ :







https://withteachers.in/




ଚାଉଳ, ଆଳୁ, ଗହମ, ମକା, ବନ୍ଧାକୋବି, ସେଓ, କନ୍ଦମୂଳ, ମହୁ, ମିଲେଟ୍ ଇତ୍ୟାଦି ଖାଦ୍ୟ ଶକ୍ତିରେ ଭରପୁର । ଲହୁଣି, ଘିଅ, ତେଲ ଇତ୍ୟାଦି ମଧ୍ୟ ଆମ ଶରୀରକୁ ଶକ୍ତି ଯୋଗାଇଥାଏ ।




ଡାଲି, ଛୁଇଁ, ସୋୟାବିନ, ଛେନା, କଦଳୀ, କ୍ଷୀର, ପନିର, ବାଦାମ, ଅଣ୍ଡା, ମାଛ, ମାଂସ ଇତ୍ୟାଦି ଖାଦ୍ୟ ଆମ ଶରୀରର ବୃଦ୍ଧି ଓ ମାଂସପେଶୀ ଗଠନରେ ସାହାଯ୍ୟ କରିବା ସହିତ ଆମକୁ ଶକ୍ତିଶାଳୀ କରିଥାଏ । ତେଣୁ ଏଗୁଡ଼ିକୁ ଶରୀର ଗଠନକାରୀ ଖାଦ୍ୟ କହନ୍ତି ।



ସେହିପରି ଗାଜର, କମଳା, ଲେମ୍ବୁ, ପାଳଙ୍ଗ, କୋବି, ଅମୃତଭଣ୍ଡା, ପିଜୁଳି, ଅଁଳା, ବିଲାତିବାଇଗଣ ଇତ୍ୟାଦି ଫଳ ଓ ପନିପରିବା ଆମକୁ ରୋଗ ପ୍ରତିରୋଧୀ କରିବା ସହିତ ରୋଗ କବଳରୁ ରକ୍ଷା କରିଥାନ୍ତି । ସେଥିପାଇଁ ଏହି ଖାଦ୍ୟ ଗୁଡ଼ିକୁ ସୁରକ୍ଷା ପ୍ରଦାନକାରୀ ଖାଦ୍ୟ ବୋଲି କୁହାଯାଏ ।

## ଆସ କଥା ହେବା

ଯଦି ଆମେ ପ୍ରତ୍ୟେକ ଦିନ ଗୋଟିଏ ପ୍ରକାରର ଖାଦ୍ୟ ଖାଇବା ତେବେ କ'ଣ ହେବ ?



https://withteachers.in/

## ଅସ୍ୱାସ୍ଥ୍ୟକର ଖାଦ୍ୟ (ଜଙ୍କ୍ ଫୁଡ୍)କୁ 'ନା' କୁହ :

ଏମିତି କିଛି ଖାଦ୍ୟ ଅଛି ଯାହାକୁ ଆମେ ଯଦି ନିୟମିତ ବହୁ ପରିମାଣରେ ଖାଇଥାଉ, ତାହା ଆମ ପାଇଁ ଅସ୍ୱାସ୍ଥ୍ୟକର ଅଟେ । ସେହି ଖାଦ୍ୟଗୁଡ଼ିକରେ ଅଧିକ ପରିମାଣରେ ତେଲ, ଲୁଣ, ଚିନି ଇତ୍ୟାଦି ଥାଏ । ଏହି ଖାଦ୍ୟଗୁଡ଼ିକ "ଜଙ୍କ୍‌ଫୁଡ୍" ଭାବରେ ପରିଚିତ । "ଜଙ୍କ୍‌ଫୁଡ୍"ର କିଛି ଉଦାହରଣ ହେଲା- ମୃଦୁପାନୀୟ, ଚିପ୍ସ, ବର୍ଗର୍, ବ୍ରେଡ୍‌ପକୋଡ଼ା, ପିଜ୍ଜା ଏବଂ ଅତ୍ୟଧିକ ପ୍ରକ୍ରିୟାକୃତ ପ୍ୟାକେଟ ଖାଦ୍ୟ । ଏହିସବୁ ପ୍ୟାକେଟ ଖାଦ୍ୟ ବା ଜଙ୍କ୍‌ଫୁଡ୍ ଅପେକ୍ଷା ଘରେ ପ୍ରସ୍ତୁତ ହେଉଥିବା ସଦ୍ୟ ରନ୍ଧାଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଭଲ ।



### ଆସ ଲେଖିବା

୧. ତୁମେ ଆଉ କିଛି ଜଙ୍କ୍‌ଫୁଡ୍‌ର ନାମ ଲେଖିପାରିବ କି ?

_______________________________________________

୨. ତୁମେ କାହିଁକି ଭାବୁଛ ଯେ ଆମେ "ଜଙ୍କ୍‌ଫୁଡ୍" ଖାଇବାରୁ ଦୂରେଇ ରହିବା ଉଚିତ ?

_______________________________________________

୩. କିଛି ଜଙ୍କ୍‌ଫୁଡ୍‌ର ତାଲିକା କର, ଯାହାକୁ ଖାଇବାଠାରୁ ଦୂରେଇ ରହିବ -

_______________________________________________




https://withteachers.in/

## କାର୍ଯ୍ୟ ୧



### ଏକ ଖାଦ୍ୟ ଡାଏରୀ ପ୍ରସ୍ତୁତ କର :



୧. ତଳେ ଦିଆଯାଇଥିବା ଉଦାହରଣକୁ ଦେଖି ତୁମେ ଏକ ସପ୍ତାହ ପାଇଁ ପ୍ରତ୍ୟେକ ଦିନ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ରି ଭୋଜନରେ କ'ଣ କ'ଣ ଖାଅ, ତା'ର ଡାଏରୀ ପ୍ରସ୍ତୁତ କର ।

୨. ଯେଉଁ ଖାଦ୍ୟଗୁଡ଼ିକ ସ୍ୱାସ୍ଥ୍ୟକର ତାକୁ ଗୋଲ ବୁଲାଅ, ଏବଂ ଯେଉଁ ଖାଦ୍ୟ ଗୁଡ଼ିକ ଅସ୍ୱାସ୍ଥ୍ୟକର ତାକୁ "X" ଛକି ଚିହ୍ନ ଦିଅ ।

୩. ତୁମେ ପ୍ରସ୍ତୁତ କରିଥିବା ଖାଦ୍ୟ ଡାଏରୀରେ ବାଦ ପଡ଼ିଥିବା ଉତ୍ତମ ଖାଦ୍ୟ ଗୁଡ଼ିକୁ ଚିହ୍ନଟ କର ଏବଂ ପିତାମାତାଙ୍କ ସହିତ ଆଲୋଚନା କରି ସେହି ଖାଦ୍ୟଗୁଡ଼ିକୁ ତୁମେ ଦୈନନ୍ଦିନ ଖାଦ୍ୟ ସାରଣୀରେ ଅନ୍ତର୍ଭୁକ୍ତ କର ।

| ଦିନ | ସମୟ | ଖାଉଥିବା ଖାଦ୍ୟର ନାମ |
|---|---|---|
| ୧ମ ଦିନ | ସକାଳ ଭୋଜନ | ଇଡଲି, ସମ୍ବର, ଚଟଣୀ, ମୁଢ଼ି |
| | ମଧ୍ୟାହ୍ନ ଭୋଜନ | |
| | ରାତ୍ରି ଭୋଜନ | |
| ୨ୟ ଦିନ | ସକାଳ ଭୋଜନ | |
| | ମଧ୍ୟାହ୍ନ ଭୋଜନ | |
| | ରାତ୍ରି ଭୋଜନ | |

### ଏକ ସନ୍ତୁଳିତ ଖାଦ୍ୟ ଥାଳି:


ଏକ ସନ୍ତୁଳିତ ଖାଦ୍ୟ ଥାଳିରେ ସାଧାରଣତଃ ତିନି ପ୍ରକାର ଖାଦ୍ୟ ଯଥା:- ସୁରକ୍ଷା ପ୍ରଦାନକାରୀ ଖାଦ୍ୟ (ଫଳ ଓ ପନିପରିବା), ଶରୀର ଗଠନକାରୀ ଖାଦ୍ୟ ଓ ଶକ୍ତି ପ୍ରଦାନକାରୀ ଖାଦ୍ୟ ଉପଯୁକ୍ତ ପରିମାଣରେ ଅନ୍ତର୍ଭୁକ୍ତ ଥାଏ । ଏହା ଆମକୁ ସୁସ୍ଥ ରହିବା ସହିତ ସକ୍ରିୟ ଏବଂ ଖୁସି ରହିବାରେ ସାହାଯ୍ୟ କରେ ।

**ଶିକ୍ଷକଙ୍କୁ ସୂଚନା :**
ସମସ୍ତ ପ୍ରକାର ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରନ୍ତୁ ।






https://withteachers.in/



ଭାରତରେ ପ୍ରତ୍ୟେକ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଖାଦ୍ୟ ଥାଳି ରହିଛି, ଯେଉଁଥିରେ କି ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଅନ୍ତର୍ଭୁକ୍ତ । ଅତୁଲ ଏବଂ ତାଙ୍କ ସାଙ୍ଗମାନେ ଏହି ପ୍ରକାର ଖାଦ୍ୟ ଥାଳିର ସ୍ୱାଦ ଚାଖିବା ପାଇଁ ଉତ୍ସାହିତ ଥିଲେ ।



**ଆସ ଖୋଜିବା**

ତୁମ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଏକ ଖାଦ୍ୟ ଥାଳି ସମ୍ବନ୍ଧରେ ଜାଣିବାକୁ ଚେଷ୍ଟାକର ଓ ସେଥିରେ ଥିବା ଖାଦ୍ୟର ତାଲିକା କର ।

## ସ୍ୱାସ୍ଥ୍ୟ ପାଇଁ ଜଳ :

ଜଳ ମଧ୍ୟ ଆମ ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ଖାଦ୍ୟ ହଜମ କରିବା ସହିତ ଚର୍ମ ଓ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ପରିସ୍ରା, ଝାଳ ଓ ମଳ ମାଧ୍ୟମରେ ଆମ ଶରୀରରୁ ବର୍ଜ୍ୟବସ୍ତୁ ବାହାର କରିବାରେ ଜଳ ସାହାଯ୍ୟ କରେ । ଏହା ସହିତ ତରଭୂଜ ଓ କାକୁଡ଼ି ପରି ଅଧିକ ଜଳ ଧାରଣ କରିଥିବା ଫଳ ଖାଇବାଦ୍ୱାରା ଆମ ଶରୀରରେ ଜଳର ପରିମାଣ ବୃଦ୍ଧିପାଏ । ଯଥେଷ୍ଟ ପାଣି ପିଇବା ଆମର ଏକ ସୁସ୍ଥ ଅଭ୍ୟାସ ହେବା ଆବଶ୍ୟକ ।





https://withteachers.in/

## ବିଭିନ୍ନ ରନ୍ଧନ ପ୍ରଣାଳୀ

ସୁରଭି ଏବଂ ତାର ସାଙ୍ଗମାନେ ଖାଦ୍ୟ ମହୋତ୍ସବରେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇ ତାର ମଜା ନେଇଥିଲେ । ସେମାନେ ଆଶ୍ଚର୍ଯ୍ୟର ସହିତ ସେହି ଖାଦ୍ୟର ପ୍ରସ୍ତୁତି ସମ୍ପର୍କରେ ଜାଣିବାପାଇଁ କୌତୂହଳ ପ୍ରକାଶ କରିଥିଲେ ।

### ଆସ ଲେଖିବା

ନିମ୍ନରେ ଦିଆଯାଇଥିବା ଖାଦ୍ୟ ତାଲିକାରେ ଥିବା ଖାଦ୍ୟଗୁଡ଼ିକର ରନ୍ଧନପ୍ରଣାଳୀ ଗୁଡ଼ିକ ଚିହ୍ନଟ କର । ଉଦାହରଣକୁ ଦେଖି ନିଜ ପରିବାରର ସଦସ୍ୟଙ୍କ ସହିତ ଆଲୋଚନା କରି ଅଧିକ ଖାଦ୍ୟ ମଧ୍ୟ ତାଲିକାରେ ଯୋଡ଼ିପାରିବ ।

ଇଡ଼ଲି, ଦୋସା, ଭାତ, ସମ୍ବର, ପାମ୍ପଡ଼, ଖିରି, ସିଙ୍ଗଡ଼ା, ପୋଡ଼ପିଠା, ମଣ୍ଡାପିଠା ।


| ରନ୍ଧନ ପ୍ରଣାଳୀ | ଖାଦ୍ୟ |
|---|---|
| ବାମ୍ଫ ପ୍ରଦାନ | ଇଡଲି |
| | |
| | |



ଗରମ କରିବା ପ୍ରଣାଳୀ
(Boiling)



ବାମ୍ଫ ଦ୍ୱାରା ସିଝାଇବା ପ୍ରଣାଳୀ
(Steaming)



ଭଜା/ଛଣା ପ୍ରଣାଳୀ
(Frying)



ପୋଡିବା ପ୍ରଣାଳୀ
(Grilling)
(ଚୁଲି ସାହାଯ୍ୟରେ ମଧ୍ୟ ହୋଇପାରେ)



ଓଭନରେ ସେକିବା ପ୍ରଣାଳୀ
(Roasting / Baking)




https://withteachers.in/

ଏମିତି କିଛି ଖାଦ୍ୟ ଅଛି ଯାହାକୁ ନ ରାନ୍ଧି ଆମେ ଖାଇପାରିବା । ଯେପିର ସାଲାଡ, ଫଳଚାଟ୍



**ତୁମେ ଜାଣ କି ?**
ସମସ୍ତ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିବାରେ ଦକ୍ଷ ବ୍ୟକ୍ତିଙ୍କୁ ସେଫ୍ ବା ମୁଖ୍ୟ ରୋଷେଇଆ କୁହାଯାଏ । ଫ୍ରେଞ୍ଚ ଭାଷାରେ ସେଫ୍‌ର ଅର୍ଥ ହେଉଛି ନିର୍ଦ୍ଦେଶକ ବା ପାକଶାଳାର ମୁଖ୍ୟ ।



## ଆସ କଥା ହେବା

୧. ତୁମେ ଘରେ ରୋଷେଇରେ ସାହାଯ୍ୟ କର କି ?

________________________________________

________________________________________

୨. ତୁମେ ଭାବୁଛ କି ପରିବାରର ପ୍ରତ୍ୟେକ ସଦସ୍ୟ ରୋଷେଇ ପ୍ରଣାଳୀ ଜାଣିବା ଉଚିତ ? କାହିଁକି ?

________________________________________

________________________________________



**ତୁମେ ଜାଣ କି ?**
ଆମେ ଗ୍ୟାସ ଚୁଲା କିମ୍ବା ବିଦ୍ୟୁତ୍ ଚୁଲା ବ୍ୟବହାର କରି ରୋଷେଇ କରିବା ବଦଳରେ ସୂର୍ଯ୍ୟକିରଣକୁ ବ୍ୟବହାର କରି ସୌରଚୁଲା ସାହାଯ୍ୟରେ ମଧ ଖାଦ୍ୟ ପ୍ରସ୍ତୁତି କରିପାରିବା । ଏହା କୌଣସି ଧୂଆଁ କିମ୍ବା ପାଉଁଶ ସୃଷ୍ଟି କରେ ନାହିଁ, ତଥା ପରିବେଶକୁ ପ୍ରଦୂଷଣ କରିନଥାଏ ।



https://withteachers.in/

## ଆସ ଚିନ୍ତା କରିବା

**୧. ନିଜେ କର – ଖାଦ୍ୟ କୋଲାଜ**

**ସାମଗ୍ରୀ:** ପୁରୁଣା ପତ୍ରପତ୍ରିକା, ଖବର କାଗଜ, କଇଁଚି, ଅଠା ଏବଂ ସାଦା କାଗଜ (ଧଳା) ।

ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀର ଚିତ୍ରଗୁଡ଼ିକୁ ପତ୍ରପତ୍ରିକା, ତଥା ଖବର କାଗଜରୁ କାଟି କୋଲାଜ ପ୍ରସ୍ତୁତ କର, ଯେଉଁଥିରେ ତିନି ପ୍ରକାରର ଖାଦ୍ୟର ବିଭାଗ ରହିବ । ଯଥା:- ଶକ୍ତି ପ୍ରଦାନ କାରୀ, ଶରୀର ଗଠନକାରୀ ଏବଂ ସୁରକ୍ଷା ପ୍ରଦାନକାରୀ ଖାଦ୍ୟ ।

**୨. ଲିପିବଦ୍ଧ ସୂଚନା ପତ୍ରକୁ ପରୀକ୍ଷା କର:**

(କ) ତୁମେ ରୋଷେଇଘରୁ ଯେକୌଣସି ଖାଦ୍ୟର ପ୍ୟାକେଟକୁ ଆଣି ତା'ର ସୂଚନା ପତ୍ରକୁ ଯାଞ୍ଚ କରି ତାର ମିଆଦ ସମାପ୍ତି ତାରିଖ ଏବଂ ଖାଦ୍ୟର ଦୁଇଟି ମୁଖ୍ୟ ଉପାଦାନର ନାମ ଲେଖ ।

(ଖ) ପ୍ୟାକେଟ ଖାଦ୍ୟ ସାମଗ୍ରୀ କିଣିବା ବା ଖାଇବା ପୂର୍ବରୁ ତା ଉପରେ ଲିପିବଦ୍ଧ ସୂଚନା ପତ୍ରକୁ ଯାଞ୍ଚ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?

ମହୁ
ସମ୍ପୂର୍ଣ୍ଣ ପ୍ରାକୃତିକ
ବିନା ଚିନିଯୁକ୍ତ, ଶୁଦ୍ଧ ଏବଂ ସ୍ୱାଦିଷ୍ଟ
ମୋଟ ଓଜନ – ୪୦୦ଗ୍ରା
ପ୍ରସ୍ତୁତି ତାରିଖ – ୦୮.୦୩.୨୦୨୫
ବ୍ୟବହାର ଶେଷ ତାରିଖ – ୦୭.୦୩.୨୦୨୬








https://withteachers.in/

**୩. ଏକ ଖାଦ୍ୟ ମେଳାର ଆୟୋଜନ କର-**

ଛାତ୍ରଛାତ୍ରୀମାନେ ନିଜ ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସାମଗ୍ରୀ ଆଣିବେ ଏବଂ ବିଦ୍ୟାଳୟରେ ଏକ ଖାଦ୍ୟ ମେଳାର ଆୟୋଜନ କରିବେ । ପିତାମାତାମାନଙ୍କୁ ଏହି ମେଳାରେ ଅଂଶ ଗ୍ରହଣ କରିବାପାଇଁ ଉତ୍ସାହିତ କରିବେ ।

**୪. ଆସ ଖୋଜିବା ଏବଂ ଗୋଲ ବୁଲାଇବା-**

ନିମ୍ନରେ ଥିବା ଗ୍ରୀଡ୍‌ରେ ଖାଦ୍ୟ ସହିତ ଜଡ଼ିତ ଶବ୍ଦଗୁଡ଼ିକୁ (ଉଦାହରଣ ଦେଖ) ଗୋଲ ବୁଲାଅ ।

| | | | | | | | | |
|---|---|---|---|---|---|---|---|---|
| କ | ଲ | ରା | ବା | ସୋ | ରି | ଷ | ଲା | ଉ୍ |
| ଳ | ଖା | କ | ଇ | ଥ | ହ | ଡ | ବ | ଖ |
| ମ | ଘ | ରୁ | ଗ | ର | ଫୁ | ଲ | କୋ | ବି |
| ଶା | ମା | ଛ | ଣ | ପି | ତା | ଶା | ର | ଲା |
| ଗ | ପି | ଜୁ | ଳି | କ | ମ | ଳା | ବ | ତି |
| ଲି | ଆ | ଲୁ | ଚ | ଦ | କା | କୁ | ଡ଼ି | ଛ |
| ଚୁ | ଜ | ଥ | ଗା | ଳୀ | ସା | ରୁ | ଜି | ପ |
| ତ | ର | ଶୂ | ଜ | ଝ | ବି | ରି | ରା | ଣ |
| ପା | ରି | ଛି | ର | ତ | ଟ | କ୍ଷୀ | ର | ସ |



https://withteachers.in/


## ଷଷ୍ଠ ପାଠ

# ଆନନ୍ଦମୟ ସୁସ୍ଥ ଜୀବନଯାପନ



ବିଭିନ୍ନ ସମୟରେ ଆମେ ବିଭିନ୍ନ କାରଣ ପାଇଁ ଆନନ୍ଦ ଅନୁଭବ କରିଥାଉ । ତୁମେ କେବେ ଖୁସି ଅନୁଭବ କରିଛ କି ? ତଳେ ଦିଆଯାଇଥିବା ବୃତ୍ତ ଭିତରେ ନିଜର ଉତ୍ତର ଲେଖ ।

**ଆମେ କେତେବେଳେ ଖୁସିହେଉ ?**




ଆମେ ଯେତେବେଳେ ଆମ ପସନ୍ଦର ଖାଦ୍ୟ ଖାଇଥାଉ ସେତେବେଳେ ଖୁସି ଅନୁଭବ କରୁ ।
ବିଭିନ୍ନ ପ୍ରକାର ପନିପରିବା, ଶସ୍ୟ ଓ ଡାଲି ଜାତୀୟ ସାମଗ୍ରୀରୁ ପ୍ରସ୍ତୁତ ଖାଦ୍ୟ ଖାଇବା ସମୟରେ ଆମେ ଆନନ୍ଦ ଉପଭୋଗ କରୁ ।

### କାର୍ଯ୍ୟ ୧

ନିମ୍ନରେ ଦିଆଯାଇଥିବା ଖାଦ୍ୟଗୁଡ଼ିକ ସେଗୁଡ଼ିକୁ ତିଆରି କରିବାରେ ବ୍ୟବହୃତ ସାମଗ୍ରୀ ସହ ଯୋଡ଼ ।





https://withteachers.in/

## ଶସ୍ୟର ଯାତ୍ରା – ଉତ୍ପାଦନରୁ ଖାଦ୍ୟଥାଳି


ପ୍ରତ୍ୟେକ ଖାଦ୍ୟ ସାମଗ୍ରୀ ଆମ ପାଖରେ କିପରି ପହଞ୍ଚିଥାଏ, ତାହା ଅତ୍ୟନ୍ତ କୌତୁହଳପୂର୍ଣ୍ଣ, ଆସ ଜାଣିବା ଆମ ଖାଦ୍ୟର ଏକ ମୁଖ୍ୟ ଅଂଶ ଚାଉଳ କିମ୍ବା ଗହମ ବିଷୟରେ ଆସ ଜାଣିବା ।

ନିମ୍ନଲିଖିତ ଚିତ୍ରଗୁଡ଼ିକ ଏହି ଯାତ୍ରା ଦର୍ଶାଉଛନ୍ତି –






https://withteachers.in/




କ୍ଷେତରୁ ଆମ ଖାଇବା ଥାଳି ପର୍ଯ୍ୟନ୍ତ ଶସ୍ୟର ସ୍ଥାନାନ୍ତରଣ ଏକ ଲମ୍ବା ପ୍ରକ୍ରିୟା । କୃଷକ, ବିକ୍ରେତା ପ୍ରଭୃତି ଲୋକମାନଙ୍କର ଏବଂ ପଶୁପକ୍ଷୀଙ୍କର ପ୍ରୟାସ ଆମମାନଙ୍କ ପାଇଁ ଏହି ସ୍ଥାନାନ୍ତରଣକୁ ସମ୍ଭବ କରିଥାଏ । ଏହି ପ୍ରକ୍ରିୟାରେ ପାଣି, ମାଟି ଏବଂ ସୂର୍ଯ୍ୟାଲୋକ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।



https://withteachers.in/

## କାର୍ଯ୍ୟ ୨

ପୂର୍ବପୃଷ୍ଠାରେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଦେଖି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

୧. ଶସ୍ୟକୁ ତାର ଯାତ୍ରାରେ ସାହାଯ୍ୟ କରୁଥିବା ଉପାଦାନଗୁଡ଼ିକୁ ଠିକ୍ (✓) ଚିହ୍ନ ଦିଅ ।

| ମାଟି | ପଥର | ବାୟୁ | କାଠ | ପାଣି | ବାଘ |
|---|---|---|---|---|---|
| | | | | | |
| କୃଷକ | ଜିଆ | ପାହାଡ଼ | ନିଆଁ | କୀଟପତଙ୍ଗ | ବାଦୁଡ଼ି |
| | | | | | |

## ଆସ ଲେଖିବା

୧. ଏହି ପ୍ରକ୍ରିୟାରେ କୃଷକ ମାନଙ୍କର ଭୂମିକା କ'ଣ ?

୨. ଉପରୋକ୍ତ ସାରଣୀରେ ଯେଉଁ ଉପାଦାନ ଗୁଡ଼ିକ ନାହିଁ, ତାର ତାଲିକା ପ୍ରସ୍ତୁତ କର ?

ବିହନ ବୁଣାଯିବାଠାରୁ ଆରମ୍ଭ କରି ଆମ ଖାଦ୍ୟଥାଳିରେ ପହଞ୍ଚିବା ପର୍ଯ୍ୟନ୍ତ ଏହା ଏକ ଉଲ୍ଲେଖନୀୟ ଯାତ୍ରା । ତୁମେ ଏହି ଯାତ୍ରାରେ ଜଡ଼ିତ ବିଭିନ୍ନ ଉପାଦାନଗୁଡ଼ିକର ଭୂମିକା ଗୁଡ଼ିକୁ ତାଲିକା କରିପାରିବ କି ?

(କ) ମାଟି :-______________________________

______________________________

(ଖ) ପାଣି :- ______________________________

______________________________

**ଶିକ୍ଷକଙ୍କୁ ସୂଚନା :**
ପିଲାମାନଙ୍କ ଖାଦ୍ୟ ଉତ୍ପାଦନ ପ୍ରକ୍ରିୟାରେ ସଂପୂର୍ଣ୍ଣ ପଦଯାତ୍ରା ଏବଂ ଏଥିରେ ଥିବା କଠିନ ପରିଶ୍ରମକୁ ଉପଲବ୍ଧି କରିବାପାଇଁ ଏକ ଆଲୋଚନାର ଆୟୋଜନ କରନ୍ତୁ ।



https://withteachers.in/

(ଗ) କୃଷକ: ---------------------------------------------

-----------------------------------------------------------

(ଘ) ଗୋରୁ : ---------------------------------------------

-----------------------------------------------------------

(ଙ) ଦୋକାନୀ : -------------------------------------------

-----------------------------------------------------------

(ଚ) ପରିବାରର ସଦସ୍ୟ: -------------------------------------

-----------------------------------------------------------

(ଛ) ଅନ୍ୟ କେହି : -----------------------------------------

-----------------------------------------------------------

## କାର୍ଯ୍ୟ ୩

**ସମସ୍ତଙ୍କୁ ଧନ୍ୟବାଦ !**

ତୁମେ ଖାଉଥିବା ଖାଦ୍ୟ ପାଇଁ ଆଉ ତାହାକୁ ଧନ୍ୟବାଦ ଦେବାକୁ ଚାହୁଁଛ କି ? ତେବେ ନିମ୍ନଲିଖିତ ସ୍ଥାନରେ ଉତ୍ତର ଲେଖ ।


| | | |
|---|---|---|
| ଧନ୍ୟବାଦ ________ | ଧନ୍ୟବାଦ ________ | ଧନ୍ୟବାଦ ________ |
| ଧନ୍ୟବାଦ ________ | **ଖାଦ୍ୟ** | ଧନ୍ୟବାଦ ________ |
| ଧନ୍ୟବାଦ ________ | ଧନ୍ୟବାଦ ________ | ଧନ୍ୟବାଦ ________ |






https://withteachers.in/

ଯେତେବେଳେ ଆମେ ଶ୍ରଦ୍ଧା ଓ ସମ୍ମାନ ସହିତ ସମସ୍ତ ଯୋଗାଣକାରୀଙ୍କୁ ମନେ ପକାଉଥାଉ, ସେତେବେଳେ ଆମେ ପ୍ରତ୍ୟେକ ଶସ୍ୟର ଗୁରୁତ୍ୱ ଓ ସ୍ୱାଦକୁ ଅନୁଭବ କରିପାରୁ ।



**ତୁମେ ଜାଣକି ?**

ଭାରତରେ ବିଭିନ୍ନ ସାଂସ୍କୃତିକ ପ୍ରଥା ଏବଂ ପର୍ବ ରହିଛି, ଯେଉଁଥିରେ ଆମେ ଖାଉଥିବା ଖାଦ୍ୟ ପାଇଁ 'ପ୍ରକୃତିମାତା'ଙ୍କୁ କୃତଜ୍ଞତା ଜ୍ଞାପନ କରିଥାଉ ।

ଯେପରି- ମକର ସଂକ୍ରାନ୍ତି, ଅକ୍ଷୟ ତୃତୀୟା, ନୂଆଖାଇ, ରଜ ଉତ୍ସବ, ଓନମ, ଲୋହରି ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀ ।



https://withteachers.in/

## ମନଯୋଗ ସହ ଖାଇବା

ଦିନେ ଶିକ୍ଷକ ପିଲାମାନଙ୍କୁ ନିଜର ଆଖି ବନ୍ଦ କରି ଗୋଲାକାରରେ ବସିବାକୁ କହିଲେ । ତା'ପରେ ସେ ସମସ୍ତଙ୍କ ହାତର ପାପୁଲି ଉପରେ ଗୋଟିଏ ଲେଖାଏଁ ଚିନାବାଦାମ ରଖିଲେ । ପ୍ରତ୍ୟେକ ଛାତ୍ରଛାତ୍ରୀ ପାପୁଲିରେ ଥିବା ଜିନିଷକୁ ଅନୁଭବ କରି ପାରିଲେ, ମାତ୍ର ଅଳ୍ପ କେତେଜଣ ତୁରନ୍ତ ତାହାକୁ ଚିହ୍ନଟ କରି ଚିନାବାଦାମ ବୋଲି କହିପାରିଥିଲେ ।








https://withteachers.in/

ତା'ପରେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ଆଖି ବନ୍ଦ ରଖି ଶିକ୍ଷକ ଦେଉଥିବା ସୂଚନା ଧ୍ୟାନର ସହିତ ପାଳନ କଲେ ।

(କ) ପାପୁଲିରେ ଥିବା ଖାଦ୍ୟକୁ ଧୀରେ ନେଇ ପାଟିରେ ରଖ ।
(ଖ) ନିଜର ଜିଭ ଓ ପାଟି ସାହାଯ୍ୟରେ ଖାଦ୍ୟର ପୃଷ୍ଠଭାଗ ଅନୁଭବ କର ।
(ଗ) ଧୀରେ ଧୀରେ ଦାନ୍ତଦ୍ୱାରା ତାହାକୁ ଚୋବାଅ ।
(ଘ) ନିଜର ଜିଭ, ନାକ ଏବଂ ଅନ୍ୟ ଇନ୍ଦ୍ରିୟକୁ ବ୍ୟବହାର କରି ତା'ର ସ୍ୱାଦଅନୁଭବ କର ।
(ଙ) ଚୋବାଇବା ସମୟରେ ତା'ର ସ୍ୱାଦକୁ ମନେପକାଇବାକୁ ଚେଷ୍ଟା କର ।
(ଚ) ଗିଳିବା ପୂର୍ବରୁ ଖାଦ୍ୟର ବାହ୍ୟ ଗଠନକୁ ମନେ ପକାଅ ।




## ଆସ କଥା ହେବା

୧. ଏହି ପ୍ରକ୍ରିୟାରେ ତୁମର ଜିଭ କେଉଁ ଭୂମିକା ଗ୍ରହଣ କରେ ?
୨. ଖାଦ୍ୟ ଖାଇବା ସମୟରେ ତୁମ ଦାନ୍ତ କ'ଣ କରେ ?
୩. ଏହି ପ୍ରକ୍ରିୟାରେ ପାଟି ଭିତରେ ଥିବା ଖାଦ୍ୟ ସହିତ କ'ଣ ଘଟେ ?

ମନଯୋଗ ସହକାରେ ଖାଇବାର ଅର୍ଥ ହେଉଛି ଆମେ କ'ଣ ଖାଉଛୁ ଓ ଖାଇବା ସମୟରେ କେମିତି ଅନୁଭବ କରୁଛୁ ତା ଉପରେ ଧ୍ୟାନ ଦେବା । ଯେତେବେଳେ ଆମେ ଧୀରେ ଧୀରେ ଖାଦ୍ୟ ଖାଉ ଏବଂ ଖାଦ୍ୟର ପ୍ରତ୍ୟେକ ଦାନାକୁ ଚୋବାଇଥାଉ ସେତେବେଳେ ଖାଇବାରେ ଆନନ୍ଦ ଅନୁଭବ କରିଥାଉ । ଏହା ଆମକୁ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ବାଛିବାରେ ସାହାଯ୍ୟ କରିବା ସହିତ ଆମ ପାଖରେ ଥିବା ଖାଦ୍ୟର ମୂଲ୍ୟ ବୁଝିବାରେ ସହଯୋଗ କରେ । ତେଣୁ ତୁମେ ଯେତେବେଳେ ଖାଇବ ସେତେବେଳେ କ'ଣ ଖାଉଛ, କିପରି ଚୋବାଉଛ ଏବଂ ଖାଦ୍ୟର ପ୍ରତ୍ୟେକ କଣିକାକୁ ଉପଭୋଗ କରି ଖାଇବା ପ୍ରତି ଧ୍ୟାନ ଦେବ ।

**ଶିକ୍ଷକଙ୍କୁ ସୂଚନା :**
ଶିକ୍ଷକ ଶ୍ରେଣୀକକ୍ଷରେ ମନୋଯୋଗ ସହିତ ଖାଦ୍ୟ ଖାଇବାର ଅଭ୍ୟାସ କରିବାପାଇଁ ସ୍ଥାନୀୟ ଉପଲବ୍ଧ ଖାଦ୍ୟ ବା ବାଦାମ ବ୍ୟବହାର କରି ଛାତ୍ରଛାତ୍ରୀମାନଙ୍କୁ ମନଯୋଗ ସହକାରେ ଖାଦ୍ୟ ଖାଇବା ପ୍ରକ୍ରିୟାକୁ ଅନୁଭବ କରିବାକୁ ସକ୍ଷମ କରିବେ ।






https://withteachers.in/

## ଖାଦ୍ୟର ମହତ୍ତ୍ୱ



ପ୍ରତ୍ୟେକ ଶସ୍ୟ ମୂଲ୍ୟବାନ । ତୁମକୁ ଥାଳିରେ ଦିଆଯାଇଥିବା ସବୁ ଖାଦ୍ୟକୁ ତୁମେ ଖାଇଥାଅକି ? ଯେତେବେଳେ ଆମେ ଖାଦ୍ୟ ନଷ୍ଟ କରୁ, ସେତେବେଳେ ଆମେ ଆମ ଖାଦ୍ୟ ଥାଳି ପର୍ଯ୍ୟନ୍ତ ଖାଦ୍ୟକୁ ପହଞ୍ଚାଉଥିବା ପ୍ରତ୍ୟେକ ଲୋକଙ୍କର କଠିନ ପରିଶ୍ରମକୁ ଅସମ୍ମାନ କରିଥାଉ । ତେଣୁ ଖାଦ୍ୟ ପ୍ରତି ଆଦର ଓ ସମ୍ମାନ ବଢ଼ାଇବା ଉଚିତ ।

### କାର୍ଯ୍ୟ ୪

ଏକ ସପ୍ତାହରେ ତୁମେ ଖାଉଥିବା ସକାଳ ଭୋଜନ, ମଧ୍ୟାହ୍ନଭୋଜନ ଓ ରାତ୍ରୀଭୋଜନ ତାଲିକା କର । ପ୍ରତ୍ୟେକ ଖାଦ୍ୟ ଗ୍ରହଣ ପରେ ତଳେ ଦିଆଯାଉଥିବା ସାରଣୀକୁ ପୂରଣ କର । ଯଦି ତୁମେ ସବୁ ଖାଦ୍ୟ ଖାଇଛ, ତେବେ 'ହଁ' ଲେଖିବ ଏବଂ ଏକ ହସୁଥିବା ମୁହଁ (smiley face)ର ଚିହ୍ନ କରିବ । ଯଦି ତୁମେ ସବୁ ଖାଦ୍ୟ ଖାଇନାହଁ ବା ଛାଡି ଦେଇଛ ତେବେ 'ନା' ଲେଖିବ ଓ ଦୁଃଖିତ ମୁହଁ (sad face)ଚିହ୍ନ ଦେବ ।

| ଦିନ | ସକାଳ ଭୋଜନ | ମଧ୍ୟାହ୍ନ ଭୋଜନ | ରାତ୍ରି ଭୋଜନ | ତୁମେ ସଂପୂର୍ଣ୍ଣ ଖାଇବ କି ? | ତୁମେ ଛାଡ଼ି ଥିଲ କି ? | କେମିତି ଅନୁଭବ କଲ ? |
|---|---|---|---|---|---|---|
| ୧. | | | | | | |
| ୨. | | | | | | |
| ୩. | | | | | | |
| ୪. | | | | | | |
| ୫. | | | | | | |
| ୬. | | | | | | |
| ୭. | | | | | | |

### ଆସ ଲେଖିବା

**ତୁମେ କ'ଣ କରିବ-**

୧. ଯଦି ତୁମକୁ କେହି ତୁମ ଆବଶ୍ୟକତା ଠାରୁ ଅଧିକ ଖାଦ୍ୟ ଦିଅନ୍ତି ?

--------------------------------------------------------------

୨. ଯଦି ତୁମକୁ ତୁମ ଥାଳିରେ ଥିବା ଖାଦ୍ୟ ପସନ୍ଦ ନ ହୁଏ ?

--------------------------------------------------------------






https://withteachers.in/

## ଆସ ଲେଖିବା

**ଖେଳକୁ ଉପଭୋଗ କର :**

ନିମ୍ନରେ ଦିଆଯାଇଥିବା ଚିତ୍ରକୁ ଦେଖ :



ପିଲାମାନେ କେଉଁ ସବୁ କାର୍ଯ୍ୟରେ ନିୟୋଜିତ ଅଛନ୍ତି ତାହାର ତାଲିକା କର ।



https://withteachers.in/



## ଆସ କଥା ହେବା

୧. ତୁମେ ଦୈନନ୍ଦିନ ଜୀବନରେ କେଉଁ ସବୁ ଶାରୀରିକ କାର୍ଯ୍ୟ କରିଥାଅ ?

୨. ଯେଉଁଦିନ ତୁମେ ବହୁତ ଖେଳିଥାଅ, ସେହିଦିନ ତୁମେ କିପରି ଅନୁଭବ କର ?

## ତୁମେ ଜାଣ କି ?

ତୁମେ ତଳେ ଦିଆଯାଉଥିବା ଚିତ୍ରରେ ଖେଳୁଥିବା ଖେଳଗୁଡ଼ିକର ନାମ କରଣ କରିପାରିବ କି ?













## କାର୍ଯ୍ୟ ୫

ଶିକ୍ଷକଙ୍କ ମାର୍ଗଦର୍ଶନରେ ତୁମେ ଗୋଟିଏ ସପ୍ତାହ ପାଇଁ ତଳେ ଦିଆଯାଇଥିବା ସହଜ ଯୋଗ ଆସନ ଗୁଡ଼ିକୁ ଅଭ୍ୟାସ କର ଏବଂ ତୁମ ପର୍ଯ୍ୟବେକ୍ଷଣର ତାଳିକା କର ।












https://withteachers.in/

ଆମେ ସୁସ୍ଥ ରହିବାପାଇଁ ଉତ୍ତମ ଖାଦ୍ୟ ସହିତ ନିୟମିତ ବ୍ୟାୟାମର ଆବଶ୍ୟକତା ରହିଛି । ଆମେ ସୁସ୍ଥ ଓ ଶକ୍ତିଶାଳୀ ହେବାପାଇଁ ନିୟମିତ ଶାରୀରିକ କାର୍ଯ୍ୟ ଯେପରି:- ଖୋଲାପଡ଼ିଆରେ ସାଂଗମାନଙ୍କ ସହିତ ଖେଳିବା, ଦୌଡ଼ିବା, ଡେଇଁବା ସାଇକେଲ ଚଳାଇବା ଏବଂ ଦଉଡ଼ି ଡିଆଁ ଖେଳିବା ଇତ୍ୟାଦିର ଆବଶ୍ୟକତା ରହିଛି । ଯୋଗ ଭଳି ଅନ୍ୟ ଶାରିରୀକ କାର୍ଯ୍ୟ ଆମର ଦୈହିକ ସ୍ଥିତିକୁ ଉନ୍ନତ କରିବା ସହ ଆମକୁ ଖୁସି ଓ ସକ୍ରିୟ ରଖେ ।

"ଖେଳ ଯୋଗ" ଯାହା "ଶାରୀରିକ ଶିକ୍ଷା ଓ ସୁସ୍ଥତା" ବିଷୟରେ ଏକ ପାଠ୍ୟପୁସ୍ତକ ଅଟେ, ଏହା ଆମକୁ ଅନେକ ଆକର୍ଷଣୀୟ ବ୍ୟାୟାମ ଓ ଖେଳ ବିଷୟରେ ସୂଚନା ଦେଇଥାଏ ।










https://withteachers.in/

## ସୁନିଦ୍ରା :



ଗୋଟିଏ ଦିନ ବିଷୟରେ ଚିନ୍ତାକର, ଯେଉଁଦିନ କି ତୁମେ ବହୁତ ବ୍ୟାୟାମ କରିଛ କିମ୍ବା ଅଧିକ ଖେଳିଛ, ଯଦି ଏହାପରେ ଠିକ୍ ଭାବରେ ନ ଶୋଇଲ, ତେବେ କ'ଣ ଅସୁବିଧା ହେବ ବୋଲି ଭାବୁଛ ?

### କାର୍ଯ୍ୟ ୬

ନିମ୍ନରେ ଦିଆଯାଇଥିବା ସାରଣୀକୁ ପୂରଣ କର:

| ଦିନ | ତୁମେ କେତେବେଳେ ଶୋଇଲ ? | ତୁମେ କେତେବେଳେ ଉଠିଲ ? | ଶୋଇବାର ଅବଧି | ଦିନ ମଧ୍ୟରେ କିପରି ଅନୁଭବ କଲ ? (କ, ଖ, ଗ) |
|---|---|---|---|---|
| ଗତକାଲି | | | | |
| ଗତକାଲିର ଦିନକ ପୂର୍ବରୁ | | | | |
| ତା ପୂର୍ବ ଦିନ | | | | |

(କ) ସତେଜ (ଖ) ଅଳସୁଆ (ଗ) ନିଦୁଆ

### ଆସ କଥା ହେବା

୧. ଆମ ଶରୀର ପାଇଁ ବିଶ୍ରାମର ଆବଶ୍ୟକତା ରହିଛି ବୋଲି ତୁମେ କାହିଁକି ଭାବୁଛ ?

୨. ବ୍ୟାୟାମ ଓ ଖେଳ ଭିତରେ ବ୍ୟସ୍ତ ରହୁଥିବା ଦିନଗୁଡ଼ିକ ଶେଷରେ ବିଶ୍ରାମ କରିବା ଜରୁରୀ ବୋଲି ତୁମେ ଭାବୁଛ କି ? କାହିଁକି ?

ଆମ ଶରୀର ପ୍ରତ୍ୟେକ ଦିନ ନିଦ ଆବଶ୍ୟକ କରେ । ଉତ୍ତମ ନିଦ୍ରା ଆମର ଥକ୍କାପଣକୁ ଦୂର କରି ଆମକୁ ସତେଜ ରଖିଥାଏ । ଯେତେବେଳେ ଆମେ ଯଥେଷ୍ଟ ଶୋଇପାରିନଥାଉ ସେତେବେଳେ ସାରାଦିନର କାର୍ଯ୍ୟ ଉପରେ ସମୁଚିତ ଧ୍ୟାନ ଦେବା ଆମପାଇଁ କଷ୍ଟକର ହୋଇପଡ଼େ । ଆମେ କ୍ଳାନ୍ତ, ନିଦୁଆ ଓ ବିରକ୍ତି ଅନୁଭବ କରୁ । ତେଣୁ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଓ ବ୍ୟାୟାମ ଭଳି ପର୍ଯ୍ୟାପ୍ତ ନିଦ୍ରା ମଧ୍ୟ ଆମ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ ।






https://withteachers.in/



## ନିରାପଦ ଅନୁଭବ:

ସୁସ୍ଥ ଓ ଖୁସି ରହିବା ପାଇଁ ବିଭିନ୍ନ ଉପାୟ ବିଷୟରେ ଆମେ ଆଲୋଚନା କରିସାରିଛୁ । ହେଲେ ବେଳେବେଳେ ଏମିତି ଏକ ସମୟ ଆସେ ଯେଉଁଠି ଆମେ ଅସନ୍ତୁଷ୍ଟ, ଅସୁରକ୍ଷିତ ଓ ଅସୁଖୀ ଅନୁଭବ କରିଥାଉ ।

### କାର୍ଯ୍ୟ ୭

ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଦେଖ । ଯେଉଁ ଚିତ୍ରରେ ପିଲାଟି ଆରାମପୂର୍ଣ୍ଣ ଅନୁଭବ କରିଛି ସେଠାରେ ଠିକ୍ ଚିହ୍ନ (✓) ଦିଅ ଏବଂ ଯେଉଁ ଚିତ୍ରରେ ସେ ଅସ୍ୱସ୍ତିକର ଅନୁଭବ କରୁଛି ସେଠାରେ ଭୁଲ ଚିହ୍ନ (x) ଦିଅ ।











https://withteachers.in/

ସୁରକ୍ଷିତ ସ୍ପର୍ଶ ଓ ଅସୁରକ୍ଷିତ ସ୍ପର୍ଶ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି, ତାହା ଜାଣିବା ଅତ୍ୟନ୍ତ ଜରୁରୀ । ଜଣେ ମାଆ କିମ୍ବା ପରିବାରର ଅନ୍ୟ କାହାର ଆଲିଙ୍ଗନ ଯେଉଁଥିରେ ତୁମେ ଖୁସି ଓ ନିରାପଦ ଅନୁଭବ କରିଥାଅ, ତାହା ହେଉଛି ନିରାପଦ ସ୍ପର୍ଶ ବା ସୁରକ୍ଷିତ ସ୍ପର୍ଶ । ଜଣେ ବ୍ୟକ୍ତି ପରିଚିତ ହେଉ ବା ଅପରିଚିତ ହେଉ ଯଦି ତାର ସ୍ପର୍ଶରେ ତୁମେ ଅସହଜ, ଅସ୍ୱସ୍ତି ଭୟ ଓ ଦ୍ୱନ୍ଦ ଅନୁଭବ କରିଥାଅ, ତାହ ଅସୁରକ୍ଷିତ ସ୍ପର୍ଶ ହୋଇଥାଏ ।

## ଆସ ଲେଖିବା

୧. ଯଦି କାହାର ସ୍ପର୍ଶ ତୁମକୁ ଅସ୍ୱସ୍ତିକର ଲାଗେ, ତେବେ ତୁମେ କ'ଣ କରିବ ?

---------------------------------------------------------------

୨. ଯଦି ତୁମେ ଏକ ଅସୁରକ୍ଷିତ ପରିସ୍ଥିତିର ସମ୍ମୁଖୀନ ହୁଅ, ତେବେ ତୁମେ ସେ ବିଷୟରେ କାହାକୁ କହିବ ?

---------------------------------------------------------------

୩. ଦୁଇଟି ପରିସ୍ଥିତିରେ ନାମ ଲେଖ, ଯେଉଁଠି ତୁମେ ଦୃଢ଼ ଭାବରେ 'ନା' କହିବ ?

---------------------------------------------------------------

ଯଦି ତୁମେ କେବେ ନିଜକୁ ଅସୁରକ୍ଷିତ ମନେ କର, ତେବେ ସେ ବିଷୟରେ ଅନ୍ୟକୁ ଜଣାଅ । ମନେରଖ, ଯଦି କେହି ତୁମକୁ ଅସୁରକ୍ଷିତ ଅନୁଭବ କରାଏ, ତେବେ ତାକୁ 'ନା' କହିବା ସହିତ ସେ ବିଷୟରେ ତୁମ ଶିକ୍ଷକ ବା ପିତାମାତାଙ୍କୁ ଜଣାଇବା ଉଚିତ । ସେହି ଅବସ୍ଥା ପାଇଁ ନିଜକୁ ଅସହଜ ବା ଦୋଷୀ ଅନୁଭବ କରିବ ନାହିଁ ।



ଆନନ୍ଦମୟ ସୁସ୍ଥ ଜୀବନ ପାଇଁ, ଠିକ୍ ସମୟରେ ଠିକ୍ ଭାବରେ ଖାଇବା ଆବଶ୍ୟକ । ସେଥି ସହିତ ଶାରୀରିକ କାର୍ଯ୍ୟକଳାପ, ବିଶ୍ରାମ ଓ ଆମୋଦ ପ୍ରମୋଦ ମଧ୍ୟ ସମାନ ଭାବରେ ଜରୁରୀ । ଯଦି ଆମେ ଆମ ଶରୀର ସହିତ ମନର ଯତ୍ନ ନେବା, ତେବେ ଆମେ ସୁଖୀ, ସ୍ୱାସ୍ଥ୍ୟବାନ୍ ଓ ଆନନ୍ଦିତ ରହିପାରିବା ।



https://withteachers.in/

## ଆସ କରି ଦେଖିବା

୧. ନିମ୍ନଲିଖିତ ମଧ୍ୟରୁ ଯଦି କୌଣସିଟି ନ ରହିବ, ତେବେ ତାହା ଖାଦ୍ୟ ଶସ୍ୟ ଉପରେ କିପରି ପ୍ରଭାବ ପକାଇବ ?

**ଉପାଦାନ**

ମୃତ୍ତିକା : ..................................................................................

ଜଳ : ..........................................................................................

ସୂର୍ଯ୍ୟାଲୋକ: ...............................................................................

**ପ୍ରାଣୀ**

ଗୋରୁଗାଈ : ...............................................................................

ଜିଆ: ........................................................................................

**ମଣିଷ**

କୃଷକ : ......................................................................................

ଦୋକାନୀ : ..................................................................................

ରୋଷେୟା : ..................................................................................

୨. ନିଜ ପସନ୍ଦର ଏକ ସନ୍ତୁଳିତ ଖାଦ୍ୟ ଥାଳି ପ୍ରସ୍ତୁତ କର, ଯେଉଁଥିରେ ତୁମର ପ୍ରିୟ ଖାଦ୍ୟ ଗୁଡ଼ିକ ଥିବ । (ମନେରଖ ଆମେ ଖାଦ୍ୟ ନଷ୍ଟ କରିବା ଉଚିତ ନୁହେଁ)

| ସକାଳ ଭୋଜନ ଥାଳି | ମଧ୍ୟାହ୍ନ ଭୋଜନ ଥାଳି | ରାତ୍ରି ଭୋଜନ ଥାଳି |
|---|---|---|
| | | |



https://withteachers.in/

୩.  "ମନଯୋଗ ସହ ଖାଇବା" ସମୟରେ ତୁମେ କେଉଁ କାର୍ଯ୍ୟଗୁଡ଼ିକ ଉପଭୋଗ କର ?

..............................................................................................

..............................................................................................

୪.  ତୁମେ କିପରି ନିଜ ଶରୀରକୁ ଶକ୍ତିଶାଳୀ କରିପାରିବ ? ତୁମେ ଅଭ୍ୟାସ କରୁଥିବା ବ୍ୟାୟାମ ଓ ଖେଳ ଗୁଡ଼ିକର ନାମ ଲେଖ –

ବ୍ୟାୟାମ : ..................................................................................

ଖେଳ : ..................................................................................

୫.  ଦୈନନ୍ଦିନ ତୁମେ କେଉଁ ଅଭ୍ୟାସ ଗୁଡ଼ିକ କରିବ ? ତୁମ ଯୋଜନା ଗୁଡ଼ିକୁ ନିମ୍ନରେ ଲେଖ।

| କାର୍ଯ୍ୟ | ତୁମ ଯୋଜନା |
|---|---|
| ସକାଳେ ଶୀଘ୍ର ଉଠିବା | |
| ଯୋଗ ଏବଂ ବ୍ୟାୟାମ | |
| ଠିକ୍ ସମୟରେ ସନ୍ତୁଳିତ ଖାଦ୍ୟ ଖାଇବା | |
| ବ୍ୟାୟାମ ଓ ଖେଳ | |
| ଟିଭି ଓ ମୋବାଇଲ୍‌ର କମ୍ ବ୍ୟବହାର | |
| ପୁସ୍ତକ ପଢ଼ିବା | |
| ଶାନ୍ତିରେ ଶୋଇବା | |






https://withteachers.in/

## ଚତୁର୍ଥ ଏକକ

# ଆମ ଚାରିପାଖରେ ଥିବା ଜିନିଷ

### ଏକକ ବିଷୟରେ:

ଏହି ଏକକଟି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଚାରିପାଖରେ ଥିବା ଜିନିଷ, ସେଗୁଡ଼ିକ କିପରି କାମ କରେ ଏବଂ କିପରି ତିଆରି ହୁଏ ସେ ବିଷୟରେ ପରିଚିତ କରାଏ । ଶିକ୍ଷାର୍ଥୀମାନେ ଚକ୍ରି ଏବଂ କାଗଜ ଡଙ୍ଗା ଭଳି ସହଜରେ ମିଳୁଥିବା ଖେଳଣା ସହିତ ଜଡ଼ିତ ହୋଇ ସେଗୁଡ଼ିକ କିପରି କାମ କରେ ତାହା ପର୍ଯ୍ୟବେକ୍ଷଣ, ପରୀକ୍ଷା କରନ୍ତି । ସେମାନେ ଏହି ଖେଳଣାଗୁଡ଼ିକରୁ ବହୁକଥା ଜାଣିବାର ସମ୍ଭାବନା ଥାଏ । ସେମାନେ ପାଣିରେ ବିଭିନ୍ନ ଜିନିଷ ରଖି କେଉଁଗୁଡ଼ିକ ପାଣିରେ ବୁଡ଼ିଯାଆନ୍ତି ଓ କେଉଁଗୁଡ଼ିକ ପାଣିରେ ଭାସନ୍ତି ତାହା ମଧ୍ୟ ପରୀକ୍ଷା କରନ୍ତି ।

ସେମାନେ ହାତ ତିଆରି କାଗଜ କିପରି ପ୍ରସ୍ତୁତ କରିବେ ତାହା ଶିଖିବେ ଏବଂ ଧୀରେ ଧୀରେ ଯନ୍ତ୍ର ମାଧ୍ୟମରେ ବହୁତ ପରିମାଣରେ କାଗଜ କିପରି ତିଆରି ହେବ ତାହା ଶିଖିବେ । ଏହି ଏକକଟି ଶିକ୍ଷାର୍ଥୀମାନଙ୍କୁ କାଗଜର ଗୁଣଧର୍ମ ଏବଂ ରଙ୍ଗୀନ କାଗଜ କିପରି ତିଆରି ହୁଏ ବୁଝିବା ପାଇଁ ସୁଯୋଗ ଦିଏ । ଶିକ୍ଷାର୍ଥୀମାନେ '5R' ଆବର୍ଜନା ପରିଚାଳନା ମାଧ୍ୟମରେ ଦୀର୍ଘ ସ୍ଥାୟୀ ଅଭ୍ୟାସଗୁଡ଼ିକ ଶିଖିବେ ଏବଂ ଦାୟିତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପ୍ରସ୍ତୁତ ହେବେ । ପାରମ୍ପରିକ ଏବଂ ଆଧୁନିକ କାଗଜ ତିଆରି କୌଶଳର ପରୀକ୍ଷା କରିବେ। ଏହାଦ୍ୱାରା ଆମେ ଦୈନନ୍ଦିନ ବ୍ୟବହାର କରୁଥିବା ଜିନିଷ ଏବଂ ତା'ର ପରିବେଶ ସହିତ ସଂପର୍କ ପାଇଁ ସେମାନଙ୍କ ମନରେ ଗଭୀର ଆଗ୍ରହ ସୃଷ୍ଟି ହେବ ।



https://withteachers.in/

## ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକଟିରେ ଦୁଇଟି ପାଠ (ସପ୍ତମ ପାଠ 'ଜିନିଷଗୁଡ଼ିକ କିପରି କାର୍ଯ୍ୟ କରନ୍ତି' ଏବଂ ଅଷ୍ଟମ ପାଠ 'ଜିନିଷଗୁଡ଼ିକ କିପରି ତିଆରି ହୁଏ') ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

**ସପ୍ତମ ପାଠ**

- "ଜିନିଷଗୁଡ଼ିକ କିପରି କାର୍ଯ୍ୟ କରନ୍ତି" ପାଠଟି ଘୂର୍ଣ୍ଣନ, ଭାସିବା ଓ ବୁଡ଼ିବା ସମେତ ଚାରିପାଖରେ ଘଟୁଥିବା ଘଟଣାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାରେ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରେ ଯାହାଫଳରେ ସେମାନଙ୍କ କୌତୁହଳ ବୃଦ୍ଧିପାଏ । ସେମାନେ ହାତ ତିଆରି କାର୍ଯ୍ୟକଳାପ ଦ୍ୱାରା ଖେଳଣା, କାଗଜ ତଥା ଦୈନନ୍ଦିନ ଜୀବନରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସହିତ ସେଗୁଡ଼ିକ କିପରି କାର୍ଯ୍ୟ କରେ ସେ ବିଷୟରେ ଶିକ୍ଷା କରିବା ଦ୍ୱାରା ସେମାନଙ୍କ ମନରେ ଆଶ୍ଚର୍ଯ୍ୟଜନକ ଅନୁଭୂତି ବିକଶିତ ହୋଇଥାଏ ।
- ସରଳ ପରୀକ୍ଷଣଗୁଡ଼ିକ ଦ୍ୱାରା କ'ଣ ଘଟେ ଏବଂ ଜିନିଷଗୁଡ଼ିକ କିପରି କାମ କରେ ସେ ବିଷୟରେ ସେମାନେ ଜାଣିବାକୁ ପାଆନ୍ତି । ଏହାଦ୍ୱାରା ସେମାନେ ବିଭିନ୍ନ ଘଟଣା ମଧ୍ୟରେ ସାମଞ୍ଜସ୍ୟ ଆବିଷ୍କାର କରନ୍ତି । ଏହା ନୂଆ ନୂଆ ଗବେଷଣା ଦିଗରେ ସେମାନଙ୍କର ଆଗ୍ରହ ଓ କୌତୁହଳ ବଢ଼ାଇଥାଏ ।

**ଅଷ୍ଟମ ପାଠ**

- 'ଜିନିଷ କିପରି ତିଆରି ହୁଏ' ପାଠଟି ନିଜ ଚାରିପାଖରେ ମିଳୁଥିବା ପଦାର୍ଥକୁ ନେଇ ନିଜ ହାତରେ ଜିନିଷ ତିଆରି କରିବାର ସୁଯୋଗ ଦେଇଥାଏ । ଶିକ୍ଷାର୍ଥୀମାନେ କାଗଜ ମଣ୍ଡରୁ ହାତ ତିଆରି କାଗଜ କିପରି ତିଆରି ହୁଏ ଶିଖନ୍ତି ।
- ପୁନଃଚକ୍ରଣ ପଦ୍ଧତିରେ କାଗଜ ପ୍ରସ୍ତୁତି ଦ୍ୱାରା ସେମାନେ ସ୍ଥାୟୀ ଓ ନବୀକରଣର ସୌନ୍ଦର୍ଯ୍ୟ ଆବିଷ୍କାର କରନ୍ତି । ଆବର୍ଜନା ପରିଚାଳନାର 5 R ବିଷୟରେ ଅବଗତ ହୁଅନ୍ତି ।



## ଶିକ୍ଷକ ସୁଗମ କରାଇବେ :

- ମୁଦ୍ରା, ଚୁଡ଼ି, କାଠ ଚକ୍ରି (spinner), ପତ୍ର, ପଥର ଖଣ୍ଡ ଆଦି ଯୋଗାଡ଼ କରିବେ । ବିଭିନ୍ନ କାମ ଯଥା ବୁଣିବା, ଭାସିବା, ବୁଡ଼ିବା ପାଇଁ କାର୍ଡ଼ବୋର୍ଡ଼, ଦାନ୍ତଖୁଣ୍ଟା, ଅଠା ଇତ୍ୟାଦି ଯୋଗାଡ଼ କରି ହାତକାମ ପାଇଁ ପ୍ରସ୍ତୁତ କରିବେ ।
- ଦଳଗତ କାର୍ଯ୍ୟ ମାଧ୍ୟମରେ ଚକ୍ରି ପ୍ରସ୍ତୁତି ଓ ପରୀକ୍ଷଣ କରିବା, ଭାସୁଥିବା ଏବଂ ବୁଡୁଥିବା ଜିନିଷ ଉପରେ ପର୍ଯ୍ୟବେକ୍ଷଣ ଓ ପୁର୍ବାନୁମାନ କରିବା ଏବଂ ଏହି ପର୍ଯ୍ୟବେକ୍ଷଣଗୁଡ଼ିକୁ ଶିକ୍ଷାର୍ଥୀମାନେ ଲିପିବଦ୍ଧ କରିବା ପାଇଁ ଉତ୍ସାହିତ କରିବେ ।
- ଭାସିବା ଓ ବୁଡ଼ିବା କାର୍ଯ୍ୟ ପାଇଁ ଆବଶ୍ୟକୀୟ ଜିନିଷ ଯୋଗାଡ଼ କରିବେ । ଶିକ୍ଷାର୍ଥୀମାନଙ୍କୁ ପୁର୍ବାନୁମାନ ଏବଂ ଫଳାଫଳ ଲିପିବଦ୍ଧ କରିବା ପାଇଁ ଉତ୍ସାହିତ କରିବେ । ବିଭିନ୍ନ ଆକୃତି ଓ ବସ୍ତୁ ବିଷୟରେ ଗଭୀର ଚିନ୍ତା କରିବାକୁ ପରାମର୍ଶ ଦେବେ ।
- ଏକ ମେଳାର ଆୟୋଜନ କରିବେ ଯେଉଁଠାରେ ଶିକ୍ଷାର୍ଥୀମାନେ ନିଜ ହାତ ତିଆରି ଡଙ୍ଗା ପ୍ରଦର୍ଶନ କରିବେ ଓ ଉପଲବ୍ଧ ଜ୍ଞାନକୁ ବାଣ୍ଟିବେ ।



https://withteachers.in/

ସପ୍ତମ ପାଠ

# ଜିନିଷଗୁଡ଼ିକ କିପରି କାର୍ଯ୍ୟ କରନ୍ତି



ପ୍ରତିଦିନ ଆମେ ଚାରିପାଖରେ ବିଭିନ୍ନ ଜିନିଷ ଦେଖିଥାଉ ଏବଂ ବ୍ୟବହାର କରିଥାଉ, ଯଥା ପଢ଼ା ବହି ଓ ଖେଳଣା ଇତ୍ୟାଦି । କେତେକ ଜିନିଷ ଆମକୁ କାମ କରିବାରେ ସାହାଯ୍ୟ କରେ । ଆମେ ଲେଖିବାପାଇଁ ପେନସିଲ ବ୍ୟବହାର କରୁ ଏବଂ ବହିପତ୍ର ନେବାପାଇଁ ବ୍ୟାଗ ବ୍ୟବହାର କରିଥାଉ ଇତ୍ୟାଦି ।

ତୁମେ କେବେ ଭାବିଛ କି ଏଗୁଡ଼ିକ କିପରି କାମ କରନ୍ତି ? ସବୁବେଳେ ଓ ସବୁ ଅବସ୍ଥାରେ ସେଗୁଡ଼ିକ ଏକାଭଳି କାମ କରନ୍ତି କି ? ଆମେ କ'ଣ ପରିବର୍ତ୍ତନ କଲେ ଏଗୁଡ଼ିକ ଅଧିକ ଭାବରେ କାମ କରିବେ ? ଆସ ଆମେ ଜାଣିବା ଏବଂ ପରୀକ୍ଷା କରି ଦେଖିବା ଆମ ଚାରିପାଖରେ ଥିବା ଜିନିଷଗୁଡ଼ିକ କିପରି କାମ କରନ୍ତି ।

ଜିନିଷଗୁଡ଼ିକ କିପରି କାମ କରନ୍ତି ଅନୁସନ୍ଧାନ କରିବାକୁ ମୀରା ଏବଂ ଧ୍ରୁବ ଭଲ ପାଆନ୍ତି । ପ୍ରତି ସପ୍ତାହ ଶେଷରେ ସେ ଦୁହେଁ କିଛି ନୂଆ କଥା ଆବିଷ୍କାର କରିବାପାଇଁ ଅନୁସନ୍ଧାନ କରିଥାଆନ୍ତି । ଗୋଟିଏ ରବିବାରରେ ମୀରା ଏକ ମୁଦ୍ରାକୁ ଚଟାଣ ଉପରେ ଘୂରାଇ ତାକୁ କୌତୁହଳତାର ସହ ପର୍ଯ୍ୟବେକ୍ଷଣ କଲା ଏବଂ କହିଲା, ''ଏହାକୁ ଦେଖ'' ।



**ଶିକ୍ଷକଙ୍କୁ ସୂଚନା :**
ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ମୁଦ୍ରା ନେଇ ଘୁରାଇବା ପାଇଁ କହିବେ ଓ ପର୍ଯ୍ୟବେକ୍ଷଣ କରିବାପାଇଁ ସୂଚନା ଦେବେ ।


https://withteachers.in/

## କାର୍ଯ୍ୟ ୧



୧. ତୁମେ ଭାବୁଛ କି ସବୁ ବସ୍ତୁ ଘୂରିପାରିବ ? ଘୂରୁଥିବା ବସ୍ତୁଗୁଡ଼ିକର ତାଲିକା ତିଆରି କର।

୨. ସାରଣୀରେ ଥିବା ବସ୍ତୁଗୁଡ଼ିକ ସଂଗ୍ରହ କର, ଘୂରାଅ ଓ ପର୍ଯ୍ୟବେକ୍ଷଣ କର ଏବଂ ସାରଣୀଟିକୁ ପୂରଣ କର ।

| ବସ୍ତୁ | ମୁଁ ଦେଖୁଛି | ମୁଁ ଆଶ୍ଚର୍ଯ୍ୟ ହେଉଛି | ମୁଁ ଭାବୁଛି |
|---|---|---|---|
| ମୁଦ୍ରା  | ଯେତେବେଳେ ଏହା ଧୀର ହୁଏ ହଲିବାକୁ ଲାଗେ | କାହିଁକି ଏହା ଧୀର ହେଲେ ହଲିବାକୁ ଲାଗେ ? | |
| ଚୁଡ଼ି  | ସମୟ ଅତିକ୍ରମ କରିବା ସହ ଶବ୍ଦ... | | |
| ପେନସିଲ  | | | |
| ପଥରଖଣ୍ଡ  | | | |
| କାଠ ନଟୁ  | | | |
| ଦାଗଲିଭା ରବର  | | | |






https://withteachers.in/

କେତେକ ବସ୍ତୁ ଯେପରିକି ମୁଦ୍ରା ଓ ଚୁଡ଼ି ଘୂରିଥାଏ ଯେତେବେଳେ ଅନ୍ୟ କେତେକ ବସ୍ତୁ ଯଥା ଲିଭେଇବା ରବର ଠିକ ଭାବରେ ଘୂରେ ନାହିଁ । ମୀରାର ଏକ ପ୍ରଶ୍ନ ଥିଲା ଗୋଟିଏ ନଟୁ କିପରି ଘୂରୁଛି ? ଆସ କିଛି ଘୂର୍ଣ୍ଣାୟମାନ ବସ୍ତୁ ନେବା ଓ ଅନୁସନ୍ଧାନ କରିବା ।



## କାର୍ଯ୍ୟ ୨


କିଛି ଜିନିଷ ସଂଗ୍ରହ କର, ଯଥା କାର୍ଡ଼ବୋଡ଼, ଦାନ୍ତଖୁଣ୍ଟା, କଲମରେ ବ୍ୟବହୃତ ଫମ୍ପା ରିଫିଲ ଏବଂ ଅନ୍ୟ କେତେକ ବସ୍ତୁ । କେତେକ ଘୁର୍ଣ୍ଣାୟମାନ ବସ୍ତୁ ତିଆରି କର, ସେଗୁଡ଼ିକୁ ଘୂରାଅ ଏବଂ ପର୍ଯ୍ୟବେକ୍ଷଣ କରି ନିଜ ଖାତାରେ ଟିପ ।





**ଶିକ୍ଷକଙ୍କୁ ସୂଚନା :**
ଏହା ଆଶା କରିବା ଅନୁଚିତ ଯେ, ଛାତ୍ରଛାତ୍ରୀମାନେ ଏକ ଘୁର୍ଣ୍ଣାୟମାନ ବସ୍ତୁ କିପରି କାର୍ଯ୍ୟ କରେ ଓ ନିଜର ଭାରସାମ୍ୟ ରକ୍ଷା କରେ ବୋଲି ଏହାର କାରଣ ବର୍ଣ୍ଣନା କରି ପାରିବେ, ତାହା କାହିଁକି ହଲିବାକୁ ଲାଗେ ? ଘୁର୍ଣ୍ଣାୟମାନ ବସ୍ତୁ ସହିତ ଖେଳିବା ବେଳେ ମୁଖ୍ୟ ଧାରଣା ହେଉଛି ସେମାନଙ୍କୁ ଚିନ୍ତା କରିବା ଏବଂ ଅନୁସନ୍ଧାନ କରିବା ସହିତ ସମ୍ଭାବ୍ୟ ବ୍ୟାଖ୍ୟା କରିବାକୁ ସୁଯୋଗ ଦେବା ପରପୃଷ୍ଠାରେ ଦିଆଯାଇଥିବା ସାରଣୀରେ ବସ୍ତୁଗୁଡ଼ିକର ତାଲିକା ଏବଂ ବସ୍ତୁଗୁଡ଼ିକର ସଂଗ୍ରହ ଏବଂ ଘୂର୍ଣ୍ଣନ କରାଇବାକୁ ଉତ୍ସାହିତ କରାଇବେ ।



https://withteachers.in/



| ଘୂର୍ଣ୍ଣାୟମାନ ବସ୍ତୁରେ ପରିବର୍ତ୍ତନ | ତୁମେ କ'ଣ ପର୍ଯ୍ୟବେକ୍ଷଣ କଲ ? (ଘୂରୁଛି / ଘୂରୁନାହିଁ) | ଅନ୍ୟ କୌଣସି ପର୍ଯ୍ୟବେକ୍ଷଣ |
|---|---|---|
| ଦନ୍ତଖୁଣ୍ଟା ବସ୍ତୁର କେନ୍ଦ୍ରରେ ରହିଛି  | | |
| ଦାନ୍ତଖୁଣ୍ଟା (tooth pick) କେନ୍ଦ୍ରଠାରୁ ଦୂରରେ ଅଛି  | | |
| ଏକ ବର୍ଗାକାର ଘୂର୍ଣ୍ଣାୟମାନ ବସ୍ତୁ  | | |
| ଏକ ବୃତ୍ତାକାର ଘୂର୍ଣ୍ଣାୟମାନ ବସ୍ତୁ ଯାହାର ପୃଷ୍ଠରେ ଏକ ବୃତ୍ତାକାର ଚିହ୍ନ ରହିଛି ।  | | |
| ଅନ୍ୟାନ୍ୟ | | |





https://withteachers.in/



## ଆସ କଥା ହେବା



୧. କେଉଁ ଘୂର୍ଣ୍ଣାୟମାନ ବସ୍ତୁଗୁଡ଼ିକ ଠିକ୍ ଭାବରେ ଘୂରୁ ନଥିଲେ ? ସମ୍ଭାବ୍ୟ କାରଣଗୁଡ଼ିକ ଆଲୋଚନା କର ।

୨. ତୁମେ ପ୍ରଥମ ଦୁଇଟି ଘୂର୍ଣ୍ଣାୟମାନ ବସ୍ତୁରେ ଛିଦ୍ରଗୁଡ଼ିକର ଅବସ୍ଥାନକୁ ଲକ୍ଷ୍ୟ କରିଛ କି ? ଉଭୟ ଘୂର୍ଣ୍ଣାୟମାନ ବସ୍ତୁରେ ଛିଦ୍ରର ଅବସ୍ଥାନ ପାର୍ଥକ୍ୟ ହେତୁ ଘୂରିବାରେ ମଧ ପାର୍ଥକ୍ୟ ଦେଖାଗଲା କି ?

କାର୍ଯ୍ୟସାରଣୀରେ-୨ରେ ଥିବା ପ୍ରଥମ ଘୂର୍ଣ୍ଣାୟମାନ ବସ୍ତୁର କେନ୍ଦ୍ରରେ ଛିଦ୍ରଟିଏ ଅଛି ଏବଂ ସେହି ଛିଦ୍ରଟି ସବୁ ପାର୍ଶ୍ୱଠାରୁ ସମାନ ଦୂରରେ ଅବସ୍ଥିତ । ତେଣୁ ଘୂର୍ଣ୍ଣାୟମାନ ବସ୍ତୁଟି ସିଧା ଭାବରେ ଘୂରେ ଓ ଦ୍ୱିତୀୟ ଘୂର୍ଣ୍ଣାୟମାନ ବସ୍ତୁଟି ପ୍ରଥମଟି ପରି ଘୂରେ ନାହିଁ ।

### ତୁମେ ଜାଣକି ?

ଏକ ଚରଖା (ଘୂର୍ଣ୍ଣାୟମାନ ଚକ) ବ୍ୟବହାର କରି ତୁଳାରୁ ସୂତା ତିଆରି କରାଯାଏ । ଏଥିରେ ଥିବା ଏକ ବଡ଼ ଚକ୍ରକୁ ହାତରେ ଘୂରାଇ ଏହି କାର୍ଯ୍ୟ କରାଯାଏ । ମହାତ୍ମାଗାନ୍ଧୀ ଚରଖା ସାହାଯ୍ୟରେ ପ୍ରସ୍ତୁତ ସୂତାରହାତବୁଣା ଲୁଗା ତିଆରି କରୁଥିଲେ । (ଏବେ ବି ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ଚରଖା ଓ ତନ୍ତ ସାହାଯ୍ୟରେ ଲୁଗାବୁଣା କାର୍ଯ୍ୟ ଚାଲୁ ରହିଛି)





ତୃତୀୟ ଘୂର୍ଣ୍ଣାୟମାନ ବସ୍ତୁଟି (ଏକ ବର୍ଗାକାର କାର୍ଡ଼) ଘୂରିବା ବେଳେ ବୃତ୍ତାକାର ଦେଖାଯାଏ । ତୁମେ ଅନ୍ୟ କୌଣସି ଆକୃତି ତିଆରି କରିପାରିବ କି ? ବିଭିନ୍ନ ଆକୃତିର କାର୍ଡ଼ ନେଇ ଘୂରାଅ ଏବଂ କ'ଣ ଘଟୁଛି ପର୍ଯ୍ୟବେକ୍ଷଣ କର ।




**ଶିକ୍ଷକଙ୍କୁ ସୂଚନା :**
କିଛି ଘୂର୍ଣ୍ଣାୟମାନ ବସ୍ତୁ କାମ କରି ନପାରନ୍ତି । ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ଯେ, ବିଭିନ୍ନ କାରକ ଯଥା କାର୍ଡ଼ବୋର୍ଡ଼ର ତଳ ଭାଗରେ ଦାନ୍ତଖୁଣ୍ଟାର ଦୈର୍ଘ୍ୟ, କାର୍ଡ଼ବୋର୍ଡ଼ର ସଂରଚନା ଏବଂ ଅନ୍ୟ ସମ୍ଭାବ୍ୟ ପରିବର୍ତ୍ତନ କରନ୍ତୁ । ଏଥିରୁ ସେ ଜାଣିପାରିବେ ଯେ କେଉଁ ଘୂର୍ଣ୍ଣାୟମାନ ପଦାର୍ଥଟି ଭଲ ଭାବରେ ଘୂରିପାରୁଛି ।





https://withteachers.in/



ତୁମେ ତୁମ ଘୂର୍ଣ୍ଣାୟମାନ ବସ୍ତୁରେ ଅନ୍ୟ କ'ଣ ପରିବର୍ତ୍ତନ କରିପାରିବ ? ରଙ୍ଗ କରିପାରିବ କି ? ବିଭିନ୍ନ ପ୍ରକାରରେ ରଙ୍ଗ କରିପାରିବ କି ? ଚିତ୍ରରେ କେତେ ଗୋଟି ଉପାୟ ଦର୍ଶାଯାଇଛି । ଘୂର୍ଣ୍ଣାୟମାନ ବସ୍ତୁଗୁଡ଼ିକୁ ଭିନ୍ନ ଭିନ୍ନ ପ୍ରକାରରେ ରଙ୍ଗ କରାଯାଇଛି, ସେଗୁଡ଼ିକ ଘୁରାଅ ଏବଂ କ'ଣ ହେଉଛି ପର୍ଯ୍ୟବେକ୍ଷଣ କର । ଯେତେବେଳେ ଘୂର୍ଣ୍ଣାୟମାନ ବସ୍ତୁକୁ ବିଭିନ୍ନ ରଙ୍ଗରେ ରଙ୍ଗ କରାଯାଏ ଓ ଘୁରାଯାଏ ସେତେବେଳେ ଏହାର ରଙ୍ଗ କ'ଣ ହୁଏ ? ଆମ ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଘୂର୍ଣ୍ଣାୟମାନ ବସ୍ତୁ ରହିଛି, ଯଥା- ଛାତ ପଙ୍ଖା, କୁମ୍ଭାର ଚକ ଇତ୍ୟାଦି । ଅନ୍ୟ କେଉଁ କେଉଁ ବସ୍ତୁ ଘୂରୁଥିବାର ତୁମେ ଦେଖିଛ ?

### ତୁମେ ଜାଣକି ?

ହଜାର ହଜାର ବର୍ଷ ଧରି ଆମ ଦେଶ ଭାରତ ବର୍ଷରେ ନଟୁର ବ୍ୟବହାର ହୋଇଆସୁଛି । ପୁରାତନ କାଳରେ ମାଟିରେ ତିଆରି ନଟୁର ବ୍ୟବହାର ହେଉଥିଲା । ନଟୁ ନାମଟି ଭାରତବର୍ଷର ଅତି ଜଣାଶୁଣା ଓ ଏହା ସାଧାରଣତଃ କାଠରେ ତିଆରି ହୋଇଥାଏ ।



### ଭାସିବା ଓ ବୁଡ଼ିବା (Floating and Sinking)

ବାହାରେ ବର୍ଷା ଆରମ୍ଭ ହେଲା । ମୀରା ଏବଂ ଧ୍ରୁବ ଘରୁ ବାହାରକୁ ଦୌଡ଼ିଲେ ଓ ପରସ୍ପରକୁ ପାଣି ଫୋପାଡ଼ିଲେ । କିଛି ସମୟ ପରେ ବର୍ଷା ବନ୍ଦ ହୋଇଗଲା ।

**ଧ୍ରୁବ:** ଆସ ଆମେ କାଗଜ ଡଙ୍ଗା ତିଆରି କରିବା । ଏହା ମଜାଦାର ହେବ ।

**ମୀରା:** ମୁଁ କିଛି ପୁରୁଣା ଖବର କାଗଜ ନେଇ ଆସୁଛି ।






https://withteachers.in/


ସେମାନେ କାଗଜ ଡଙ୍ଗା ତିଆରି କଲେ ଏବଂସେଗୁଡ଼ିକ ଜମିଥିବା ବର୍ଷା ପାଣିରେ ରଖିଲେ । ଖେଳୁଥିବା ସମୟରେ ସେମାନେ ଦେଖିଲେ ଯେ, କିଛି କାଗଜ ଡଙ୍ଗା ପାଣି ଉପରେ ଭାସୁଛି ଓ କେତେକ ପାଣିରେ ଓଲଟି ପଡୁଛି ।

ତୁମେ ଏହାକୁ ଘରେ ଚେଷ୍ଟାକରି ତିଆରି କରିପାରିବ । ଏକ କାଗଜ ଡଙ୍ଗା ତିଆରି କର ଏବଂ ଏକ ପାଣିପୂର୍ଣ୍ଣ କୁଣ୍ଡରେ ଭସାଅ । ଲକ୍ଷ୍ୟ କର ଯେ ତୁମେ ତିଆରି କରିଥିବା କାଗଜ ଡଙ୍ଗାଟି ତଳେ ଦିଆଯାଇଥିବା ଚିତ୍ର- ୧ ଭଳି ଠିକ ଭାବରେ ଭାସୁଛି ବା ଚିତ୍ର- ୨ ଭଳି ଓଲଟି ଯାଉଛି ।

ଆସ ଆମେ ମୀରା ଏବଂ ଧ୍ରୁବ ଭଳି ଭାସିବା ଏବଂ ବୁଡ଼ିବା କାର୍ଯ୍ୟକଳାପକୁ ଅନୁସନ୍ଧାନ କରିବା ।




ଚିତ୍ର- ୧



ଚିତ୍ର- ୨

## କାର୍ଯ୍ୟ ୩

ଗୋଟିଏ ପତ୍ର, ଗୋଟିଏ ଲୁହାକଣ୍ଟା ଏକ ଖାଲିପାତ୍ର, ଏକ ଠିପିଥିବା ଏକ ପ୍ଲାଷ୍ଟିକ ବୋତଲ, ପଥର ଖଣ୍ଡ, ଆଲୁମିନିୟମ ପାତ୍ର ଏବଂ ନିଜ ପସନ୍ଦର ଅନ୍ୟାନ୍ୟ ଜିନିଷ ସଂଗ୍ରହ କର । ଗୋଟିଏ ବାଲ୍‌ଟିରେ ପାଣି ପୁରାଅ । ବସ୍ତୁଗୁଡ଼ିକ ପାଣିରେ ପକାଇବା ଆଗରୁ ଭାବ ଯେ, କେଉଁ ବସ୍ତୁଗୁଡ଼ିକ ପାଣିରେ ଭାସିବ କି ବୁଡ଼ିବ । ତୁମେ ଅନ୍ୟ ଜିନିଷ ଗୁଡ଼ିକ ମଧ୍ୟ ବ୍ୟବହାର କରିପାରିବ । ତା'ପରେ ପର୍ଯ୍ୟବେକ୍ଷଣ କର ଯେ, ଏହି ବସ୍ତୁଗୁଡ଼ିକୁ ପାଣିରେ ପକାଇଲେ ଭାସୁଛି କି ବୁଡୁଛି । ବସ୍ତୁଗୁଡ଼ିକର ଭାସିବା ବା ବୁଡ଼ିବା ସମ୍ବନ୍ଧରେ ତୁମର ଅନୁମାନ ଓ ପର୍ଯ୍ୟବେକ୍ଷଣକୁ ପର ପୃଷ୍ଠାରେ ପ୍ରଦତ୍ତ ସାରଣୀରେ ଯଥା ସ୍ଥାନରେ ଉଲ୍ଲେଖ କର ।






https://withteachers.in/

| ଦ୍ରବ୍ୟ | ପକାଇବା ପୂର୍ବରୁ | | ପକାଇବା ପରେ | |
|---|---|---|---|---|
| | ତୁମର ଅନୁମାନ ? (ଭାସିବ / ବୁଡ଼ିବ) | ତୁମେ ଏହା କାହିଁକି ଭାବିଲ ? | କ'ଣ ପର୍ଯ୍ୟବେକ୍ଷଣ କଲ ? (ଭାସିଲା / ବୁଡ଼ିଗଲା) | କାରଣ କ'ଣ ହେବ ? |
| ପତ୍ର | F | ହାଲୁକା | F | ହାଲୁକା |
| ଲୁହାକଣ୍ଟା କିମ୍ବା ପିନ୍ | | | | |
| ଖାଲି ଷ୍ଟିଲ ପାତ୍ର | | | | |
| ପଥର ଖଣ୍ଡ | | | | |
| ଠିପି ଲାଗିଥିବା ଖାଲି ବୋତଲ | | | | |
| ଠିପି ଲାଗିଥିବା ପାଣିପୂର୍ଣ୍ଣ ପ୍ଲାଷ୍ଟିକ ବୋତଲ | | | | |

ଏହି କାର୍ଯ୍ୟକଳାପକରୁ ଆମେ ପର୍ଯ୍ୟବେକ୍ଷଣ କଲୁ ଯେ, ଲୁହାକଣ୍ଟାଭଳି କେତେକ ବସ୍ତୁ ପାଣିରେ ବୁଡ଼ିଯାଏ, କିନ୍ତୁ ପତ୍ର ଭଳି ହାଲୁକା ବସ୍ତୁ ପାଣିରେ ଭାସିଥାଏ ।



## ଆସ କଥା ହେବା

ସବୁ ହାଲୁକା ବସ୍ତୁ ପାଣିରେ ଭାସିଲା କି ଏବଂ ସବୁ ଓଜନିଆ ବସ୍ତୁ ପାଣିରେ ବୁଡ଼ିଗଲା କି ? ପାଣିରେ ଭାସୁଥିବା ଓଜନିଆ ପଦାର୍ଥର ନାମ ଲେଖ ଓ ପାଣିରେ ବୁଡ଼ିଯାଉଥିବା ହାଲୁକା ପଦାର୍ଥର ନାମ ଲେଖ । ପଦାର୍ଥର ଭାସିବା ଏବଂ ବୁଡ଼ିଯିବା ଏହାର ଓଜନିଆ କିମ୍ବା ହାଲୁକା ଗୁଣ ଉପରେ ନିର୍ଭର କରେ ନାହିଁ । ଏହା ମଧ୍ୟ ଅନ୍ୟ କାରକ (factor) ପରେ ନିର୍ଭର କରେ ।





https://withteachers.in/

## କାର୍ଯ୍ୟ ୪

ଆସ ଜାଣିବା ବସ୍ତୁର ଭାସିବା କିମ୍ବା ବୁଡ଼ିଯିବାରେ ଏହାର ଆକୃତି କୌଣସି ଭୂମିକା ଗ୍ରହଣ କରେ କି ନାହିଁ ।

| ଆଲୁମିନିୟମ୍ ପାତ (aluminium foil) ଯେତେବେଳେ | | | | |
|---|---|---|---|---|
| | ପକାଇବା ପୂର୍ବରୁ | | ପକାଇବା ପରେ | |
| | ତୁମର ଅନୁମାନ ? (ଭାସିବ / ବୁଡ଼ିବ) | ତୁମେ ଏହା କାହିଁକି ଭାବୁଛ ? | ତୁମର ପର୍ଯ୍ୟବେକ୍ଷଣ କ'ଣ ? (ଭାସିଲା / ବୁଡ଼ିଗଲା) | ଏହାର କାରଣ କ'ଣ ହୋଇପାରେ ? |
| ବିସ୍ତାରିତ ହୋଇଥାଏ | | | | |
| ଚାପ ପ୍ରୟୋଗ କରି ବଲ୍‌ର ଆକୃତି ଦିଆଯାଏ | | | | |
| କପ୍ ଭଳି ଆକାର ହୋଇଥାଏ | | | | |



ବସ୍ତୁର ଆକୃତି ପରିବର୍ତ୍ତନ ଦ୍ୱାରା ଆମ୍ଭେମାନେ ଏହାକୁ ଭସାଇପାରିବା କିମ୍ବା ବୁଡ଼ାଇପାରିବା । ଯେତେବେଳେ ଆଲୁମିନିୟମ୍ ପାତଟି ବିସ୍ତାରିତ ହେଲା କିମ୍ବା କପ୍ ଆକାରରେ ପରିଣତ ହେଲା ଏହା ଭାସିଲା । ଯେତେବେଳେ ଏହାକୁ ବଲ ଆକୃତି କରାଗଲା ତାହା ବୁଡ଼ିଗଲା ।

**ଶିକ୍ଷକଙ୍କୁ ସୂଚନା :**
ଆଲୁମିନିୟମ ପାତରୁ ବଲ୍ ପ୍ରସ୍ତୁତି କରିବା ପାଇଁ ଶିକ୍ଷକ ପିଲାମାନଙ୍କୁ ପାତଟିକୁ ଜୋରରେ ଚାପିବା ପାଇଁ ସହାୟତା କରିବେ ଯାହା ଫଳରେ ଏହା ଯଥା ସମ୍ଭବ କମ୍ ବାୟୁ ଧାରଣ କରିବ । ଯଦି ବଲକୁ ଯୋରରେ ଚାପ ଦିଆନଯାଏ ଏହା ଭାସିପାରେ । । ଆଲୁମିନିୟମ ପାତ ନ ମିଳେ ଅନ୍ୟ ଯେକୌଣସି ପଦାର୍ଥ ନିଆଯାଇପାରେ ।





https://withteachers.in/


## କାର୍ଯ୍ୟ ୫



୧. ଆସ କିଛି ଡଙ୍ଗା ତିଆରି କରିବା:-

- କିଛି କାଗଜ, କାର୍ଡ଼ବୋଡ଼ ବାକ୍ସ, ଆଇସ୍‌କ୍ରିମ୍ କାଠି, ମାଟି, ଅଠା ଲାଗିଥିବା ଟେପ ଇତ୍ୟାଦି ସଂଗ୍ରହ କର ।
- ୩ରୁ ୪ ଜଣ ଛାତ୍ରଛାତ୍ରୀମାନଙ୍କୁ ନେଇ ଦଳ ଗଠନ କର ।
- ସଂଗ୍ରହ କରିଥିବା ବସ୍ତୁଗୁଡ଼ିକୁ ନେଇ କିପରି ଏକ ଡଙ୍ଗା ତିଆରି କରିବ ଭାବ ।
- ଗୋଟିଏ ଚିତ୍ର ଅଙ୍କନ କର ।
- ସେହି ଅନୁଯାୟୀ ଏକ ଡଙ୍ଗା ତିଆରି କର । ନିଶ୍ଚିତ ହୁଅ ଯେ, ତୁମର ଡଙ୍ଗାଟି ଅନ୍ୟ ଦଳର ଡଙ୍ଗାଠାରୁ ଅଲଗା ହୋଇଥିବ ।
- ତୁମ ଶ୍ରେଣୀରେ ତିଆରି ହୋଇଥିବା ଡଙ୍ଗାଗୁଡ଼ିକର ଏକ ପ୍ରଦର୍ଶନୀ ଆୟୋଜନ କର ।

ନିମ୍ନରେ ବିଭିନ୍ନ ପ୍ରକାରର ଡଙ୍ଗାର ଚିତ୍ର ଦିଆଯାଇଛି ଯାହାକୁ ତିଆରି କରାଯାଇପାରିବ ।



ଆଇସକ୍ରିମ କାଠିରେ ତିଆରି ଡଙ୍ଗା



ନଡ଼ିଆ ସଢ଼େଇରେ ତିଆରି ଡଙ୍ଗା



ଆକ୍ରୋଟ ଫଳ ଖୋଳରେ ତିଆରି ଡଙ୍ଗା





https://withteachers.in/

୨. ତୁମର ଡଙ୍ଗାକୁ ଅନ୍ୟ ଦଳର ଡଙ୍ଗା ସହ ତୁଳନା କର ।

| ତୁମ ଡଙ୍ଗାର ସାମର୍ଥ୍ୟ | ତୁମ ଡଙ୍ଗା ପ୍ରତି ଥିବା ଆହ୍ୱାନ ବା ଅସୁବିଧା |
|---|---|
| | |
| | |

କେତେକ ଡଙ୍ଗା ମଜବୁତ ହୋଇପାରେ ଯାହାକୁ ଭାଙ୍ଗିବା କଷ୍ଟକର । ଆଉ କେତେକ ସହଜରେ ଭାଙ୍ଗିଯାଇପାରେ । କେତେକ ସ୍ଥିର ଭାବରେ ଭାସନ୍ତି । କେତେକ ସ୍ଥିର ଭାବରେ ଭାସନ୍ତି ନାହିଁ ଓ ଆଉ କେତେକ ବୁଡ଼ି ଯାଆନ୍ତି । ତୁମ ଡଙ୍ଗାକୁ କିପରି ଅଧିକ ଉନ୍ନତ କରିପାରିବ, ଚିନ୍ତା କର ।



**ଶିକ୍ଷକଙ୍କ ପାଇଁ ସୂଚନା:-**
ଡଙ୍ଗା ତିଆରି ପାଇଁ ଆବଶ୍ୟକୀୟ ସାମଗ୍ରୀ ଆଣିବେ । ରବର ବ୍ୟାଣ୍ଡ, ସୂତା, ଅଠାଲଗା ଟେପ, ଅଠା, କଇଁଚି ଇତ୍ୟାଦି ସଂଗ୍ରହ କରିବେ । ସବୁଦଳ ଏହି ସାମଗ୍ରୀ ଯେପରି ପାଇବେ ଶିକ୍ଷକ ସେଥିପ୍ରତି ଦୃଷ୍ଟିଦେବେ । ଦଳଗୁଡ଼ିକୁ ନିରୀକ୍ଷଣ କରିବେ । ଶିକ୍ଷାର୍ଥୀମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ଯେପରି ସେମାନେ ଭିନ୍ନ ଭିନ୍ନ ପଦାର୍ଥରେ ନୂଆ ନୂଆ ପ୍ରକାରର ଡଙ୍ଗା ତିଆରି କରିବେ । ଯଦି ସାମଗ୍ରୀ ମିଳୁପାରୁନାହିଁ ଅନ୍ୟ ଉପାୟ ଅବଲମ୍ବନ କରିବା ପାଇଁ ପରାମର୍ଶ ଦେବେ ।



https://withteachers.in/


## ଆସ ଚିନ୍ତା କରିବା-

**୧. କୌଣସି ବିଷୟରେ ଅନୁସନ୍ଧାନ କରିବା**

ରବି ଚକ୍ରିଟିଏ ଘୂରାଇ ସାରି ଦେଖିଲା, ଏହା ଧୀରେ ଧୀରେ ମନ୍ଥର ହୋଇ ଶେଷରେ ସ୍ଥିର ହୋଇଯାଇଛି । ଏ ବିଷୟରେ ସେ କୌତୂହଳୀ ହୋଇ ଶିକ୍ଷକଙ୍କୁ ପ୍ରଶ୍ନ ପଚାରିବାକୁ ଇଚ୍ଛା କଲା । ସେ ପଚାରିବା ଭଳି ଦୁଇଟି ସମ୍ଭାବ୍ୟ ପ୍ରଶ୍ନ ଲେଖ ।

**୨. ସମାଧାନ କର:-**

(କ) ଏଠାରେ ଦିଆଯାଇଥିବା ଚିତ୍ରଟି 'କ' ପାଖକୁ ବଙ୍କେଇ ଯାଇଛି । ଏହାର ଭାରସାମ୍ୟ ଆଣିବାପାଇଁ କ'ଣ କରିପାରିବା ?




(ଖ) ତୁମେ କିପରି ଏକ ଭାସମାନ ବସ୍ତୁକୁ ବୁଡ଼ାଇ ପାରିବ ଓ ବୁଡ଼ିଯାଇଥିବା ବସ୍ତୁକୁ ଭସାଇପାରିବ ?



https://withteachers.in/

**୩. ଏକ କାର୍ଯ୍ୟ କର:**

ନିମ୍ନରେ ଦିଆଯାଇଥିବା ବସ୍ତୁଗୁଡ଼ିକ ପାଣିରେ ବୁଡ଼ିଯାଆନ୍ତି କିମ୍ବା ଭାସନ୍ତି ଚିହ୍ନଟ କରି ସାରଣୀଟି ପୂରଣ କର-

| | | | | |
|---|---|---|---|---|
| ମହମ | ମାର୍ବଲ | ଥର୍ମୋକୋଲ | ମହମବତୀ | ମୁଦ୍ରା |
| ସୋଲଠିପି | ପତ୍ର | ଲିଭାଇବା ରବର | ଚାମଚ | ବରଫଖଣ୍ଡ |
| ଆଳୁ | ଟମାଟର | କଖାରୁ | ଲେମ୍ବୁ | |

| **ଭାସମାନ ବସ୍ତୁ** | **ବୁଡ଼ିଯାଉଥିବା ବସ୍ତୁ** |
|---|---|
| | |
| | |
| | |
| | |
| | |
| | |



https://withteachers.in/

## ଅଷ୍ଟମ ପାଠ

# ଜିନିଷଗୁଡ଼ିକର ଗଠନ ପ୍ରଣାଳୀ



ଆମେ ତୃତୀୟ ଶ୍ରେଣୀରେ ଶିଖିଥିଲେ ଯେ, ଆମ ଚାରିପାଖରେ ଥିବା ବିଭିନ୍ନ ଜିନିଷଗୁଡ଼ିକ ଭିନ୍ନ ଭିନ୍ନ ପଦାର୍ଥ ବା ଉପାଦାନକୁ ନେଇ ଗଠିତ । ତୁମେ ଜାଣିବାକୁ ଆଗ୍ରହୀ କି, ଏହି ଜିନିଷ ଗୁଡ଼ିକ କିପରି ତିଆରି ହୁଏ ? ଏକ ଉଦାହରଣଭାବେ ଆସ ପିହୁ ସହିତ ଜାଣିବା, କାଗଜ କିପରି ତିଆରି ହୁଏ ।

ସେ ଦିନ ରବିବାର ଥିଲା । ପିହୁ ତା'ର ଚିତ୍ରାଙ୍କନ ପୁସ୍ତକରେ ରଂଗ କରିବାରେ ମଜ୍ଜିଯାଇଥିଲା । ତା'ର ମାଆ ଏକ ଖବର କାଗଜ ପଢୁଥିଲେ । ପିହୁ ଯେତେବେଳେ ମା'ଙ୍କ ଆଡ଼କୁ ଚାହିଁଲା, ସେ ଖବର କାଗଜର ପ୍ରଥମ ପୃଷ୍ଠାରେ ଗଛର ଏକ ଚିତ୍ର ଦେଖିଲା ।










https://withteachers.in/





**କାର୍ଯ୍ୟ ୧**

**ପୁନଃଚକ୍ରିତ କାଗଜ ତିଆରି କରିବା:**



୧. ଆବଶ୍ୟକ ସାମଗ୍ରୀ ସଂଗ୍ରହ କର:- ପୁରୁଣା ଖବର କାଗଜ, କିଛି ମେଥି ଦାନା ଏବଂ ପାଣି ।




୨. କାଗଜର ମଣ୍ଡ (Pulp) ପ୍ରସ୍ତୁତି- ଖବର କାଗଜ ଗୁଡ଼ିକୁ ଛୋଟ ଛୋଟ ଖଣ୍ଡ କରି ଚିରି ପାଣିରେ ବୁଡାଅ । ପାଣିରେ ଅଳ୍ପ କିଛି ମେଥି ଦାନା ପକାଅ ଏବଂ ରାତି ସାରା ଛାଡ଼ି ଦିଅ । ମେଥିଦାନା ଗୁଡ଼ିକ ବାନ୍ଧିରଖିବା ସାମଗ୍ରୀ ରୂପେ ବ୍ୟବହାର କରାଯାଏ ।



୩. ଓଦାଳିଆ ମିଶ୍ରଣ ପ୍ରସ୍ତୁତ କରିବା ପାଇଁ ଏକ ଗ୍ରାଇଣ୍ଡର ସାହାଯ୍ୟରେ ଭିଜା କାଗଜ ଓ ମେଥିଦାନାକୁ ମିଶାଇ ବାଟି ଦିଅ । ଭିଜା କାଗଜକୁ ହାତ କିମ୍ବା ଯେକୌଣସି ସହଜରେ ମିଳୁଥିବା ଉପକରଣ ସାହାଯ୍ୟରେ ମଧ୍ୟ ଚକଟା ଯାଇପାରିବ ।



୪. ଢାଳିଦେବା: ଏକ ସମତଳ ଚଟାଣ ଉପରେ ମିଶ୍ରଣକୁ ଘାଣ୍ଟି ଦିଅ ଏବଂ ଏହାକୁ ଏକ ପତଳା ଚାଦର (sheet) ଭଳି ପ୍ରସ୍ତୁତ କର ।




୫. ଏହି କାଗଜ ସିଟ୍ ଗୁଡ଼ିକୁ ଖରାରେ ଶୁଖାଇ ଦିଅ । ବର୍ତ୍ତମାନ ପୁନଃ ଚକ୍ରିତ କାଗଜ ପ୍ରସ୍ତୁତ ହୋଇଗଲା ।





https://withteachers.in/

## କାର୍ଯ୍ୟ ୨



ତୁମେ ତିଆରି କରିଥିବା କାଗଜକୁ ବିଭିନ୍ନ ଆକୃତି ଓ ଆକାରରେ କାଟି ରଙ୍ଗ କର ।

### ପ୍ରାକୃତିକ ରଙ୍ଗ ପରୀକ୍ଷଣ

ପୁନଃଚକ୍ରଣ ହୋଇଥିବା କାଗଜକୁ ସମାନ ଆକାରର କେତେଗୁଡ଼ିଏ ଖଣ୍ଡରେ କାଟ । ତଳେ ଥିବା ସାରଣୀରେ ଲେଖାଥିବା ପ୍ରାକୃତିକ ଉପାଦାନ ବ୍ୟବହାର କରି ଛୋଟ କାଗଜ ଖଣ୍ଡ ଗୁଡ଼ିକୁ ରଙ୍ଗ କର । ତୁମେ ଅନ୍ୟ ଯେକୌଣସି ପ୍ରାକୃତିକ ଉପାଦାନ ମଧ୍ୟ ବ୍ୟବହାର କରିପାରିବ । ପ୍ରତ୍ୟେକ କାଗଜକୁ ରଙ୍ଗ କରିବାପାଇଁ ବ୍ୟବହୃତ ସାମଗ୍ରୀର ପରିମାଣ ସମାନ ହେବା ଦରକାର । ନିମ୍ନରେ ଥିବା ସାରଣୀରେ ତୁମର ପର୍ଯ୍ୟବେକ୍ଷଣ ଲେଖ ।

| ପ୍ରାକୃତିକ ବ୍ୟବହୃତ ଉପାଦାନ | ତୁମ କାଗଜର ଏକ ନମୁନା ଏଠାରେ ଲଗାଅ | ରଙ୍ଗ ଏବଂ ଉଜ୍ଜ୍ୱଳତା (ଫିକା/ଉଜ୍ଜ୍ୱଳ) |
|---|---|---|
| ହଳଦୀ | | ହଳଦିଆ, ଫିକା |
| ପାଳଙ୍ଗ | | |
| ବିଟ୍ | | |
| ହେନା | | |





https://withteachers.in/

କାଗଜଗୁଡ଼ିକ ବିଭିନ୍ନ ପ୍ରାକୃତିକ ଏବଂ କୃତ୍ରିମ ରଙ୍ଗ ଦ୍ୱାରା ରଙ୍ଗ କରାଯାଇପାରିବ । ପ୍ରାକୃତିକ ରଂଗଗୁଡ଼ିକ ପତ୍ର, ଫୁଲ, ମୂଳ, ମଞ୍ଜି, କାଣ୍ଡ ଇତ୍ୟାଦି ଉଦ୍ଭିଦର ବିଭିନ୍ନ ଅଂଶରୁ ତିଆରି କରାଯାଏ । ତେଣୁ ଉତ୍ପାଦିତ ପ୍ରାକୃତିକ ରଂଗ ଗୁଡ଼ିକ ବ୍ୟବହାର କରିବା ନିରାପଦ । ଏଗୁଡ଼ିକ ବିଭିନ୍ନ ସାମଗ୍ରୀ ଯଥା କପଡ଼ା ଏବଂ ପାତ୍ରକୁ ରଂଗ କରିବାପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ ।

### ଏକ ବିଶେଷ ଉପହାର:-



ପିହୁ ତାଙ୍କ ମାଆଙ୍କୁ ଏକ ସୁନ୍ଦର ଶୁଭେଚ୍ଛା କାର୍ଡ଼ ଉପହାର ଦେଇଥିଲେ ।

**ପିହୁ:-** ମାଆ, ମୋତେ ପୁନଃଚକ୍ରିତ କାଗଜରୁ ଉପହାର କାର୍ଡ଼ ତିଆରି କରିବା ଶିଖାଇଥିବାରୁ ତୁମକୁ ଧନ୍ୟବାଦ ।

**ମା–** ଓଃ ପିହୁ, ଏହା ଅତି ସୁନ୍ଦର ! ଏହା ମୋ ପାଇଁ ଏକ ବିଶେଷ ଉପହାର ।

### କାର୍ଯ୍ୟ ୩

ପୁନଃଚକ୍ରିତ କାଗଜରେ ତୁମେ ଏକ ଶୁଭେଚ୍ଛା କାର୍ଡ଼, ଏକ କାଗଜ ମୁଖା କିମ୍ବା ଏଭଳି ଯେକୌଣସି ବସ୍ତୁ ତିଆରି କର ।

**ଶିକ୍ଷକଙ୍କ ପାଇଁ ସୂଚନା:-**
ଛାତ୍ରଛାତ୍ରୀମାନଙ୍କୁ ସମାନ ଆକାରର କାଗଜ ଖଣ୍ଡ ସହ ସମାନ ପରିମାଣର ପ୍ରାକୃତିକ ଉପାଦାନ ବ୍ୟବହାର କରିବାକୁ ମାର୍ଗଦର୍ଶନ କରିବେ । ଏହା ସହିତ ପ୍ରାକୃତିକ ଉପାଦାନ ବ୍ୟବହାର କରି ରଂଗ ତିଆରି କରିବାକୁ, କାଗଜର ବିଭିନ୍ନ ବ୍ୟବହାର ବିଷୟରେ ସୃଜନଶୀଳ ଭାବରେ ଚିନ୍ତା କରିବାକୁ ସେମାନଙ୍କୁ ଉତ୍ସାହିତ କରିବେ ।



https://withteachers.in/

ଏବେ ତୁମେ ଜାଣିଲ ଯେ ପୁନଃଚକ୍ରିତ କାଗଜ କିପରି ତିଆରି ହୁଏ । ଆମେ ବହିରେ ଦେଖୁଥିବା କାଗଜ ପୁନଃଚକ୍ରିତ କାଗଜଠାରୁ ଭିନ୍ନ ଦେଖାଯାଏ କାରଣ ଏହା କାଠମଣ୍ଡରୁ ତିଆରି ହୋଇଥାଏ । ଏଥିପାଇଁ ବହୁ ସଂଖ୍ୟାରେ ଗଛ କଟାଯାଏ ।

ପୁନଃଚକ୍ରିତ କାଗଜ ଏବଂ ବହିରେ ବ୍ୟବହୃତ କାଗଜର ପ୍ରସ୍ତୁତ ପ୍ରଣାଳୀ ସମାନ । କାଗଜ ତିଆରି କରିବା ପାଇଁ ବହୁତ ଗଛ, ପ୍ରଚୁର ପାଣି ଏବଂ ଶକ୍ତିର ଆବଶ୍ୟକ ହୋଇଥାଏ । କାଗଜ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଦାୟିତ୍ୱର ସହ ବ୍ୟବହାର କରିବା ଉଚିତ । (କେବଳ ଆବଶ୍ୟକସ୍ଥଳେ ବ୍ୟବହାର କରିବା)




**ତୁମେ ଜାଣକି ?**

ପୂର୍ବ କାଳରେ ଲୋକମାନେ କାଗଜ ବଦଳରେ ବିଭିନ୍ନ ସାମଗ୍ରୀ ବ୍ୟବହାର କରୁଥିଲେ । ସେମାନେ ଲେଖିବାପାଇଁ କପଡ଼ା, ପତ୍ର ଏବଂ କାଠବୋର୍ଡ଼ ବ୍ୟବହାର କରୁଥିଲେ । ଭାରତରେ ଲୋକମାନେ ମଧ୍ୟ ତାଳପତ୍ର ବ୍ୟବହାର କରୁଥିଲେ ।

କଦଳୀତନ୍ତୁ ଭଳି ପରିବେଶ-ଅନୁକୂଳ ସାମଗ୍ରୀ କାଗଜ ତିଆରି ପାଇଁ ବ୍ୟବହାର କରାଯାଇପାରିବ । ଏହି ବିକଳ୍ପ ପଦ୍ଧତିଗୁଡ଼ିକ ଯୋଗୁଁ ଗଛ କାଟିବା କମିଯାଏ ଏବଂ ଆମ ପରିବେଶ ସୁରକ୍ଷିତ ରହିଥାଏ ।

## ଆସ କଥା ହେବା

୧. ତୁମେ ଭାବୁଛ କି ଆମେ କାଗଜ ନଷ୍ଟ କରୁଛୁ ?

୨. ଆମେ କାଗଜର ଅପଚୟ କିପରି ହ୍ରାସ କରିପାରିବା ?

**ଶିକ୍ଷକଙ୍କ ପାଇଁ ସୂଚନା:**
ଯଦି ନିକଟରେ କାଗଜ କଳ ଥାଏ ତେବେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଶିକ୍ଷାର୍ଥୀମାନଙ୍କୁ ସେଠାକୁ କ୍ଷେତ୍ର ପରିଦର୍ଶନ ପାଇଁ ନେଇପାରିବେ ।





https://withteachers.in/

## କାର୍ଯ୍ୟ ୪

### ବିଭିନ୍ନ ପ୍ରକାରର କାଗଜ ଏବଂ ତାର ବ୍ୟବହାର

ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାରର କାଗଜ, ଯେପରିକି ଲେଖା ପାଇଁ କାଗଜ, ଖବରକାଗଜ, ଚିତ୍ରାଙ୍କନ ପାଇଁ କାଗଜ, କାର୍ଡ଼ବୋର୍ଡ଼ ଏବଂ ଟିସୁ କାଗଜକୁ ପର୍ଯ୍ୟବେକ୍ଷଣ କରିବା । ତଳେ ଦିଆଯାଇଥିବା ସ୍ଥାନରେ ବିଭିନ୍ନ ପ୍ରକାରର କାଗଜର ଛୋଟ ଛୋଟ ଖଣ୍ଡକୁ ଅଠାଦ୍ୱାରା ଲଗାଅ ଏବଂ ସେଗୁଡ଼ିକର ବ୍ୟବହାର ଲେଖ ।

| କାଗଜର ପ୍ରକାର | ବ୍ୟବହାର |
|---|---|
| ଏଠାରେ ଲଗାଅ | |
| ଏଠାରେ ଲଗାଅ | |
| ଏଠାରେ ଲଗାଅ | |
| ଏଠାରେ ଲଗାଅ | |
| ଏଠାରେ ଲଗାଅ | |





https://withteachers.in/

ଆମେ ବିଭିନ୍ନ କାମ ପାଇଁ ବିଭିନ୍ନ ପ୍ରକାରର କାଗଜ ବ୍ୟବହାର କରିଥାଉ । ଉଦାହରଣ ସ୍ୱରୂପ, ଟିସୁ କାଗଜ ସଫା କରିବାପାଇଁ ବ୍ୟବହାର କରାଯାଏ କାରଣ ଏହା ଅତ୍ୟନ୍ତ ପତଳା, ନରମ ଏବଂ ପାଣି ଶୋଷଣ କରିପାରେ । କାର୍ଡ଼ବୋର୍ଡ଼ ମୋଟା ଏବଂ କଠିନ, ତେଣୁ ଏହାକୁ ବିଭିନ୍ନ ବସ୍ତୁ ପ୍ୟାକିଂ ନିମନ୍ତେ ବାକ୍ସ ତିଆରି ପାଇଁ ବ୍ୟବହାର କରାଯାଏ ।

**ତୁମେ ଜାଣକି ?**

ବ୍ରେଲ୍ ପଦ୍ଧତି (Braille system) ଦୃଷ୍ଟିହୀନ ଲୋକଙ୍କୁ ବ୍ରେଲି କାଗଜ ପୃଷ୍ଠରେ ଉତ୍‌ଧିତ (ଅଳ୍ପ ଉଠିଥିବା) ଛୋଟ ଛୋଟ ଆକୃତିର ବିଭିନ୍ନ ନମୁନାକୁ ହାତରେ ଅନୁଭବ କରି ପଢ଼ିବା ଏବଂ ଲେଖିବାରେ ସାହାଯ୍ୟ କରିଥାଏ । ଏହି ପ୍ରକାର ନମୁନା ବିଭିନ୍ନ ସଂଖ୍ୟା, ଅକ୍ଷର ଏବଂ ବିରାମ ଚିହ୍ନକୁ ସୂଚାଇଥାଏ ।



## ଦାୟିତ୍ୱସମ୍ପନ୍ନ ଚୟନ

ଦୈନନ୍ଦିନ ଜୀବନରେ ଆମେ ପଞ୍ଚସୂତ୍ରୀ ନିୟମ ବ୍ୟବହାର କରି ଆବର୍ଜନା କମ୍ କରିବାର ଯୋଜନା କରିପାରିବା । ଏହାକୁ ଆବର୍ଜନା ପରିଚାଳନାର ପଞ୍ଚସୂତ୍ର (5R) କୁହାଯାଏ ।

**5R ହେଉଛି:-**

**ମନା କରିବା (Refuse):** ଯେଉଁ ପଦାର୍ଥ ଆବର୍ଜନା ସୃଷ୍ଟି କରୁଛି ତାକୁ ବ୍ୟବହାର କରିବା ନାହିଁ ।

ଉଦାହରଣସ୍ୱରୂପ  ଥରକ ପାଇଁ ବ୍ୟବହାରଯୋଗ୍ୟ କାଗଜ କପ୍‌ର ବ୍ୟବହାରକୁ ମନା କରିବା ଅର୍ଥାତ୍ ବ୍ୟବହାର କରିବା ନାହିଁ ?

**କମ୍ କରିବା (Reduce):** ଆମେ ଯତ୍ନର ସହ ବିଭିନ୍ନ ଜିନିଷ ବ୍ୟବହାର କରିବା ଯେମିତି ଆମଦ୍ୱାରା କମ୍ ଆବର୍ଜନା ସୃଷ୍ଟି ହେବ । ଉଦାହରଣ- କାଗଜର ଉଭୟ ପାର୍ଶ୍ୱ ନୋଟ୍ ଲେଖିବାପାଇଁ ବ୍ୟବହାର କରିବା ଦ୍ୱାରା କମ୍ କାଗଜ ଖର୍ଚ୍ଚ ହେବ ।

**ପୁନଃ ବ୍ୟବହାର (Reuse):** ଯେକୌଣସି ଜିନିଷକୁ ବହୁବାର ବ୍ୟବହାର କଲେ ଆବର୍ଜନା କମ୍ ହେବ । ଉଦାହରଣ- ଉପହାର ପାଇଁ ବ୍ୟବହୃତ ବ୍ୟାଗକୁ ଥରେ ବ୍ୟବହାର କରି ଫିଙ୍ଗି ନଦେଇ

**ଶିକ୍ଷକଙ୍କୁ ସୂଚନା :**
ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ବ୍ୟବହୃତ କାଗଜ କିମ୍ବା ଛୋଟ କାଗଜ ଖଣ୍ଡ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟବହାର କରିବାକୁ ମାର୍ଗଦର୍ଶନ କରିବେ ।



https://withteachers.in/

**ନୂତନ ଉଦ୍ଦେଶ୍ୟରେ ବ୍ୟବହାର (Repurpose):** କୌଣସି ଜିନିଷକୁ ଆମେ ନୂଆ ଏବଂ ଅଭିନବ ଉପାୟରେ ବ୍ୟବହାର କରିପାରିବା । ଉଦାହରଣ- ଯେପରି ପୁରୁଣା ଖବରକାଗଜ ବ୍ୟବହାର କରି ଆମେ ଖେଳଣା ଓ ଘର ସଜେଇବା ଜିନିଷ ପ୍ରସ୍ତୁତ କରିପାରିବା ।

**ପୁନଃଚକ୍ରଣ (Recycle) :** ଏହି ପଦ୍ଧତିରେ ବ୍ୟବହାର କରାଯାଇଥିବା ଗୋଟିଏ ଜିନିଷରୁ ଅନ୍ୟ ଏକ ନୂତନ ଜିନିଷ ତିଆରି କରାଯାଏ । ଉଦାହରଣ- ପୁରୁଣା ଖବରକାଗଜକୁ ପୁନଃଚକ୍ରଣ ପଦ୍ଧତିରେ ହସ୍ତନିର୍ମିତ କାଗଜ ତିଆରି କରିବା ।



ଆସ 5R ବିଷୟରେ ଅଧିକ ଅନୁସନ୍ଧାନ କରିବା ।

## କାର୍ଯ୍ୟ ୫

ତୁମର ସହପାଠୀଙ୍କ ସହିତ ନିମ୍ନଲିଖିତ ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କର ଏବଂ ଏହା 5Rର କେଉଁ Rକୁ ସୂଚାଉଅଛି ଲେଖ ।

| ଉଦାହରଣ | ଆବର୍ଜନାର 5R ପରିଚାଳନା |
|---|---|
| ଏକ ପରିବାର ପ୍ଲାଷ୍ଟିକ ବ୍ୟାଗ୍ ବଦଳରେ କପଡ଼ା ବ୍ୟାଗ୍ ବ୍ୟବହାର କରନ୍ତି । | ପୁନଃ ବ୍ୟବହାର |
| ମାୟା ନଡ଼ିଆ ପାଣି ପିଇବା ପାଇଁ ପ୍ଲାଷ୍ଟିକ ନଳୀ ବ୍ୟବହାର କରେ ନାହିଁ । | |
| କାଗଜ ଅପଚୟକୁ ରୋକିବାପାଇଁ ରୋହନ ତା' ନୋଟ୍ ବହିର ଖାଲିସ୍ଥାନ ବ୍ୟବହାର କରେ । | |
| ସାରା ତା'ର ପୁରୁଣା ବହି ଗୁଡ଼ିକ ତା'ଠାରୁ ସାନ ଶିକ୍ଷାର୍ଥୀମାନଙ୍କ ବ୍ୟବହାର ପାଇଁ ଦେଇଥାଏ । | |
| କବୀର ଫୁଲଦାନୀ ପାଇଁ ଏକ ପୁରୁଣା ବୋତଲ ବ୍ୟବହାର କରେ । | |
| ପ୍ରିୟା ପୁରୁଣା ପୋଷାକ କାଟି ଏକ କଉତୁକିଆ ବ୍ୟାଗ କରି ସେଥିରେ ତା'ର ବହି ନେଇଥାଏ । | |
| ଜଣେ ଦୋକାନୀ ପୁରୁଣା ଖବରକାଗଜ କାଟି ଲଫାପା ତିଆରି କରେ । | |





https://withteachers.in/

ଜୀବନରେ ଏହି ଛୋଟ ଛୋଟ ପରିବର୍ତ୍ତନ ଦ୍ୱାରା ଆମେ ପରିବେଶକୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଆମର ସମ୍ବଳକୁ ସଞ୍ଚୟ କରିପାରିବା ଏବଂ ଆବର୍ଜନା ଦ୍ୱାରା ହେଉଥିବା ପ୍ରଦୂଷଣକୁ କମାଇ ପାରିବା ।



**ଆସ କାଗଜକୁ ନେଇ ଅଧିକ ସୃଜନଶୀଳ ହେବା :**

ବ୍ୟବହୃତ କାଗଜକୁ ନେଇ ଆମେ ବହୁ ନୂଆ ଜିନିଷ ତିଆରି କରିପାରିବା । ଏଠାରେ ପୁରୁଣା ସମ୍ବାଦପତ୍ର ବ୍ୟବହାର କରି ଖେଳଣା, ସାଜ ସଜ୍ଜା, ଗୃହଉପକରଣ ତିଆରି କରିବାର କୌଶଳ ଜାଣିବା ।






https://withteachers.in/



## ଆସ ଚିନ୍ତା କରିବା:

୧. କାଗଜ ମଣ୍ଡ ବ୍ୟବହାର କରି ତୁମେ କ'ଣ କିଛି ବସ୍ତୁ ତିଆରି କରିପାରିବ ? ଅଧିକ ଧାରଣା ପାଇଁ ତୁମର ଶିକ୍ଷକ ଏବଂ ବୟସ୍କ ଲୋକମାନଙ୍କୁ ପଚାରି ପାରିବ।

୨. ତଳେ ଦିଆଯାଇଥିବା ବାକ୍ସରେ ପ୍ରତ୍ୟେକ 5R ପାଇଁ ତୁମେ ନେଇପାରୁଥିବା ଗୋଟିଏ ଗୋଟିଏ ପଦକ୍ଷେପ ଲେଖ ।




୩. କାଗଜ ଅପଚୟକୁ ଏଡ଼ାଇବା ପାଇଁ 5R କୁ ବ୍ୟବହାର କରି ତୁମେ ତୁମର ଦୈନନ୍ଦିନ ଜୀବନରେ କେଉଁ ପରିବର୍ତ୍ତନ ଆଣିପାରିବ ସେ ବିଷୟରେ ଆଲୋଚନା କର । ଏହି ପରିବର୍ତ୍ତନ ଗୁଡ଼ିକ ପାଇଁ ନୂତନ ଧାରଣା ସହିତ ସାରଣୀ ପୂର୍ଣ୍ଣ କର ।

| | |
|---|---|
| ମନା କରିବା | |
| କମ୍ କରିବା | |
| ପୁନଃବ୍ୟବହାର କରିବା | |
| ନୂତନ ଉଦ୍ଦେଶ୍ୟରେ ବ୍ୟବହାର | |
| ପୁନଃଚକ୍ରଣ | |





https://withteachers.in/



ପଞ୍ଚମ ଏକକ

# ଆମ ପରିବେଶ


## ଏକକ ସମ୍ପର୍କରେ

ଏହି ଏକକଟି ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଭୂମିରୂପ, ଜୀବନ ଏବଂ ସେମାନଙ୍କ ଚାରିପାଖରେ ଥିବା ବିଭିନ୍ନ କାର୍ଯ୍ୟକଳାପ ସହିତ ପରିଚିତ କରାଏ । ଏହା ସୂର୍ଯ୍ୟ, ଚନ୍ଦ୍ର ଏବଂ ତାରା ସମେତ ଆକାଶର ମଧ୍ୟ ପରିଚୟ କରାଏ ।

ଆମେ ଚାଲୁଥିବା ଭୂମିଠାରୁ ବିଶାଳ ଆକାଶ ପର୍ଯ୍ୟନ୍ତ ଆମ ଚାରିପାଖରେ ଥିବା ସମଗ୍ର ବିଶ୍ୱ ସମ୍ପୂର୍ଣ୍ଣ ବିସ୍ମୟକର ।

"ଆମ ପରିବେଶ" ଶିକ୍ଷାର୍ଥୀମାନଙ୍କୁ ପ୍ରକୃତି ଏବଂ ଦୈନନ୍ଦିନ ଜୀବନ ମଧ୍ୟରେ ସୁସମ୍ପର୍କକୁ ଅନୁସନ୍ଧାନ କରିବାକୁ ଆମନ୍ତ୍ରଣ କରେ । ଏହା ଅଧ୍ୟୟନ କରି ବିଭିନ୍ନ ଭୂମିରୂପ ଯେପରି, ସମତଳ ଭୂମି, ମରୁଭୂମି ଉପକୂଳବର୍ତ୍ତୀ ଅଞ୍ଚଳ, ପାର୍ବତ୍ୟ ଅଞ୍ଚଳମାନଙ୍କର ଆକୃତି, ଖାଦ୍ୟ, ପୋଷାକ ଏବଂ ଉତ୍ସବଗୁଡ଼ିକ ବିଷୟରେ ଶିକ୍ଷାର୍ଥୀମାନେ ଅଭିଜ୍ଞତା ଅର୍ଜନ କରିବେ। ଶିକ୍ଷାର୍ଥୀମାନେ ଏହି ଅଞ୍ଚଳଗୁଡ଼ିକରେ ଥିବା ଅନନ୍ୟ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କୁ ଅନୁସନ୍ଧାନ କରିବା ସହିତ ପ୍ରକୃତି ଏବଂ ସଂସ୍କୃତି କିପରି ପରସ୍ପର ସହ ଜଡ଼ିତ ସେହି ବିଷୟରେ ଭଲଭାବରେ ବୁଝିପାରିବେ ।

ସେମାନେ ଆକାଶରେ ଥିବା ସୂର୍ଯ୍ୟ, ଚନ୍ଦ୍ର ଏବଂ ତାରା ସମ୍ପର୍କିତ ସାଂସ୍କୃତିକ ଅଭ୍ୟାସଗୁଡ଼ିକୁ ଜାଣିବେ । ପର୍ଯ୍ୟବେକ୍ଷଣ, ସ୍ୱହସ୍ତକୃତ କାର୍ଯ୍ୟକଳାପ (hands-on activity) ଏବଂ ସୃଜନଶୀଳ ଅଭିବ୍ୟକ୍ତି ମାଧ୍ୟମରେ ଶିକ୍ଷାର୍ଥୀମାନେ ସେମାନଙ୍କର ସୃଜନଶୀଳ ଓ ବିଶ୍ଳେଷଣାତ୍ମକ ଦକ୍ଷତାକୁ ସମୃଦ୍ଧ କରିପାରିବେ । ପ୍ରାକୃତିକ ଜଗତ ଏବଂ ନିଜେ ରହୁଥିବା ସମାଜ ଉଭୟ ପ୍ରତି ସେମାନେ କୃତଜ୍ଞତା ପ୍ରକାଶ କରିବେ ।



https://withteachers.in/

## ଶିକ୍ଷକଙ୍କ ପାଇଁ ସୂଚନା

ଏହି ଏକକଟି ଦୁଇଟି ପାଠ (ନବମ ପାଠ 'ଭିନ୍ନ ଭୂମି, ଭିନ୍ନ ଜୀବନ' ଏବଂ ଦଶମ ପାଠ 'ଆମ ଆକାଶ')କୁ ନେଇ ଗଠିତ । ଏହି ପାଠଗୁଡ଼ିକରେ ସ୍ଥାନିତ ହୋଇଥିବା ମୁଖ୍ୟ ଧାରଣାଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି ।

### ନବମ ପାଠ

- 'ଭିନ୍ନ ଭୂମି, ଭିନ୍ନ ଜୀବନ' ପାଠଟି ସମତଳ ଭୂମି, ମରୁଭୂମି, ଉପକୂଳ ଅଞ୍ଚଳ ଏବଂ ପର୍ବତମାଳାର ବିଶେଷ ଅଭିଜ୍ଞତା ଆଣି ବିବିଧ ଭୂମିରୂପର ସୌନ୍ଦର୍ଯ୍ୟ ଆବିଷ୍କାର କରିବାରେ ସାହାଯ୍ୟ କରିବ । ଭୂମିରୂପ କିପରି ବିଭିନ୍ନ ଅଞ୍ଚଳର ଲୋକମାନଙ୍କର ଜୀବନଶୈଳୀ ସହିତ ସେମାନଙ୍କର ଖାଦ୍ୟ, ପୋଷାକ, ଘର ଏବଂ ପର୍ବପର୍ବାଣୀକୁ ପ୍ରଭାବିତ କରେ ଏହା ଶିକ୍ଷାର୍ଥୀମାନେ ଜାଣିବେ । ସେମାନେ ଏହି ଅଞ୍ଚଳର ଅନ୍ୟାନ୍ୟ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କୁ ଅନୁସନ୍ଧାନ କରି ସ୍ଥାନୀୟ ପରିବେଶ ସହିତ ସଂଯୋଗ ସ୍ଥାପନ କରିପାରିବେ ଏବଂ ପ୍ରକୃତି ସହିତ ସାମାଜିକ-ସାଂସ୍କୃତିକ ସମ୍ପର୍କ ବିଷୟରେ ସେମାନଙ୍କର ଧାରଣା ହେବ ।


### ଦଶମ ପାଠ

- "ଆମ ଆକାଶ" ପାଠଟି ଆକାଶର ଆଶ୍ଚର୍ଯ୍ୟ ଏବଂ ସୂର୍ଯ୍ୟ, ଚନ୍ଦ୍ର ଏବଂ ତାରା ଭଳି ମହାଜାଗତିକ ବସ୍ତୁ ବିଷୟରେ କୌତୂହଳ ସୃଷ୍ଟି କରେ । ପର୍ଯ୍ୟବେକ୍ଷଣ ଏବଂ କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷାର୍ଥୀମାନେ ଏହାର ଅନୁସନ୍ଧାନ କରିପାରିବେ ଏବଂ ତତ୍ ସମ୍ବନ୍ଧିତ ସାଂସ୍କୃତିକ ଅଭ୍ୟାସ ଏବଂ ପର୍ବଗୁଡ଼ିକୁ ପ୍ରଶଂସା କରିପାରିବେ । ସେମାନେ ଦିନର ବିଭିନ୍ନ ସମୟରେ ଗଠିତ ଛାୟାକୁ ମଧ୍ୟ ପର୍ଯ୍ୟବେକ୍ଷଣ କରିବେ ଏବଂ ସେମାନଙ୍କର ପରିବର୍ତ୍ତିତ ଲମ୍ବର କାରଣ ଖୋଜିବେ ।




### ଶିକ୍ଷକ ସୁଗମ କରାଇବେ :

- ଶିକ୍ଷକ ଶ୍ରେଣୀଗୃହରେ ଶିକ୍ଷାର୍ଥୀଙ୍କର ଭ୍ରମଣ ଅଭିଜ୍ଞତା ବାଣ୍ଟିବାକୁ ଉତ୍ସାହିତ କରିବେ । ଛାତ୍ରଛାତ୍ରୀ ଭ୍ରମଣ କରିଥିବା ସ୍ଥାନ ଏବଂ ସ୍ଥାନୀୟ ଭାବରେ ଉପଲବ୍ଧ ସାମଗ୍ରୀକୁ ବ୍ୟବହାର କରି ଅନନ୍ୟ ସାଜସଜ୍ଜା ସାମଗ୍ରୀ ତିଆରି କରିବାକୁ ସେମାନଙ୍କୁ ମାର୍ଗଦର୍ଶନ କରିବେ । ଟର୍ଚ୍ଚ ଲାଇଟ ସାହାଯ୍ୟରେ ସ୍ୱହସ୍ତକୃତ କାର୍ଯ୍ୟକଳାପ ସହ ଛାୟା ଅନୁସନ୍ଧାନ କରିବାରେ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବେ ।
- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ କିଛିଦିନ ପାଇଁ ଚନ୍ଦ୍ରକୁ ପର୍ଯ୍ୟବେକ୍ଷଣ କରି ଏହାର ପରିବର୍ତ୍ତିତ ଆକୃତି ଗୁଡ଼ିକୁ ଅଙ୍କନ କରିବାକୁ ଉତ୍ସାହିତ କରିବେ । ରାତିରେ ଦେଖିଥିବା ତାରା ଗୁଡ଼ିକର ଆକୃତିକୁ ଅଙ୍କନ କରିବାକୁ ଉତ୍ସାହିତ କରିବେ ।
- ଆକାଶ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ "ପ୍ଲାନେଟୋରିୟମ" ପରିଦର୍ଶନର ବ୍ୟବସ୍ଥା କରିବା ସହିତ ଏକ ସ୍ୱତନ୍ତ୍ର ଅଧିବେଶନରେ ଆଲୋଚନା କରିବେ ।





## ନବମ ପାଠ



# ଭିନ୍ନ ଭୂମି, ଭିନ୍ନ ଜୀବନ

### ଛୁଟିପରେ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ :

ପିଲାମାନେ ନିକଟରେ କାଟିଥିବା ସେମାନଙ୍କ ଛୁଟିଦିନ ବିଷୟରେ କଥାବାର୍ତ୍ତା କରୁଥିବା ଯୋଗୁଁ ଶ୍ରେଣୀଗୃହଟି ଉତ୍ସାହରେ ପରିପୂର୍ଣ୍ଣ ଥିଲା । ପିଲାମାନେ ଭ୍ରମଣ କରିଥିବା ସ୍ଥାନଗୁଡ଼ିକରୁ ଆଣିଥିବା ବିଭିନ୍ନ ଜିନିଷପତ୍ର ଓ ରଙ୍ଗିନ ଚିତ୍ର ଦ୍ୱାରା ଡେ଼ସ୍କଗୁଡ଼ିକ ଭରିଯାଇଥିଲା । ଶିକ୍ଷକ ସେମାନଙ୍କୁ ନିଜ ନିଜର ଅଭିଜ୍ଞତା ପରସ୍ପର ମଧ୍ୟରେ ବିନିମୟ ପାଇଁ କହିଥିଲେ ।

ଚାନ୍ଦିନୀ ଓଡ଼ିଶାର ଏକ ବେଳାଭୂମିକୁ ପରିଦର୍ଶନରେ ଯାଇଥିବାର ଅନୁଭୂତି କହିଲା । ରିତିକା ତାଙ୍କର ରାଜସ୍ଥାନ ମରୁଭୂମିର ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରିଥିଲା । ଗୁରୁପ୍ରୀତ୍ ପଞ୍ଜାବର ଅମୃତସରରେ ଥିବା ତା'ର ଜେଜେବାପାଙ୍କ ଘର ପରିଦର୍ଶନ ବିଷୟରେ କହିଥିଲା । ଶେଷରେ ନୟନା ତା'ର ଡାଏରୀ ପଢ଼ି ସିକିମ୍‌ର ଗୌରବମୟ ପର୍ବତଗୁଡ଼ିକର ପରିଦର୍ଶନ ବିଷୟରେ ବର୍ଣ୍ଣନା କରିଥିଲା ।



https://withteachers.in/

## କାର୍ଯ୍ୟ ୧




ତୁମେ ତୁମର ଅବକାଶ ସମୟରେ କିଛି କିଛି ସ୍ଥାନ ଭ୍ରମଣ କରିଥିବ । ସ୍ଥାନଗୁଡ଼ିକର ନାମ ଏବଂ ସେଗୁଡ଼ିକ ବିଷୟରେ କିଛି ସ୍ୱତନ୍ତ୍ର ତଥ୍ୟ ଲେଖ । ତୁମର ଦୁଇ କିମ୍ବା ତିନିଜଣ ବନ୍ଧୁଙ୍କୁ ସେମାନେ ଭ୍ରମଣ କରିଥିବା ସ୍ଥାନ ବିଷୟରେ ପଚାର ଏବଂ ତଳେ ଦିଆଯାଇଥିବା ସାରଣୀ ପୂରଣ କର –

| ସାଙ୍ଗର ନାମ | ସ୍ଥାନର ନାମ | ଅଞ୍ଚଳର ପ୍ରକାର (ପର୍ବତ, ସମତଳ, ଉପକୂଳ ଅଞ୍ଚଳ, ମରୁଭୂମି) | ସ୍ଥାନ ସମ୍ପର୍କରେ କିଛି ସ୍ୱତନ୍ତ୍ରତା |
|---|---|---|---|
| ସାଙ୍ଗ-୧ | | ପର୍ବତ | ପାଇନ ବୃକ୍ଷ |
| ସାଙ୍ଗ-୨ | | | |
| ସାଙ୍ଗ-୩ | | | |
| ସାଙ୍ଗ-୪ | | | |
| ତୁମର ନାମ | | | |


- ତୁମେ କେଉଁ ପ୍ରକାରର ସ୍ଥାନକୁ ଆକର୍ଷଣୀୟ ମନେ କର ?
- ତୁମେ ଯେଉଁ ସ୍ଥାନ ଭ୍ରମଣ କରିଛ ଏବଂ ତୁମ ସାଙ୍ଗ ମାନେ ଯେଉଁ ସ୍ଥାନକୁ ଭ୍ରମଣ କରିଛନ୍ତି ସେଥିରେ ତୁମେ କ'ଣ ସମାନତା ବା ପାର୍ଥକ୍ୟ ଦେଖୁଛ ?

**ଶିକ୍ଷକଙ୍କ ପାଇଁ ସୂଚନା :**
ଅବକାଶ ସମୟରେ ଯେଉଁ ଛାତ୍ରଛାତ୍ରୀମାନେ ଘରେ ରହୁଥିଲେ, ସେମାନଙ୍କୁ ଆଲୋଚନାରେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବେ । ସେମାନଙ୍କ ଘର ନିକଟବର୍ତ୍ତୀ ସ୍ଥାନସମୂହ ଏବଂ ସେମାନଙ୍କର ସ୍ଥାନୀୟ ସଂସ୍କୃତି, ଖାଦ୍ୟ, କାର୍ଯ୍ୟକଳାପ ବିଷୟରେ ସେମାନଙ୍କର ଅଭିଜ୍ଞତା ବିନିମୟ କରିବାକୁ କହିବେ ।





https://withteachers.in/




କୃଷି କ୍ଷେତ୍ରରେ ଗୁରୁପ୍ରୀତ

### ଆସ ଲେଖିବା

**ଉପରୋକ୍ତ ଚିତ୍ରକୁ ଦେଖ ଏବଂ ତୁମର ପର୍ଯ୍ୟବେକ୍ଷଣ ଉଲ୍ଲେଖ କର ।**

୧. ଚିତ୍ରରେ ତୁମେ କେଉଁ ପ୍ରକାରର ଭୂମିରୂପ ଦେଖୁଛ ?


୨. ଲୋକମାନେ ନିୟୋଜିତ ଥିବା କାର୍ଯ୍ୟକଳାପ ଗୁଡ଼ିକର ତାଲିକା କର ?

୩. ଚିତ୍ରରେ କେଉଁ ସବୁ ପଶୁଗୁଡ଼ିକ ଦେଖୁଛ ?

୪. ଲୋକମାନଙ୍କର ପୋଷାକ ବିଷୟରେ କିଛି ସ୍ୱତନ୍ତ୍ରତା ଲକ୍ଷ୍ୟ କରୁଛ କି ?



https://withteachers.in/



ଗୁରୁପ୍ରୀତ ବିସ୍ମୟ ହୋଇ କହିଲା, ''ହେ ମୋର ପ୍ରିୟନାତି ! ତୁମକୁ ସ୍ୱାଗତ ।'' ସେ ହସି ହସି କହିଲା ଯେ ତା'ର ଜେଜେମା ଏହିପରି ଶବ୍ଦ କହି ତାକୁ ଅଭିବାଦନ କରିଥିଲେ । ଗୁରୁପ୍ରୀତ୍ ତା'ର ସାଙ୍ଗମାନଙ୍କୁ କହିଥିଲା ଯେ ଅମୃତସରର ସମତଳ ଅଞ୍ଚଳରେ ବଡ଼ବଡ଼ କ୍ଷେତ ଥିଲା । ମୃତ୍ତିକା ସରସ ଓ ଉର୍ବର ଥିଲା, ଏବଂ ଅନେକ ଲୋକ କୃଷି କାର୍ଯ୍ୟରେ ନିୟୋଜିତ ଥିଲେ । ସେ ଆହୁରି ମଧ୍ୟ କହିଲା ''ସେମାନଙ୍କର ପ୍ରିୟ ଖାଦ୍ୟ ହେଉଛି ମକା ରୁଟି ଏବଂ ସୋରିଷ ଶାଗ ସହ ଗୋଟିଏ ବଡ଼ ଗ୍ଲାସ ଲସି ।''

## ଆସ ଲେଖିବା



୧. ତୁମ ଅଞ୍ଚଳରେ ସବୁଠାରୁ ଲୋକପ୍ରିୟ ଖାଦ୍ୟ କ'ଣ ? ତୁମେ ଏହାର ପ୍ରସ୍ତୁତିରେ ବ୍ୟବହୃତ ମୁଖ୍ୟ ଉପାଦାନ ଗୁଡ଼ିକର ତାଲିକା କରିପାରିବ କି ?

ଖାଦ୍ୟ ସାମଗ୍ରୀର ନାମ: ------------------------------------------

ଉପାଦାନ ଗୁଡ଼ିକ : --------------------------------------------






https://withteachers.in/



ଏଠାରେ ଥିବା ସ୍ୱର୍ଣ୍ଣମନ୍ଦିର ହେଉଛି ଶିଖ୍‌ମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗୁରୁଦ୍ୱାର ମଧ୍ୟରୁ ଗୋଟିଏ, ଯାହାକୁ "ଶ୍ରୀ ହରମନ୍ଦିର ସାହିବ୍" ମଧ୍ୟ କୁହାଯାଏ । ସ୍ୱର୍ଣ୍ଣମନ୍ଦିର ସୁନା ପାତଦ୍ୱାରା ଆବୃତ ଏବଂ ଏହାର ଚାରିପାଖରେ ଏକ ସରୋବର ଅଛି । ସ୍ୱର୍ଣ୍ଣମନ୍ଦିର ଏକ ଲଙ୍ଗର (ଗୋଷ୍ଠୀ ରୋଷେଇଘର) ସେବା ଯୋଗାଇଥାଏ, ଯାହା ସମସ୍ତଙ୍କୁ ମାଗଣାରେ ଖାଦ୍ୟ ପରିବେଷଣ କରେ । ଏହା ବିଶ୍ୱର ସର୍ବବୃହତ୍ ଗୋଷ୍ଠୀସେବା କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ, ଯେଉଁଠାରେ ଲୋକମାନେ ସ୍ୱେଚ୍ଛାସେବୀ ଭାବରେ ରାନ୍ଧିବା, ପରିବେଷଣ ଏବଂ ବାସନ ଧୋଇବା କାର୍ଯ୍ୟ କରିଥାନ୍ତି ।


## ବିସ୍ତୀର୍ଣ୍ଣ ମରୁଭୂମିରେ ରିତିକା

**ନିମ୍ନଲିଖିତ ଚିତ୍ର ଦେଖ ଏବଂ ତୁମର ପର୍ଯ୍ୟବେକ୍ଷଣ ଲେଖ ।**





https://withteachers.in/




୧. ତୁମେ କେଉଁ ପ୍ରକାରର ଭୂମି ଦେଖୁଛ ?
୨. ଚିତ୍ରରେ ତୁମେ କେଉଁ ପ୍ରକାରର ଉଦ୍ଭିଦ ଦେଖୁଛ ? ତୁମ ଅଞ୍ଚଳରେ ଥିବା ଉଦ୍ଭିଦମାନଙ୍କଠାରୁ ଏହା କିପରି ଭିନ୍ନ ?
୩. ଏହି ଗାଁର ଲୋକମାନଙ୍କର ପୋଷାକ ପିନ୍ଧିବା ଶୈଳୀରେ କିଛି ସ୍ୱତନ୍ତ୍ରତା ଅଛି କି ?
୪. ମରୁଭୂମିରେ ଲୋକମାନେ କିପରି ଯାତାୟତ କରନ୍ତି ବୋଲି ତୁମେ ଭାବୁଛ ?
୫. ଚିତ୍ରରେ ତୁମକୁ କ'ଣ ଅଧିକ ପସନ୍ଦ ଲାଗୁଛି ?





https://withteachers.in/



ମରୁଭୂମି ହେଉଛି ଅତି ସ୍ୱଳ୍ପ ବୃଷ୍ଟି ସହିତ ଏକ ଶୁଷ୍କ ସ୍ଥାନ । ଏହି ଅଞ୍ଚଳ ଗୁଡ଼ିକରେ ସିଜୁ, ଖଜୁରୀ ଏବଂ ବବୁଲ ଭଳି ବିଭିନ୍ନ ପ୍ରକାରର ଉଦ୍ଭିଦ ବଢ଼ନ୍ତି । ସେମାନେ ସ୍ୱଳ୍ପ ଜଳରେ ବଞ୍ଚିପାରନ୍ତି । ସିଜୁ ଭଳି କିଛି ଗଛ ସେମାନଙ୍କର କାଣ୍ଡରେ ଜଳ ସଂରକ୍ଷଣ କରନ୍ତି ।

ମରୁଭୂମିରେ ଓଟ, ଝିଟିପିଟି, ଜଙ୍ଗଲୀ ବିଲେଇ, ଅଜଗର ଏବଂ ଛଞ୍ଚାଣ ଭଳି ପଶୁ ଏବଂ ପକ୍ଷୀ ଦେଖିବାକୁ ମିଳିଥାଏ । ଓଟକୁ ମରୁଭୂମିର ଜାହାଜ କହନ୍ତି ।


ରିତିକା ରାଜସ୍ଥାନରୁ ଆଣିଥିବା ରଙ୍ଗୀନ ଚୂଡ଼ି ଓ ବାନ୍ଧିଣୀ ଓଢ଼ଣୀ ଦେଖାଇଲା ଓ କହିଲା –



‘‘ମହିଳାମାନେ ନାଚ କରିବା ସମୟରେ ସୁନ୍ଦର ଘାଗରା ପିନ୍ଧନ୍ତି । ପୁରୁଷମାନେ ରଙ୍ଗୀନ ପଗଡ଼ି ପିନ୍ଧନ୍ତି ଏବଂ ସାରଙ୍ଗୀ ଓ ମୃଦଙ୍ଗ ବଜାନ୍ତି ।’’









https://withteachers.in/



## ଆସ ଜାଣିବା


ତୁମ ଅଞ୍ଚଳର ଲୋକଗୀତ ଓ ନୃତ୍ୟ ସମ୍ପର୍କରେ ପରିବାର ସଦସ୍ୟକୁ ପଚାର ଏବଂ ତଳ ସାରଣୀରେ ଲେଖ ।

| ନୃତ୍ୟ ଶୈଳୀ | ଲୋକ ସଙ୍ଗୀତ |
|---|---|
| | |
| | |
| | |




ମରୁଭୂମିରେ ପାରମ୍ପରିକ ଘରଗୁଡ଼ିକ ମାଟି ଓ ଚାଳ ଛପରରେ ହୋଇଥାଏ । ସେହି ଘରମାନଙ୍କ ମଧ୍ୟରୁ ଅନେକ ଘରେ ପାଣି ସଂରକ୍ଷଣ ପାଇଁ ପାଣି ଟାଙ୍କି ରହିଥାଏ । ଏହି ରାଜ୍ୟର କେତେକ ଲୋକପ୍ରିୟ ସୁସ୍ୱାଦୁ ଖାଦ୍ୟ ହେଉଛି "ଡାଲ-ବାଟି-ଚୁରୁମା" ଏବଂ "କେର ସାଙ୍ଗରି" (ଏକ ପ୍ରକାର ତରକାରୀ) ।





https://withteachers.in/



## ଜୟସଲମେର୍ ଦୁର୍ଗ

ଜୟସଲମେର୍ ଦୁର୍ଗ ସୁବର୍ଣ୍ଣ ରଂଗର ବାଲିଆ ପଥରରେ ତିଆରି ଉଚ୍ଚ ଏବଂ ମୋଟାକାନ୍ଥ ବିଶିଷ୍ଟ ମରୁଭୂମିରେ ଥିବା ଦୁର୍ଗର ଏକ ଉଦାହରଣ । ଏହି ଅଞ୍ଚଳର ଜନବସତି ସମ୍ପନ୍ନ ଅନେକ ଦୁର୍ଗ ମଧ୍ୟରୁ ଏହି ଦୁର୍ଗ ଅନ୍ୟତମ । ସତ୍ୟଜିତ ରାୟ ତାଙ୍କ ଚଳଚ୍ଚିତ୍ର "ସୋନାର୍ କେଲ୍ଲା"ରେ ଏହି ଦୁର୍ଗର ବ୍ୟାପକ ସୁଟିଂ କରିଥିଲେ ।



### ଆସ ଆଲୋଚନା କରିବା

ତୁମେ କାହିଁକି ଭାବୁଛ ଯେ ମରୁଭୂମିରେ ପାଣିର ଅଭାବ ଅଛି ?




https://withteachers.in/



## ସମୁଦ୍ର କୂଳରେ ଚାନ୍ଦିନୀ:

### ତଳେ ଦିଆଯାଇଥିବା ଚିତ୍ର ଦେଖି ତୁମର ପର୍ଯ୍ୟବେକ୍ଷଣକୁ ଲେଖ:

୧. ଲୋକମାନେ କରୁଥିବା ବିଭିନ୍ନ ପ୍ରକାର କାର୍ଯ୍ୟଗୁଡ଼ିକର ତାଲିକା କର ।

୨. ସମୁଦ୍ର ପାଖରେ କେଉଁ ପ୍ରକାରର ବୃକ୍ଷ ଦେଖାଯାଏ, ଏବଂ ସେଗୁଡ଼ିକ କିପରି ମରୁଭୂମି ଏବଂ ସମତଳ ଅଞ୍ଚଳର ବୃକ୍ଷଠାରୁ ଭିନ୍ନ ?


୩. ସମୁଦ୍ର କୂଳରେ ତୁମେ କେଉଁ ମଜାଦାର କାର୍ଯ୍ୟ କରିବାକୁ ପସନ୍ଦ କର ତା'ର ତାଲିକା କର ।

୪. ଉପକୂଳବର୍ତ୍ତୀ ଅଞ୍ଚଳରେ ଲୋକମାନେ ପିନ୍ଧୁଥିବା ପୋଷାକର କ'ଣ ସ୍ୱତନ୍ତ୍ରତା ଅଛି ?

ଚାନ୍ଦିନୀ ପୁରୀ ପରିଭ୍ରମଣ କରିଥିଲା, ଯାହାକି ଓଡ଼ିଶାର ଏକ ଉପକୂଳବର୍ତ୍ତୀ ସହର । ପୁରୀରେ ସୁନ୍ଦର ବାଲୁକା ବେଳାଭୂମି ରହିଛି, ଯେଉଁଠାରେ ଅନେକ କଳାକାର ସୁନ୍ଦର ବାଲୁକାକୃତି ତିଆରି କରନ୍ତି । ସମୁଦ୍ର କୂଳରେ, ଆମ୍ଭେମାନେ ବିଭିନ୍ନ ପ୍ରକାରର ସମୁଦ୍ରଜୀବଙ୍କର ଖୋଳପା ସହିତ ଶଙ୍ଖ ମଧ୍ୟ ପାଉ ଯାହାକି ମନ୍ଦିରରେ ଏବଂ ଘରେ ପୂଜା ସମୟରେ ଫୁଙ୍କା ଯାଇଥାଏ ।



## ଚାନ୍ଦିନୀର 'ସଂଗ୍ରହ ପୁସ୍ତିକା'





ଜୀବିକା ନିର୍ବାହ ପାଇଁ ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ଲୋକ ମାଛ ଧରିବା ଉପରେ ନିର୍ଭର କରନ୍ତି । ଓଡ଼ିଶାର ଲୋକମାନେ ଡାଲମା, ପଖାଳ, ଛେନାପୋଡ଼, ରସଗୋଲା ଭଳି ପାରମ୍ପରିକ ଖାଦ୍ୟ ଖାଇଥାନ୍ତି ।



https://withteachers.in/

## କାର୍ଯ୍ୟ ୨



### ଆସ ପ୍ରସ୍ତୁତ କରିବା

ସାମୁଦ୍ରିକ ପଦାର୍ଥ ବ୍ୟବହାର କରି, ଗୋଟିଏ ସୁନ୍ଦର ସାଜସଜା ଜିନିଷ ପ୍ରସ୍ତୁତ କରିବା, ଯଥା- ଗୋଟିଏ ଫଟୋ ଫ୍ରେମ୍, ଗଳାମାଳି, ଚିତ୍ରିତ ପଥର, ଛୋଟ ଟୋକେଇ ଓ ବାଲୁକା-କଳା ଚିତ୍ରିତ ଜାର୍ ଇତ୍ୟାଦି ।

### ଶ୍ରୀଜଗନ୍ନାଥ ମନ୍ଦିର

ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଭାରତର ସର୍ବାଧିକ ଲୋକପ୍ରିୟ ମନ୍ଦିରମାନଙ୍କ ମଧ୍ୟରୁ ଗୋଟିଏ । ବିଶାଳ ପ୍ରାଚୀର ସହିତ ଏହା ଏକ ସୁନ୍ଦର କାରୁକାର୍ଯ୍ୟ ଖୋଦିତ ମନ୍ଦିର । ପୁରୀ ସହର ରଥଯାତ୍ରା ପାଇଁ ପ୍ରସିଦ୍ଧ, ଯାହା ଏକ ବିଶାଳ ରଥ ମହୋତ୍ସବ । ଏଥିରେ ହଜାର ହଜାର ଭକ୍ତ ଆନନ୍ଦରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ଜ୍ୟେଷ୍ଠ ଭ୍ରାତା ବଳଭଦ୍ରଙ୍କୁ ବିଶାଳ ରଙ୍ଗୀନ ରଥରେ ବସାଇ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥାନ୍ତି ।





https://withteachers.in/

## ଆସ ଆଲୋଚନା କରିବା


୧. ଉପକୂଳବର୍ତ୍ତୀ ଅଞ୍ଚଳରେ ଜୀବନ ମରୁଭୂମି ଅଞ୍ଚଳର ଜୀବନଠାରୁ କିପରି ପୃଥକ ସେ ସମ୍ବନ୍ଧରେ ତୁମ ପର୍ଯ୍ୟବେକ୍ଷଣ ଉଲ୍ଲେଖ କର ।

୨. ଆମେ ସମୁଦ୍ରକୂଳକୁ ସଫା ରଖିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?

## କାର୍ଯ୍ୟ ୩



ତୁମେ ଏହି ପ୍ରାଣୀମାନଙ୍କୁ ଚିହ୍ନି ପାରିବ କି ?

| | | |
|---|---|---|
| ସମୁଦ୍ର କଇଁଛ | କଙ୍କଡ଼ା | ଡଲଫିନ |
| ପ୍ରବାଳ | ସମୁଦ୍ରଶୈବାଳ | ତାରକା ମାଛ |





______ ______ ______






______ ______ ______



https://withteachers.in/

## ଆହ୍ୱାନମୂଳକ ପ୍ରତିକୂଳସ୍ଥିତିରେ ଜୀବନ



ଉପକୂଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଚାନ୍ଦିନୀ ତାର ସାଙ୍ଗମାନଙ୍କୁ କହିଲା ଯେ, ବହୁ ସମୟରେ ଭୀଷଣ ପବନ ଓ ବାତ୍ୟା ଓଡ଼ିଶାର ଉପକୂଳ ଅଞ୍ଚଳରେ ମାଡ଼ ହୁଏ । ଏହା ଲୋକମାନଙ୍କ ଜୀବନ ତଥା ପଶୁ ଏବଂ ଗଛମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।



### ତୁମେ ଜାଣିଛ କି ?

ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ଅନେକ ସମୟରେ ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୁଅନ୍ତି । ଲୋକେ ଘୂର୍ଣ୍ଣିବାତ୍ୟାକୁ ଆକଳନ କରନ୍ତି ଏବଂ ଜୀବନ ଓ ସମ୍ବଳକୁ ରକ୍ଷା କରିବାପାଇଁ ଉପାୟ ଖୋଜନ୍ତି । ଏହି କିଛି ବର୍ଷ ହେବ ଓଡ଼ିଶା ସରକାର ପ୍ରାରମ୍ଭିକ ସୂଚନା, ଅଗ୍ରୀମ ପ୍ରସ୍ତୁତି ଏବଂ ଫଳପ୍ରଦ ପରିଚାଳନା ଦ୍ୱାରା ବାତ୍ୟା ସମୟରେ ଲୋକଙ୍କ ଜୀବନ ରକ୍ଷାରେ ସଫଳତା ପାଇଁ ଜାତୀୟ ଓ ଆନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି ।

### ଆସ ଆଲୋଚନା କରିବା

୧. ଘୂର୍ଣ୍ଣିବାତ୍ୟାର ପ୍ରତିକୂଳ ପ୍ରଭାବଗୁଡ଼ିକ କ'ଣ ?


୨. ଏହି ସବୁ ପରିସ୍ଥିତି ପାଇଁ ଗୋଷ୍ଠୀ କିପରି ଅଧିକ ପ୍ରସ୍ତୁତ ହୋଇପାରିବ ?

**ଶିକ୍ଷକଙ୍କ ପାଇଁ ସୂଚନା :**
ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ଚିତ୍ର ଦେଖାଅ ଓ କିପରି ଘୂର୍ଣ୍ଣିବାତ୍ୟା ଜୀବନଶୈଳୀକୁ ପ୍ରଭାବିତ କରେ ବୁଝାଅ ।






https://withteachers.in/




https://withteachers.in/



**ଉପରୋକ୍ତ ଚିତ୍ର ଦେଖ ଏବଂ ତୁମ ପର୍ଯ୍ୟବେକ୍ଷଣକୁ ଲେଖ :-**

୧. କେଉଁ ପ୍ରକାରର ପଶୁ ତୁମେ ଚିତ୍ରରେ ଦେଖୁଛ ?

୨. ପାର୍ବତ୍ୟ ଅଞ୍ଚଳରେ ରହୁଥିବା ଲୋକମାନଙ୍କର ପୋଷାକ, ତୁମ ଅଞ୍ଚଳର ପୋଷାକ ଠାରୁ କିପରି ଭିନ୍ନ ?

୩. ପାର୍ବତ୍ୟାଞ୍ଚଳରେ ଦେଖାଯାଉଥିବା ବୃକ୍ଷଗୁଡ଼ିକ ବିଷୟରେ ଲେଖ ।

ସମୁଦ୍ରପତ୍ତନଠାରୁ ଉଚ୍ଚକୁ ଉଠିଥିବା ପାହାଡ଼ିଆ ଭୂମିକୁ ଆମେ ପର୍ବତ କହୁ । ଏଗୁଡ଼ିକ ସାଧାରଣତଃ ଥଣ୍ଡା । ହିମାଳୟ ପାର୍ବତ୍ୟାଞ୍ଚଳର ଅଧିକାଂଶ ବରଫାବୃତ । ପର୍ବତଗୁଡ଼ିକର କେଉଁଠି କେଉଁଠି ତୀକ୍ଷ୍ଣ ଗଡାଣି ଥାଏ ଏବଂ ଏହା ଉପତ୍ୟକା ଦ୍ୱାରା ଘେରି ରହିଥାଏ । ଆମେ ଆମ ଦେଶର ବିଭିନ୍ନ ଅଞ୍ଚଳରେ ପର୍ବତ ଦେଖୁ । "ନୟନା" ସିକିମ୍ ପରିଭ୍ରମଣ କରିଥିଲା ଯାହା ମଧ୍ୟ ହିମାଳୟ



https://withteachers.in/

ତାରିଖ: ୧୦ ଫେବୃଆରୀ ୨୦୨୪

ସ୍ଥାନ: ଗ୍ୟାଙ୍ଗଟକ୍

ପ୍ରିୟ ଡାଏରୀ,

ପାଗ ଥଣ୍ଡା ଥିଲା ଏବଂ ପବନ ପରିଷ୍କାର, ଶୁଦ୍ଧ ଓ ସତେଜ ଅନୁଭବ ହେଉଥିଲା । ଆମେ ଗ୍ୟାଙ୍ଗଟକରେ ରହିଲୁ, ଯେଉଁଠାରେ ସ୍ଥାନୀୟ ଲୋକମାନେ ଖୁବ୍ ଭଲ ଏବଂ ଦୟାଳୁ ଥିଲେ । ସେମାନେ ଆମକୁ ଗୋଟିଏ ଆକର୍ଷଣୀୟ ସ୍ଥାନ କାଞ୍ଚନଜଂଘା ପର୍ବତର ଦୃଶ୍ୟ ଦେଖିବାକୁ ସାହାଯ୍ୟ କଲେ । ଯେତେବେଳେ ସୂର୍ଯ୍ୟକିରଣ ବରଫାବୃତ୍ତ ପର୍ବତ ଶିଖରକୁ ସୁବର୍ଣ୍ଣ ରଂଗରେ ରଙ୍ଗାୟିତ କଲା, ଏହା ଏକ ଚମତ୍କାର ଦୃଶ୍ୟ ପରି ଦେଖାଯାଉଥିଲା ।

ଗରମ-ଥୁକ୍‌ପା (ଏକ ପ୍ରକାର ସୁପ୍), ମିଠା ଏବଂ ଚାଉଳ ଚୂନାରୁ ପ୍ରସ୍ତୁତ ଏକ ରୁଟି ଭଳି ସିକିମ୍‌ର ସୁସ୍ୱାଦୁ ଖାଦ୍ୟ ମଧ୍ୟ ଆମ୍ଭେମାନେ ଉପଭୋଗ କଲୁ ।

ସ୍ଥାନୀୟ ଲୋକମାନେ ବଖୁ (ପାରମ୍ପରିକ ପୋଷାକ), ଡୁମଡିୟମ ଏବଂ ଗୁନିୟୋଚଲୋ ଭଳି ସୁନ୍ଦର ପାରମ୍ପରିକ ପୋଷାକ ପିନ୍ଧିଥିଲେ । ମୁଁ ଚମରୀଗାଈ ପିଠିରେ ବସି ଯାତ୍ରା ମଧ୍ୟ ଉପଭୋଗ କଲି । ପର୍ବତଯାତ୍ରା ପାଇଁ ଚମରୀଗାଈ ଗୁଡ଼ିକ ସାଧାରଣତଃ ସେଠାରେ ବ୍ୟବହୃତ ହୁଅନ୍ତି ।


କାଞ୍ଚନଜଙ୍ଘା ପର୍ବତ

ଚିତ୍ର ଗୁଡ଼ିକରେ ସିକିମ୍‌ର ବିବିଧ ଉଦ୍ଭିଦ ଏବଂ ପ୍ରାଣୀସମୂହ, ସମୃଦ୍ଧ ସଂସ୍କୃତି, ସ୍ୱତନ୍ତ୍ର ଖାଦ୍ୟ, ପାରମ୍ପରିକ ଗୃହ, ରଙ୍ଗୀନ ପୋଷାକ ଏବଂ ଲୁସୁଙ୍ଗ ଓ ନମସୁଙ୍ଗ ଭଳି ମୁଖ୍ୟ ପର୍ବ ଚିତ୍ରିତ ହୋଇଛି । ସେଠାରେ ଓକ୍, ପାଇନ, ୱାଲନଟ୍ ଏବଂ ଚେଷ୍ଟନଟ୍ ଭଳି ବୃକ୍ଷ ମଧ୍ୟ ଦେଖାଯାଏ ।









https://withteachers.in/

## ଆସ ଆଲୋଚନା କରିବା

୧. ପର୍ବତ ଅଞ୍ଚଳରେ ଥଣ୍ଡା ଜଳବାୟୁ କିପରି ଲୋକମାନଙ୍କର ଜୀବନଶୈଳୀ ଓ ପୋଷାକକୁ ପ୍ରଭାବିତ କରେ ?

୨. ତୁମ ଅଞ୍ଚଳରେ କେଉଁ ପାରମ୍ପରିକ ପୋଷାକ ପିନ୍ଧାଯାଏ, ସେଗୁଡ଼ିକ କିପରି ସ୍ଥାନୀୟ ଜଳବାୟୁ ସହ ସମ୍ବନ୍ଧିତ ?



୩. ପର୍ବତ ଅଞ୍ଚଳରେ କିଛି ବୃକ୍ଷ ଯେପରିକି ପାଇନ ଏବଂ ଓକ୍ ଭଲ ଭାବରେ ବଢ଼ିପାରନ୍ତି ବୋଲି ତୁମେ କାହିଁକି ଭାବୁଛ ?



୪. ସିକିମ୍‌ର ଥଣ୍ଡା ଜଳବାୟୁରେ ଚମରୀଗାଈ ଭଳି ପଶୁମାନେ କିପରି ବଞ୍ଚିପାରନ୍ତି ?

### ତୁମେ ଜାଣକି ?

ସିକିମ୍‌ର ମହତ୍ୱପୂର୍ଣ୍ଣ ପର୍ବ ମଧ୍ୟରୁ ଲୁସୁଙ୍ଗ ଏବଂ ନମସୁଙ୍ଗ ଅନ୍ୟତମ । ଏହି ଆନନ୍ଦପୂର୍ଣ୍ଣ ପର୍ବ ସିକିମ୍ ଲୋକମାନଙ୍କର ନୂଆବର୍ଷର ଆରମ୍ଭରେ ପାଳନ କରାଯାଏ। କୃଷକମାନଙ୍କର କଠିନ ପରିଶ୍ରମକୁ ସମ୍ମାନ ଜଣାଇବା ପାଇଁ ଏହା ଏକ ଉତ୍ସବ । ଏହି ପର୍ବକୁ ଲୋକମାନେ ବିଭିନ୍ନ ପ୍ରକାର ସ୍ଥାନୀୟ ଖାଦ୍ୟ, ପାରମ୍ପରିକ ଖେଳ ଏବଂ ମୁଖାପିନ୍ଧା ନାଚ (ଚାମ୍) ଦ୍ୱାରା ଉପଭୋଗ କରନ୍ତି ।





https://withteachers.in/

ଆସ ଆଲୋଚନା କରିବା



୧. ସିକିମ୍‌ର ପାରମ୍ପରିକ ଗୃହଗୁଡ଼ିକ କାଠ ଏବଂ ଗଡାଣିଆ ଛାତ ଦ୍ୱାରା କାହିଁକି ନିର୍ମିତ ହୋଇଥାଏ ବୋଲି ତୁମେ ଭାବୁଛ ?

୨. ତୁମ ଘରର କ'ଣ ବିଶେଷତ୍ୱ ଅଛି, ଯାହା ପାର୍ବତ୍ୟାଞ୍ଚଳର ଗୃହ ସହିତ ସମାନ ?


୩. ବର୍ଷା ଋତୁରେ ପର୍ବତଗୁଡ଼ିକର ଭୂସ୍ଖଳନ ଏକ ସାଧାରଣ କଥା କାହିଁକି ?

୪. ଭୂସ୍ଖଳନ ସମୟରେ ଲୋକଙ୍କୁ ସୁରକ୍ଷିତ ରଖିବାପାଇଁ କ'ଣ କରାଯାଇପାରିବ ବୋଲି ତୁମେ ଭାବୁଛ ?

୫. ଯେଉଁମାନେ ସେମାନଙ୍କର ଘର ହରାଇଥାନ୍ତି କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୁଅନ୍ତି ସେମାନଙ୍କୁ ସାହାଯ୍ୟ କରିବାପାଇଁ ଗୋଷ୍ଠୀଗୁଡ଼ିକ କ'ଣ କରିଥାନ୍ତି ?















https://withteachers.in/



## ମୋ ନିଜ ଭୂମିରେ ଜୀବନ:

ତଳେ ଦିଆଯାଇଥିବା ସ୍ଥାନରେ ତୁମ ଚାରିପଟେ ଥିବା ଭୂମିରୂପକୁ ଅଙ୍କନ କର ଯଥା- ଅଞ୍ଚଳ, ଭୂମିରୂପର ପ୍ରକାର, ଲୋକମାନଙ୍କର କିଛି ଆକର୍ଷଣୀୟ ବୈଶିଷ୍ଟ୍ୟ ଉଲ୍ଲେଖ କର । ସେମାନଙ୍କର ବ୍ୟବସାୟ, ଖାଦ୍ୟ, ଗୃହ, ଉଦ୍ଭିଦ ଓ ପଶୁମାନଙ୍କୁ ନାମିତ କର ।





https://withteachers.in/

## ଆସ ଚିନ୍ତା କରିବା

୧. ବୃକ୍ଷ, ପ୍ରାଣୀ, ଗୃହ, ପୋଷାକ, ଖାଦ୍ୟ, ପର୍ବପର୍ବାଣୀ ଏବଂ କଳାକୃତିକୁ ନେଇ ପାର୍ବତ୍ୟାଞ୍ଚଳ ଓ ସମତଳ ଅଞ୍ଚଳର ଜୀବନଶୈଳୀକୁ ତୁଳନା କର ।

| ପ୍ରକାର | ସମତଳ | ମରୁଭୂମି | ଉପକୂଳ | ପାର୍ବତ୍ୟାଞ୍ଚଳ |
|---|---|---|---|---|
| ବୃକ୍ଷ | | | | |
| ପ୍ରାଣୀ | କ୍ଷୁଦ୍ର ଲୋମ ଥିବା ଗାଈ ଏବଂ ମଇଁଷି ଭଳି ପଶୁ | | | |
| ଗୃହ | | | | ଗଡାଣିଆ ଛାତ ଥିବା କାଠ ନିର୍ମିତ ଘର |
| ପୋଷାକ | | | | |
| ଖାଦ୍ୟ | | | | |
| ପର୍ବପର୍ବାଣୀ | | | | |
| କଳାକୃତି | | | | |



https://withteachers.in/

୨.  ପର୍ବତ, ସମତଳ, ଉପକୂଳ ଏବଂ ମରୁଭୂମିରୁ ତୁମକୁ ଭଲ ଲାଗୁଥିବା ବୈଶିଷ୍ଟ୍ୟ ଗୁଡ଼ିକୁ ଏକାଠି କରି ଗୋଟିଏ ଭୂମିରୂପର ନକ୍‌ସା ପ୍ରସ୍ତୁତ କର ଏବଂ ଚିତ୍ରରେ ଦେଖାଅ ।

(କ)  କେଉଁ କେଉଁ ତଥ୍ୟ ତୁମର ଭୂମିରୂପ ପାଇଁ ବିଭିନ୍ନ ବୈଶିଷ୍ଟ୍ୟ ଗୁଡ଼ିକୁ ବାଛିବାରେ ତୁମକୁ ସାହାଯ୍ୟ କଲା ?

(ଖ)  ପ୍ରତ୍ୟେକ ବୈଶିଷ୍ଟ୍ୟ କିପରି ମନୁଷ୍ୟ, ପ୍ରାଣୀ କିମ୍ବା ଉଦ୍ଭିଦକୁ ଲାଭ ପ୍ରଦାନ କରେ ?

(ଗ)  ତୁମ ଭୂମିରୂପରେ ବାସ କରିବାପାଇଁ ଲୋକମାନଙ୍କୁ କେଉଁ ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିପାରେ ?



https://withteachers.in/

## ଦଶମ ପାଠ

# ଆମ ଆକାଶ



ତୁମେ କେବେ ଆକାଶକୁ ଦେଖିଛ କି ? ଦିନର ବିଭିନ୍ନ ସମୟରେ ଏହା ଭିନ୍ନ ଦେଖାଯାଏ । ସକାଳ, ଅପରାହ୍ନ ଏବଂ ରାତିରେ ଆକାଶର ରଙ୍ଗ ବଦଳିଯାଏ । ସୂର୍ଯ୍ୟଙ୍କ ରଙ୍ଗ ମଧ୍ୟ ପରିବର୍ତ୍ତନ ହେଉଥିବାର ଦେଖାଯାଏ । ଏପରିକି ଚନ୍ଦ୍ରର ଆକାର ଏବଂ ଆକୃତି ସମୟ ସହିତ ପରିବର୍ତ୍ତନ ହେଉଥିବା ପରି ମନେହୁଏ । ପକ୍ଷୀ, ପଶୁ, ଗଛ ଏବଂ ମଣିଷର କାର୍ଯ୍ୟକଳାପ ମଧ୍ୟ ଦିନର ଭିନ୍ନ ଭିନ୍ନ ସମୟରେ ବଦଳିଥାଏ ।



### ଚିତ୍ର କର

ନିମ୍ନରେ ଦିଆଯାଇଥିବା ସ୍ଥାନଗୁଡ଼ିକରେ ସକାଳ, ଅପରାହ୍ନ ଓ ରାତିରେ ଆକାଶ କିପରି ଦେଖାଯାଏ, ଚିତ୍ର ଅଙ୍କନ କର ।

| ସକାଳ ଆକାଶ | ଅପରାହ୍ଣ ଆକାଶ | ରାତ୍ରି ଆକାଶ |
|---|---|---|
| | | |

https://withteachers.in/

## ଆସ ଲେଖିବା

ନିମ୍ନରେ ଦିଆଯାଇଥିବା ଉଦାହରଣ ଗୁଡ଼ିକୁ ଦେଖି ସକାଳ, ଅପରାହ୍ନ ଏବଂ ରାତି ଆକାଶରେ ତୁମେ ଯାହା ଦେଖ, ତାହା ନିମ୍ନ ସାରଣୀରେ ପୂରଣ କର ।

| ସକାଳ ଆକାଶ | ଅପରାହ୍ନ ଆକାଶ | ରାତ୍ରି ଆକାଶ |
|---|---|---|
| କମଳା ରଙ୍ଗର ଆକାଶ | | |
| | ଉତ୍ତପ୍ତ ସୂର୍ଯ୍ୟକିରଣ | ଚନ୍ଦ୍ର ଓ ତାରା |
| କମଳା ରଙ୍ଗର ସୂର୍ଯ୍ୟ | | |
| | | |
| | | |

- ତୁମର ପର୍ଯ୍ୟବେକ୍ଷଣକୁ ତୁମ ସାଙ୍ଗ ସହିତ ଆଦାନ ପ୍ରଦାନ କର ଓ ତୁଳନା କର ।
- ତୁମେ ଦିନର ବିଭିନ୍ନ ସମୟରେ ପଶୁପକ୍ଷୀ ଓ ଉଦ୍ଭିଦଙ୍କ ଆଚରଣ ଓ କାର୍ଯ୍ୟକଳାପରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରୁଛ କି ? ଏହି ପରିବର୍ତ୍ତନ ବିଷୟରେ ନିଜ ସହପାଠୀଙ୍କ ସହିତ ଆଲୋଚନା କରି ତାଲିକା ପ୍ରସ୍ତୁତ କର ।

ତୁମେ ଅନୁମାନ କରି କହିପାରିବ କି, ଆକାଶରେ ଥିବା ସବୁଠାରୁ ଉଜ୍ଜ୍ୱଳତମ ବସ୍ତୁ କିଏ ? ଏହା ହେଉଛି ସୂର୍ଯ୍ୟ । ବାସ୍ତବରେ ଏହା ଏତେ ଉଜ୍ଜ୍ୱଳ ଯେ ଯେତେବେଳେ ଏହା ଆକାଶରେ ଥାଏ, ଅନ୍ୟ ତାରାମାନେ ଦେଖାଯାଆନ୍ତି ନାହିଁ । ସୂର୍ଯ୍ୟ ଆମକୁ ଆଲୋକ ଓ ଉତ୍ତାପ ଦେଇଥାଏ ।



https://withteachers.in/

ଆକାଶରେ ସୂର୍ଯ୍ୟ ହେଉଛି ସବୁଠାରୁ ଦୃଶ୍ୟମାନ ବସ୍ତୁ, ସକାଳେ ସୂର୍ଯ୍ୟ ଉଦୟ ହେବାର ଦେଖାଯାଏ ଏବଂ ତା'ପରେ ମୁଣ୍ଡ ଉପରକୁ ଯିବାପରି ମନେ ହୁଏ । ଧୀରେ ଧୀରେ ଏହା ଅଦୃଶ୍ୟ ହେବା ପର୍ଯ୍ୟନ୍ତ ଆକାଶର ଅନ୍ୟ ପାର୍ଶ୍ୱରେ ତଳକୁ ଯିବା ପରି ଦେଖାଯାଏ । ଆକାଶରେ ସୂର୍ଯ୍ୟଙ୍କର ଏହି ଦୃଶ୍ୟମାନ ଗତିକୁ ଆମେ ସମସ୍ତେ ଉପଭୋଗ କରିଥାଉ ।

## ଆସ କଥା ହେବା

ତୁମେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟରେ ହେଉଥିବା ପରିବର୍ତ୍ତନ ଗୁଡ଼ିକୁ କେବେ ଲକ୍ଷ୍ୟ କରିଛ କି ?

ସୂର୍ଯ୍ୟୋଦୟ ସମୟରେ,

୧. ଆକାଶ କିପରି ଦେଖାଯାଏ ?

୨. ପକ୍ଷୀ ଓ ପଶୁମାନେ କ'ଣ କରନ୍ତି ?

୩. ଆମେ ଘରେ କେଉଁ ପରିବର୍ତ୍ତନ ଦେଖିଥାଉ ?



**ସୂର୍ଯ୍ୟାସ୍ତ ସମୟରେ:**

୧. ଆକାଶ କିପରି ଦେଖାଯାଏ ?

୨. ପକ୍ଷୀ ଓ ପଶୁମାନେ କ'ଣ କରନ୍ତି ?

୩. ଆମେ ଘରେ କେଉଁ ପରିବର୍ତ୍ତନ ଦେଖିଥାଉ ?



**ଶିକ୍ଷକଙ୍କ ପାଇଁ ସୂଚନା :**
ଛାତ୍ରଛାତ୍ରୀମାନେ ଦିନର ବିଭିନ୍ନ ସୟରେ ଘଟୁଥିବା ଉଦ୍ଭିଦ, ପଶୁପକ୍ଷୀ ଓ ମଣିଷର ବ୍ୟବହାର ଓ କାର୍ଯ୍ୟକଳାପକୁ ଅନୁଧ୍ୟାନ କରି ତାହାକୁ ଆଲୋଚନା କରିବା ପାଇଁ ଉତ୍ସାହିତ କରିବେ ।



https://withteachers.in/

## ଛାୟା:

ତୁମର ଛାୟା ତୁମ ସହିତ ଚାଲୁଥିବାର ତୁମେ କେବେ ଦେଖିଛ କି ? ଯଦି ତୁମେ ଦୌଡ଼ ଛାୟା ମଧ୍ୟ ଦୌଡୁଥିବା ଭଳି ଜଣାପଡ଼େ । ଯଦି ତୁମେ ଭିନ୍ନ ଭିନ୍ନ ଭଙ୍ଗୀରେ ଛିଡ଼ାହୁଅ, ତେବେ ଛାୟାର ଆକୃତି ବଦଳିଯାଏ । ଆସ ଛାୟା ବିଷୟରେ ଆମେ କିଛି ଆଶ୍ଚର୍ଯ୍ୟଜନକ କଥା ଜାଣିବା ।










ଉପରୋକ୍ତ ଚିତ୍ରରେ ଛାୟାଗୁଡ଼ିକରେ କ'ଣ ପାର୍ଥକ୍ୟ ରହିଛି ? ସକାଳ ସମୟରେ ଛାୟା ଲମ୍ବା, ମଧ୍ୟାହ୍ନ ସମୟରେ ଛାୟା ଛୋଟ ଏବଂ ସନ୍ଧ୍ୟା ସମୟରେ ଛାୟା ପୁଣି ଲମ୍ବା ହୋଇଯାଏ, କିନ୍ତୁ ସୂର୍ଯ୍ୟାସ୍ତ ପୂର୍ବବେଳର ଛାୟା ସକାଳ ବେଳର ଛାୟାର ବିପରୀତ ଦିଗରେ ଦେଖାଯାଏ ।






https://withteachers.in/

## ଆସ ଖୋଜିବା

ଆସ କିଛି କୌତୂହଳପୂର୍ଣ୍ଣ କାର୍ଯ୍ୟକରିବା-



୧. ଗୋଟିଏ ଟର୍ଚ୍ଚ ଓ ଏକ ବାଡ଼ି ନିଅ । କବାଟ ଓ ଝରକାକୁ ବନ୍ଦ କରି ଘରକୁ ଅନ୍ଧାର କର ।

୨. ବାଡ଼ିଟିକୁ ଗୋଟିଏ ସ୍ଥାନରେ ଧରି ରଖ। ଟର୍ଚ୍ଚଟିକୁ ଜଳାଇ ବାଡ଼ି ଉପରେ ଆଲୋକ ପକାଅ ।

୩. ନିମ୍ନଲିଖିତ ପରିସ୍ଥିତିରେ ବାଡ଼ିର ଛାୟା ପରିବର୍ତ୍ତନକୁ ଲକ୍ଷ୍ୟ କର ।

(କ) ବାଡ଼ିଟିକୁ ପଛକୁ ପଛକୁ ଘୁଞ୍ଚାଅ ।

(ଖ) ଟର୍ଚ୍ଚର ଦିଗ ପରିବର୍ତ୍ତନ କର ।

ଚିନ୍ତା କର ଏବଂ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

- ଯଦି ଆମେ ଆଲୋକର ଉତ୍ସ ଓ ବାଡ଼ି ମଧ୍ୟରେ ଦୂରତାକୁ ପରିବର୍ତ୍ତନ କରିବା, ଛାୟା କିପରି ବଦଳିବ ଦେଖ ।


ଯଦି ବସ୍ତୁଟି ଆଲୋକର ଉତ୍ସ ପାଖରେ ରହେ, ତେବେ ବସ୍ତୁର ଛାୟା ବଡ଼ ହୁଏ । ଯଦି ଆଲୋକର ଦିଗ ବଦଳିଯାଏ, ତେବେ ଛାୟା ଦିଗ ମଧ୍ୟ ବଦଳିଯାଏ । ଆମେ ଲକ୍ଷ୍ୟ କରୁ ଯେ, ସକାଳ ଏବଂ ସନ୍ଧ୍ୟାରେ ଛାୟା ଦିଗ ବଦଳାଇଥାଏ – ଏହା କାହିଁକି ହୁଏ ବୁଝାଅ।



https://withteachers.in/

## ଚିତ୍ର କର

ନିମ୍ନରେ ଦିଆଯାଇଥିବା ଚିତ୍ରରେ ସୂର୍ଯ୍ୟଙ୍କର ଅବସ୍ଥିତି ଏବଂ ଅନୁରୂପ ଛାୟା ଅଙ୍କନ କର ।





ମଧ୍ୟାହ୍ନ ପର୍ଯ୍ୟନ୍ତ ସୂର୍ଯ୍ୟ ପୂର୍ବ ଦିଗରୁ ଧୀରେ ଧୀରେ ଉପରକୁ ଗତି କଲାପରି ଜଣାପଡ଼ିଥାଏ । ଅପରାହ୍ଣରେ ଧୀରେ ଧୀରେ ପଶ୍ଚିମ ଆଡ଼କୁ ଗତି କରିଥାଏ । ସୂର୍ଯ୍ୟଙ୍କର ଏହିପରି ଗତି ଯୋଗୁଁ ଛାୟାର ଦିଗ ବଦଳିଥାଏ ।



https://withteachers.in/

## ସୂର୍ଯ୍ୟଙ୍କ ଦ୍ୱାରା ଛାୟା ଗଠନ:



ସକାଳ ମଧ୍ୟାହ୍ନ ସନ୍ଧ୍ୟା

### ତୁମେ ଜାଣକି ?

ଆମେ ଛାଇକୁ ଦେଖି ସମୟ ଜାଣିପାରିବା । ପ୍ରାଚୀନ କାଳରେ ଲୋକମାନେ ଏହି ପ୍ରକ୍ରିୟାକୁ ଦେଖି ସମୟ ଜାଣିପାରୁଥିଲେ । ଏହି ସମୟ ମାପ କରିବା ପାଇଁ ବ୍ୟବହୃତ ଯନ୍ତ୍ରକୁ "ସୂର୍ଯ୍ୟଘଡ଼ି" ବୋଲି କୁହାଯାଏ ।

ଜୟପୁରର ରାଜା ଜୟସିଂହ ଉଜ୍ଜୟିନୀ, ଦିଲ୍ଲୀ, ବାରାଣସୀ, ମଥୁରା ଓ ଜୟପୁରଠାରେ "ଜନ୍ତର ମନ୍ତର" ତିଆରି କରିଥିଲେ । ସେ ସ୍ଥାନମାନଙ୍କରେ ସମ୍ରାଟ ଯନ୍ତ୍ର" ନାମକ ଏକ ସୂର୍ଯ୍ୟଘଡ଼ି ଅଛି, ଯାହା ସାହାଯ୍ୟରେ ସମୟ ମାପ କରାଯାଏ ।



ଆମ ରାଜ୍ୟର କୋଣାର୍କ ସୂର୍ଯ୍ୟମନ୍ଦିରରେ ଥିବା ଚକ୍ର ଗୁଡ଼ିକର ଛାୟା ଦ୍ୱାରା ଦିନର ସମୟ ମାପ କରାଯାଏ ।

### ଆସ ଛାୟା ସହିତ ଖେଳିବା

ଛାୟା ଦ୍ୱାରା ବିଭିନ୍ନ ଆକୃତି ତିଆରି କରିବା, ମଜାଦାର ହୋଇଥାଏ । ତୁମେ ତୁମ ସାଙ୍ଗମାନଙ୍କ ସହିତ ଏହା କରିବା ପାଇଁ ଚେଷ୍ଟା କର ।




**ଶିକ୍ଷକଙ୍କ ପାଇଁ ସୂଚନା :**
ଛାତ୍ରଛାତ୍ରୀମାନଙ୍କୁ ଏହିପରି ଛାୟା କଣ୍ଢେଇର ପ୍ରସ୍ତୁତ କରିବାପାଇଁ ଉତ୍ସାହିତ କରିବେ ।



https://withteachers.in/

**ଛାୟା ଆଲୋକ ଖେଳ:**

ଭାରତ ବର୍ଷରେ ବହୁ ପୁରାତନ କାଳରେ ଛାୟା କଣ୍ଢେଇ ଖେଳ ପ୍ରଚଳିତ ଅଛି ।



## ରାତ୍ରି ଆକାଶ



ସୂର୍ଯ୍ୟାସ୍ତ ପରେ ଆକାଶ ହଜାର ହଜାର ଝଲ୍‌ମଲ୍ କରୁଥିବା ତାରାଗୁଡ଼ିକ ଦ୍ୱାରା ଚମକି ଉଠେ । ଆମେ ରାତିରେ ଆକାଶରେ ଥିବା ତାରାମାନଙ୍କୁ ନେଇ (ତାରାପୁଞ୍ଜର) ବିଭିନ୍ନ ଆକୃତି ଦେଖିଥାଉ । ତୁମେ ରାତିରେ ଯେଉଁ ଆକୃତି ଦେଖ ତାକୁ ତଳ ବାକ୍ସରେ ଅଙ୍କନ କର ।

ତୁମେ ଯେଉଁ ଚିତ୍ର ଅଙ୍କନ କରିଛ ସେଗୁଡ଼ିକ ସାଙ୍ଗମାନଙ୍କୁ ଦେଖାଅ ଏବଂ ତାରାପୁଞ୍ଜଗୁଡ଼ିକର ଆକୃତି ସମ୍ବନ୍ଧରେ ଆଲୋଚନା କର ।

**ଶିକ୍ଷକଙ୍କ ପାଇଁ ସୂଚନା :**
ଛାତ୍ରଛାତ୍ରୀଙ୍କ ଦ୍ୱାରା ନିରୀକ୍ଷଣ କରାଯାଇଥିବା ତାରାପୁଞ୍ଜର ଆକୃତିଗୁଡ଼ିକ ସାଧାରଣ ଭାବେ ଚିହ୍ନଟ କରାଯାଉଥିବା ଆକୃତି ସହିତ ମିଶି ନପାରେ । ଯେପରି – ସପ୍ତର୍ଷି ମଣ୍ଡଳ । ଏହାର ଉଦ୍ଦେଶ୍ୟ ହେଉଛି କେବଳ ଭଲ ଭାବରେ ଆକାଶକୁ ଦେଖିବା ।



https://withteachers.in/

ଚନ୍ଦ୍ର ରାତି ଆକାଶରେ ସବୁଠାରୁ ବଡ଼ ଦେଖାଯାଉଥିବା ଏକ ଜ୍ୟୋତିଷ୍କ । ଚନ୍ଦ୍ରର ସୌନ୍ଦର୍ଯ୍ୟ ଓ ପ୍ରହେଳିକା ମଣିଷକୁ ଆକୃଷ୍ଟ କରେ ।



## ଚିତ୍ର କର

ରାତି ଆକାଶରେ ଚନ୍ଦ୍ରକୁ ଦେଖ । ଚନ୍ଦ୍ରର ବିଭିନ୍ନ ଆକୃତିକୁ ତଳେ ଦିଆଯାଇଥିବା ବାକ୍ସରେ ଅଙ୍କନ କର ।

## ଆସ କଥା ହେବା

ତୁମ ସହପାଠୀଙ୍କ ସହ ଆଲୋଚନା କର ।

- ଚନ୍ଦ୍ରର ଆକୃତିରେ ପରିବର୍ତ୍ତନର କୌଣସି ନିର୍ଦ୍ଦିଷ୍ଟ ଢାଞ୍ଚା ଅଛି କି ?
- ଏଭଳି କୌଣସି ଦିନ ଅଛି କି ଯେଉଁଦିନ ଆକାଶରେ ଚନ୍ଦ୍ର ଆଦୌ ଦେଖାଯାଏ ନାହିଁ ?

ଭିନ୍ନ ଭିନ୍ନ ରାତିରେ ଚନ୍ଦ୍ରର ଆକୃତି ଭିନ୍ନ ଭିନ୍ନ ଦେଖାଯାଏ । ଯେଉଁଦିନ ଏହା ପୂର୍ଣ୍ଣ ଗୋଲାକାର ଦେଖାଯାଏ, ଏହାକୁ ପୂର୍ଣ୍ଣିମା (ପୂର୍ଣ୍ଣଚନ୍ଦ୍ର) କୁହାଯାଏ । ଅନ୍ୟ ରାତ୍ରୀଗୁଡ଼ିକରେ ଏହା



https://withteachers.in/



ଇଂରାଜୀ ଅକ୍ଷର 'C' ଭଳି ଦେଖାଯାଏ ଓ ଅନ୍ୟ କେତେକ ରାତ୍ରିରେ ଚନ୍ଦ୍ର ଏପରି ଦେଖାଯାଏ, ଯେପରି ମଝିରୁ କାଟି ଦିଆଯାଇଛି । ଏଭଳି କିଛି ଦିନ ଅଛି, ଯେଉଁଦିନ ଆକାଶରେ ଚନ୍ଦ୍ର ଆଦୌ ଦେଖାଯାଏ ନାହିଁ । ଏହାକୁ "ଅମାବାସ୍ୟା" ଅର୍ଥାତ୍ ନୂଆ ଚନ୍ଦ୍ର କୁହାଯାଏ । ଏହା ପର୍ଯ୍ୟାୟ କ୍ରମେ ଘଟିଥାଏ । ପ୍ରାଚୀନ କାଳରେ ଦିନର ଗଣନା ପାଇଁ ଚନ୍ଦ୍ରର ଆକୃତିକୁ ବ୍ୟବହାର କରୁଥିଲେ । ଏହି ଧାରଣାକୁ ନେଇ ସର୍ବ ପ୍ରାଚୀନ କ୍ୟାଲେଣ୍ଡର (ପଞ୍ଜିକା) ପ୍ରସ୍ତୁତ କରାଯାଇଥିଲା ।

ଚନ୍ଦ୍ରର ଆକୃତିକୁ ଆଧାର କରି ଆମେ ବିଭିନ୍ନ ପର୍ବ ପାଳନ କରିଥାଉ । ଯେଉଁଦିନ ଆକାଶରେ ପୂର୍ଣ୍ଣ ଗୋଲାକାର ଚନ୍ଦ୍ରଥାଏ, ସେଦିନ ରକ୍ଷାବନ୍ଧନ, ଗୁରୁପୂର୍ଣ୍ଣିମା ଏବଂ ବୁଦ୍ଧପୂର୍ଣ୍ଣିମା ଇତ୍ୟାଦି ପାଳନ ହୋଇଥାଏ । ଅମାବାସ୍ୟାର ପରଦିନ ଅର୍ଥାତ୍ ନୂଆଚନ୍ଦ୍ର ଦୃଶ୍ୟ (ନିଉମୁନ୍) ଦିନ "ଇଦ୍" ପାଳନ କରାଯାଏ ।



ଛଟ୍ ପୂଜା



କରବା ଚୌଥ



ଇଦ୍



ପୋଙ୍ଗଲ୍



ଦୀପାବଳୀ



https://withteachers.in/

## ଆସ ଲେଖିବା

ତୁମେ ତୁମ ପରିବାର କିମ୍ବା ଗୋଷ୍ଠୀ ସହିତ ସୂର୍ଯ୍ୟ କିମ୍ବା ଚନ୍ଦ୍ର ସମ୍ପର୍କିତ କୌଣସି ପର୍ବ ପାଳନ କରିଛ କି ? ତୁମ ଭାଷାରେ କ'ଣ କୁହାଯାଏ ?




______________________________

______________________________

______________________________

### ଭାରତର ଚନ୍ଦ୍ରୟାନ ଅଭିଯାନ:

ତୁମେ ତୃତୀୟ ଶ୍ରେଣୀ ଇଂରାଜୀ ଓ ହିନ୍ଦି ପାଠ୍ୟପୁସ୍ତକରେ ଚନ୍ଦ୍ରୟାନ ଅଭିଯାନ ସଂପର୍କରେ ପଢ଼ିଛ । ୨୦୨୩ ମସିହା ଅଗଷ୍ଟ ମାସ ୨୩ ତାରିଖରେ ଭାରତର "ବିକ୍ରମ ଲ୍ୟାଣ୍ଡର" ସଫଳତାର ସହ ଚନ୍ଦ୍ର ପୃଷ୍ଠରେ ଅବତରଣ କରି ଚନ୍ଦ୍ର ବିଷୟରେ ବହୁ ମୂଲ୍ୟବାନ ତଥ୍ୟ ସଂଗ୍ରହ କରିଥିଲା ।

## ଆସ କରି ଦେଖିବା

୧. ଦୁଇଟି ପାର୍ଥକ୍ୟ ଲେଖ
   (କ) ଦିନ ଓ ରାତି
   (ଖ) ସକାଳ ଓ ସନ୍ଧ୍ୟାରେ ଆକାଶ
   (ଗ) ଦିନ ଓ ରାତିରେ ଆମର କାର୍ଯ୍ୟକଳାପ
   (ଘ) ଦିନ ଓ ରାତିର ପଶୁମାନଙ୍କର କାର୍ଯ୍ୟକଳାପ

୨. ଅନୁସନ୍ଧାନ କରି ଲେଖ:
   ଶିକ୍ଷକ କହିଲେ, ସୂର୍ଯ୍ୟ ଦିନରେ ପୂର୍ବରୁ ପଶ୍ଚିମକୁ ଗତି କରୁଥିବା ପରି ମନେହୁଏ । ମିରା ଏହି ବିଷୟରେ ଅଧିକ କୌତୂହଳି ହୋଇ କିଛି ପ୍ରଶ୍ନ ଶିକ୍ଷକଙ୍କୁ କରିବାପାଇଁ ଚିନ୍ତା କରିଛି । ଅତି କମ୍‌ରେ ଦୁଇଟି ପ୍ରଶ୍ନ ଚିନ୍ତା କର ଯାହା ସେ ତାଙ୍କ ଶିକ୍ଷକଙ୍କୁ ପଚାରିବ ।



https://withteachers.in/

୩. ଚିତ୍ର ଅଙ୍କନ କର

ମନେକର ତୁମେ ସକାଳେ ଏବଂ ଅପରାହ୍ନ ସମୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡ଼ା ହୋଇଛ, ସକାଳେ ତୁମର ଛାୟା ଗୋଟିଏ ଦିଗକୁ ଏବଂ ଅପରାହ୍ନରେ ବିପରୀତ ଦିଗକୁ ସୃଷ୍ଟି ହେଲା । କହିପାରିବକି, ତୁମ ଛାୟାର ଦୈର୍ଘ୍ୟ ଉଭୟ ସକାଳେ ଓ ଅପରାହ୍ନରେ କାହିଁକି ସମାନ ହେବ ?

୪. ଶବ୍ଦକୁ ନେଇ ସୃଜନଶୀଳ ହୁଅ:

(କ) ଆକାଶର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରି ନିଜ ମନରୁ କବିତାଟିଏ ଲେଖ ।

(ଖ) ତଳେ ଦିଆଯାଇଥିବା ପ୍ରହେଳିକା ବୁଝି ଉତ୍ତର ଲେଖ ।

(୧) ମାମୁଁ ଘରେ ଗୋଟେ ଗାଈ
ରାତି ପାହିଲେ ମୋଟେ ନାହିଁ।
ଏହା କ'ଣ ?
--------------------------

(୨) ମୁଁ ଥାଏ ଯେଉଁଠି
ଅନ୍ଧାର ନଥାଏ ସେଇଠି।
ଏହା କ'ଣ ?
--------------------------

(୩) ରାତିରେ ମୁହିଁ ଆଲୋକ ଦିଏ
ଦିନରେ କେହି ଖୋଜିନଥାଏ।
ଏହା କ'ଣ ?
--------------------------



https://withteachers.in/

## ସୂଚନା :



https://withteachers.in/